# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁନ୍ ୧୩/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Sambalpur, Sunday, June 13/2021 | ★★

୧୭ଶ ଭାଗ ୧୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଶନିବାର ଜଗନ୍ନାଥଙ୍କ ରଥରେ ଚକ-ଅଖ ସଂଯୋଗ କରାଯାଉଛି।

# ବ୍ଲାକ୍ ଫଙ୍ଗସ୍ ଔଷଧ ଟିକସମୁକ୍ତ

**ନୂଆଦିଲ୍ଲୀ, ୧୨।୬(ପି.ଟି.)**

- **ଶସ୍ତା ହେବ ରେମ୍‌ଡେସିଭିର**
- **କୋଭିଡ୍ ଟିକା ଉପରେ ୫% ଜିଏସ୍‌ଟି ଅପରିବର୍ତ୍ତିତ**

ବ୍ଲାକ୍ ଫଙ୍ଗସ୍ ଔଷଧକୁ ସରକାର ଟିକସମୁକ୍ତ କରିଛନ୍ତି। ଶନିବାର ଜିଏସ୍‌ଟି କାଉନସିଲ ବୈଠକ ବସି ରେମ୍‌ଡେସିଭିର ଭଳି କୋଭିଡ୍-୧୯ ଔଷଧ ଏବଂ ମେଡିକାଲ ଅକ୍ସିଜେନ୍, କନ୍‌ସେଣ୍ଟ୍ରେଟର ଆଦି ହସ୍ପିଟାଲ ସରଞ୍ଜାମ ଉପରେ ସେବା ଓ ଦ୍ରବ୍ୟ ଟିକସ (ଜିଏସ୍‌ଟି) ହ୍ରାସ କରାଯାଇଛି। ତେବେ କୋଭିଡ୍ ଟିକା ଉପରେ ଟିକସ ୫ ପ୍ରତିଶତ ଅପରିବର୍ତ୍ତିତ ରହିଛି। ଟିକା ଉପରୁ ଜିଏସ୍‌ଟି କମାଇବା ପାଇଁ ହେଉଥିବା ଦାବିକୁ କାଉନସିଲ୍ ଗ୍ରହଣ କରିନାହିଁ। ମେଘାଳୟ ଉପମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗମାଙ୍କ ନେତୃତ୍ୱରେ ମନ୍ତ୍ରୀଗୋଷ୍ଠୀ ସୁପାରିସ ଆଧାରରେ ଟିକସ ହ୍ରାସ ନିଷ୍ପତ୍ତି ନିଆଯାଇଛି। ଏହି ଟିକସ ହ୍ରାସ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୈଧ ରହିବ। ପରେ ସମୟସୀମା ବଢ଼ାଯାଇପାରେ ବୋଲି କୁହାଯାଇଛି।

ଜିଏସ୍‌ଟି କାଉନସିଲର ନିଷ୍ପତ୍ତି ଅନୁଯାୟୀ ବ୍ଲାକ୍ ଫଙ୍ଗସ୍ ଚିକିତ୍ସାରେ ବ୍ୟବହୃତ ହେଉଥିବା ୨ଟି ଔଷଧ ମନୋକ୍ଲୋନାଲ ଆଣ୍ଟିବଡି ଟୋସିଲିଜୁମାବ୍ ଏବଂ ଆମ୍ଫୋଟେରିସିନ୍-ବି ଉପରେ ଆଦୌ ଟିକସ ଦେବାକୁ ପଡ଼ିବ ନାହିଁ। କୋଭିଡ୍ ଟିକା ଉପରେ ୫ ପ୍ରତିଶତ ଜିଏସ୍‌ଟି କାଏମ ରହିଥିବାବେଳେ ହ୍ୟାଣ୍ଡ ସାନିଟାଇଜର, ପଲ୍ସ ଅକ୍ସିମିଟର, ବିଆଇପିଏପି ମେଶିନ, ଟେଷ୍ଟିଂ କିଟ୍, ଆମ୍ବୁଲାନ୍ସ ଏବଂ ତାପମାତ୍ରା ଯାଞ୍ଚ ଆଦି ୧୮ଟି ଉପକରଣ ଉପରେ ଜିଏସ୍‌ଟି ହାର କମାଇଦିଆଯାଇଛି। ଜିଏସ୍‌ଟି ସମ୍ପର୍କିତ ନିଷ୍ପତ୍ତି ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ସରକାର ସମସ୍ତ ଟିକା କିଣି ନାଗରିକମାନଙ୍କୁ ମାଗଣାରେ ଦେଉଥିବାରୁ

☞ପୃଷ୍ଠା-୪




# ମେଘାଙ୍କୁ ପୁଲିଜର

## ଜର୍ଜ ଫ୍ଲଏଡ୍ ହତ୍ୟାର ରେକର୍ଡ କରିଥିବା ଡାନେଲାଙ୍କୁ ସ୍ୱତନ୍ତ୍ର ପୁରସ୍କାର

**ନୂଆଦିଲ୍ଲୀ, ୧୨।୬**



ମେଘା ରାଜଗୋପାଳନ

ଚାଇନା ସରକାର ଉଇଗର ମୁସଲମାନମାନଙ୍କୁ ଗଣ ଅଟକ ରଖିବା ଘଟଣାର ରହସ୍ୟ ଉନ୍ମୋଚନ କରିଥିବା ଭାରତୀୟ ବଂଶୋଦ୍ଭବ ଖବରଦାତା ମେଘା ରାଜଗୋପାଳନଙ୍କୁ ମର୍ଯ୍ୟାଦାଜନକ ପୁଲିଜର ପୁରସ୍କାର ମିଳିଛି। ବଜ୍‌ଫିଡ୍ ନ୍ୟୁଜ୍‌ରେ କାମ କରୁଥିବା ରାଜଗୋପାଳନଙ୍କ ସମେତ ଅନ୍ୟ ଦୁଇଜଣ ଭାରତୀୟ ବଂଶୋଦ୍ଭବ ଖବରଦାତା ମଧ୍ୟ ଆମେରିକାର ଏହି ସର୍ବୋଚ୍ଚ ସାମ୍ବାଦିକତା ପୁରସ୍କାର ବିଜୟୀ ହୋଇଛନ୍ତି। ଏହା ବ୍ୟତୀତ ଆମେରିକାର ମିନିଆପଲିସରେ କୃଷ୍ଣକାୟ ଜର୍ଜ ଫ୍ଲଏଡ୍‌ଙ୍କୁ ପୋଲିସ ଅଧିକାରୀ ଆଣ୍ଠୁରେ ଚାପି ହତ୍ୟା କରିବା ଘଟଣାର ରେକର୍ଡ କରିଥିବା ନାବାଳିକା ଡାନେଲା ଫ୍ରାଜିୟରଙ୍କୁ ତାଙ୍କର ଏହି ଦୁଃସାହସିକ କାର୍ଯ୍ୟ ପାଇଁ ପୁଲିଜର ପୁରସ୍କାର ମିଳିଛି। ମିନିଆପଲିସର ଷ୍ଟାର ଟ୍ରିବ୍ୟୁନ୍ ୨୦୨୦ ମେ' ୨୫ରେ ଫ୍ଲଏଡ୍ ହତ୍ୟା ଘଟଣା ଲୋକଲୋଚନକୁ ଆଣିବା ପରେ ଆମେରିକାରେ ବର୍ଣ୍ଣବୈଷମ୍ୟ ଆନ୍ଦୋଳନ ମୁଣ୍ଡ ଟେକିଥିଲା।

ଜିନ୍‌ଜିଆଙ୍ଗରେ ଚାଇନା ହଜାର ହଜାର ମୁସଲମାନଙ୍କୁ ଅଟକ ରଖିବା ପରେ ୨୦୧୭ରେ ରାଜଗୋପାଳନ ପ୍ରଥମେ ଉକ୍ତ ନଜରବନ୍ଦୀ କ୍ୟାମ୍ପକୁ ଯାଇ ଖବର ସଂଗ୍ରହ କରିଥିଲେ। ସେତେବେଳେ ଚାଇନା ଏଭଳି କୌଣସି କ୍ୟାମ୍ପ ନାହିଁ ବୋଲି କହୁଥିଲା। ଚାଇନା କର୍ତ୍ତୃପକ୍ଷ ତାଙ୍କ ମୁହଁ ବନ୍ଦ କରିବାକୁ ସେତେବେଳେ ଉଦ୍ୟମ କରିଥିଲେ। ତାଙ୍କ ଭିଜା ରଦ୍ଦ କରାଯିବା ସହ ଦେଶରୁ ବାହାର କରିଦିଆଯାଇଥିଲା ବୋଲି ବଜ୍‌ଫିଡ୍ ନ୍ୟୁଜ୍ ତାଙ୍କ ପ୍ରାଇଜ୍ ଏଣ୍ଟ୍ରିରେ ଲେଖିଛି। ଏହା ସତ୍ତ୍ୱେ ରାଜଗୋପାଳନ ନୀରବ ନ ରହି ଲଣ୍ଡନରୁ କାମ କରିଥିଲେ। ସେ ଦୁଇଜଣ ସହଯୋଗୀ ଆଲିସନ କିଲିଙ୍ଗ

☞ପୃଷ୍ଠା-୪



ଡାନେଲା ଫ୍ରାଜିୟର



ଜର୍ଜ ଫ୍ଲଏଡ୍

# ପେଟ୍ରୋଲ ୨୭, ଡିଜେଲ ୨୬ ପଇସା ବଢ଼ିଲା

**ଭୁବନେଶ୍ୱର,୧୨।୬ (ବ୍ୟୁରୋ)**

**ଡିଜେଲ ମଧ୍ୟ ୧୦୦ ଟପିଲା**

ଲଗାତର ଦ୍ୱିତୀୟ ଦିନ ପାଇଁ ତୈଳ ଦର ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୨୭ ପଇସା ବଢ଼ିଥିବାବେଳେ ଡିଜେଲରେ ମଧ୍ୟ ୨୬ ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୬.୮୭ ଟଙ୍କା ଏବଂ ଡିଜେଲ ୯୪.୭୯ ଟଙ୍କାରେ ବିକ୍ରି ହେଉଛି। ଦର ବୃଦ୍ଧିକୁ ହିସାବ କଲେ ମେ' ୪ରୁ ଜୁନ୍ ୧୨ ମଧ୍ୟରେ ଡିଜେଲ ୬.୮୧ ଟଙ୍କା ଏବଂ ପେଟ୍ରୋଲ ୫.୭୫ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କଟକରେ ପେଟ୍ରୋଲ ଲିଟର ପିଛା ୯୭.୧୯ ଟଙ୍କା ଏବଂ ଡିଜେଲ ୯୫.୦୯ ଟଙ୍କାରେ ଖାଉଟି କ୍ରୟ କରୁଥିବା ଜଣାପଡ଼ିଛି। ମେ' ୪ରୁ ଅଦ୍ୟାବଧି କ୍ରମାଗତ ୨୪ ଥର ତୈଳ ଦର ପରିବର୍ତ୍ତନ ହୋଇଥିବା

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପ୍ରତିବାଦର ସ୍ୱର**

ଏମା
କୋରୋନେଲ
ଏସ୍ପୁରୋ



# କାଳ କୋଠରିରେ ବ୍ୟୁଟି କୁଇନ୍

**ସରକାରଙ୍କ ପକ୍ଷରୁ ଅଣାଯାଇଥିବା ଅଭିଯୋଗ ସତ କି? ତୁମେ ଡ୍ରଗ୍ସ କିଙ୍ଗ୍‌ଙ୍କୁ ଜେଲରୁ ଫେରାର ହେବାରେ ସାହାଯ୍ୟ କରିଥିଲ କି ବୋଲି ଫେଡେରାଲ କୋର୍ଟରେ ବିଚାରପତି ପ୍ରଶ୍ନ କରିଥିଲେ। ଜେଲର ଗ୍ରୀନ୍ ୟୁନିଫର୍ମ ପିନ୍ଧି କାଠଗଡ଼ାରେ ଛିଡ଼ା ହୋଇଥିବା ୩୧ ବର୍ଷୀୟା ସୁନ୍ଦରୀ ଜଣକ ଟ୍ରାନ୍ସଲେଟରଙ୍କ ଜରିଆରେ ଉତ୍ତର ଦେଇଥିଲେ 'ହଁ'।**

**ଜେଲରେ ପଢୁଛନ୍ତି ରୋମାଣ୍ଟିକ ଉପନ୍ୟାସ**

**ମେକ୍ସିକୋ ସିଟି, ୧୨।୬**

ଓଠରେ ଲାଲ୍ ଲିପ୍‌ଷ୍ଟିକ୍, ବେକରେ ହୀରା ଅଳଙ୍କାର ଓ ଦେହରେ ଟାଇଟ୍ ଫିଟିଙ୍ଗ୍ ଜିନ୍ସ। ଉତ୍ତର-ଆମେରିକୀୟ ରାଷ୍ଟ୍ର ମେକ୍ସିକୋରେ ଡ୍ରଗ୍ସ କିଙ୍ଗ୍‌ପିନ୍‌ଙ୍କ ଏଭଳି ବେଶଧାରୀ ପ୍ରେମିକାଙ୍କୁ 'ବ୍ୟୁକୋନା' କୁହାଯାଏ। କୁଖ୍ୟାତ୍ ଡ୍ରଗ୍ସ ମାଫିଆ ଜୋଆକ୍ୱିନ୍ 'ଏଲ୍ ଚାପୋ' ଗୁଜ୍‌ମ୍ୟାନ୍‌ଙ୍କ ସ୍ତ୍ରୀ ଏମା କୋରୋନେଲ ଏସ୍ପୁରୋ ମଧ୍ୟ ଜଣେ ବ୍ୟୁକୋନା। ସେ ନ୍ୟୁୟର୍କରେ ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ଡ୍ରଗ୍ସ ମାଫିଆଙ୍କ ସ୍ତ୍ରୀ ହିସାବରେ ଏହାକୁ ତାଙ୍କର ଫାଇଦା ବୋଲି କୁହାଯାଇପାରେ। ସେହି ଡ୍ରଗ୍ସ ମାଫିଆଙ୍କ ପ୍ରତି ନିଜ ଆନୁଗତ୍ୟ ଯୋଗୁ ଏବେ ଏହି ୩୧ ବର୍ଷୀୟା ବ୍ୟୁଟି କୁଇନ କାଳ କୋଠାରିରେ ବନ୍ଦୀ।

☞ପୃଷ୍ଠା-୪




ସ୍ୱର୍ଗତଃ ଶ୍ରୀଯୁକ୍ତ ଲାଲ୍‌ଚାନ୍ଦ୍ ହଂସ

ତିରୋଧାନ : ୧୩ ଜୁନ୍ ୧୯୮୯

ସର୍ବଦା ଆମ ପାଇଁ ପ୍ରେରଣାର ଉତ୍ସ

ସକାରାତ୍ମକତାର ଚିର ପ୍ରବାହ

ସେ ସ୍ୱର୍ଗବାସୀ ହେବାର ଦୀର୍ଘ ୩୨ ବର୍ଷ ବିତିଗଲାଣି। ପିତାଙ୍କ ମୂଲ୍ୟବୋଧ ଆମକୁ ଏବେବି ଅନୁପ୍ରାଣିତ କରୁଛି। ତାଙ୍କର ଅଦମ୍ୟ ଇଚ୍ଛାଶକ୍ତି, ଅଟଳ ମୂଲ୍ୟବୋଧ ଆମକୁ ମହାମାରୀର କଠିନ ସମୟ ଭିତର ଦେଇ ଗତି କରିବାରେ ସହାୟକ ହେଉ। ତାଙ୍କର ଆଶୀର୍ବାଦ ସର୍ବଦା ଆମକୁ ମାର୍ଗ ପ୍ରଦର୍ଶନ କରୁ।

ଶ୍ରୀଯୁକ୍ତ ସଂଜୟ ହଂସ ଏବଂ ପରିବାରବର୍ଗଙ୍କ ସହିତ ଲାଲ୍‌ଚାନ୍ଦ୍ ଗ୍ରୁପ୍ ଅଫ୍ କମ୍ପାନୀର ପରିଚାଳନା କମିଟି ଓ କର୍ମକର୍ତ୍ତାମାନଙ୍କ ଭକ୍ତିଭରା ଶ୍ରଦ୍ଧାଞ୍ଜଳି।

LALCHND

Odisha's Most Trusted Jeweller

**ଅଷ୍ଟିନ୍‌ରେ ଗୁଳିକାଣ୍ଡ: ୧୩ ଆହତ**

ଆମେରିକାର ଅଷ୍ଟିନ୍ ସହରରେ ଶନିବାର ଗୁଳିକାଣ୍ଡ ଘଟିଛି। ଏଥିରେ ୧୩ ଜଣ ଆହତ ହୋଇଛନ୍ତି। ବାର୍, ରେଷ୍ଟୁରାଣ୍ଟ ଥିବା ଜନଗହଳି ସ୍ଥାନରେ ଗୁଳିକାଣ୍ଡ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାବେଳେ ସନ୍ଦିଗ୍ଧ ଜଣକ ଜଣେ ପୁରୁଷ ବୋଲି ପୋଲିସ କହିଛି।



# ମୃତ୍ୟୁସଂଖ୍ୟା ଲୁଚାଉଛି ଏମ୍‌ପି

ଭୋପାଳ, ୧୨।୬



କରୋନାଜନିତ ମୃତ୍ୟୁ ତଥ୍ୟ ବିଭିନ୍ନ ରାଜ୍ୟ ସରକାର ଲୁଚାଇଥିବା ନେଇ ବାରମ୍ବାର ଅଭିଯୋଗ ଉଠୁଛି। ପାଟନା ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସମୀକ୍ଷା ହେବାରୁ ଗୁରୁବାର ବିହାରରେ ମୃତ୍ୟୁସଂଖ୍ୟା ବଢ଼ିଯିବାରୁ ଏହି ଅଭିଯୋଗ ଭିତ୍ତିହୀନ ନୁହେଁ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି। ଏବେ ମଧ୍ୟପ୍ରଦେଶ(ଏମ୍‌ପି)ର ଶିବରାଜ ସିଂ ଚୌହାନ ସରକାର ମଧ୍ୟ ସମାନ ରାସ୍ତାରେ ଯାଇ ପ୍ରକୃତ ମୃତ୍ୟୁସଂଖ୍ୟା ଲୁଚାଉଥିବା ଚର୍ଚ୍ଚା ହେବାରେ ଲାଗିଛି। ମହାମାରୀର ପ୍ରଥମ ଲହର ତୁଳନାରେ ଦ୍ୱିତୀୟ ଲହରରେ ଏମ୍‌ପିରେ ମୃତ୍ୟୁସଂଖ୍ୟା ପାଖାପାଖି ୩ ଗୁଣରୁ ଅଧିକ ରହିଥିବା ବିଭିନ୍ନ ରିପୋର୍ଟ କହୁଥିବାବେଳେ ସରକାରୀ ଆକଳନ ଅନୁସାରେ କିନ୍ତୁ ଏହା ରାଜ୍ୟର ମୋଟ ମୃତ୍ୟୁର ମାତ୍ର କିଛି ଅଂଶ।

ସିଭିଲ ରେଜିଷ୍ଟ୍ରେଶନ ସିଷ୍ଟମ୍ ଡାଟା କହୁଛି, କୋଭିଡ୍ ପୂର୍ବବର୍ତ୍ତୀ ସମୟରେ ୨୦୧୮ ଓ ୨୦୧୯ ଏପ୍ରିଲ ଏବଂ ମେ’ ମାସ ମଧ୍ୟରେ ମଧ୍ୟପ୍ରଦେଶରେ ମୋଟ ମୃତ୍ୟୁ ସଂଖ୍ୟା ୫୯ ହଜାର ରେକର୍ଡ ହୋଇଥିଲା। କିନ୍ତୁ ଚଳିତ ବର୍ଷ ଏପ୍ରିଲ ଏବଂ ମେ’ରେ ରାଜ୍ୟରେ ଏହି ସଂଖ୍ୟା ୨.୩ ଲକ୍ଷ ରହିଛି ଯାହାକି, ହାରାହାରି ମୃତ୍ୟୁସଂଖ୍ୟାର ୨୯୦ ପ୍ରତିଶତ। ଏହି ସମୟରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଶୀର୍ଷରେ ରହିଥିଲା। କେବଳ ମେ’ରେ ଅତିରିକ୍ତ ୧.୭୪ ଲକ୍ଷ ଲୋକଙ୍କ ଜୀବନ ଯାଇଛି। ତେଣୁ ଏହି ମୃତ୍ୟୁସଂଖ୍ୟା କରୋନାଜନିତ ହୋଇପାରେ ବୋଲି ଏଡ଼ାଇ ଦିଆଯାଇ ନ ପାରେ। ଅପରପକ୍ଷେ ସରକାରୀ ତଥ୍ୟ କହୁଛି, ମଧ୍ୟପ୍ରଦେଶରେ ଚଳିତ ବର୍ଷ ଏପ୍ରିଲ ଏବଂ ମେ’ରେ କେବଳ ୪,୧୦୦ ଲୋକଙ୍କ କରୋନା ଯୋଗୁ ମୃତ୍ୟୁ ଘଟିଛି ଯାହା କି, ମୋଟ ମୃତ୍ୟୁର ମାତ୍ର କିଛି ଅଂଶ। ଏବେ ସୁଦ୍ଧା ମୋଟ ୮,୫୧୦ ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ସରକାର କହୁଛନ୍ତି। ହେଲେ ରାଜ୍ୟ ସରକାର ଦେଇଥିବା କୋଭିଡ୍ ମୃତକଙ୍କ ସଂଖ୍ୟା ସନ୍ଦେହ ଘେରକୁ ଆସିଛି। ଶବଦାହ ଗଣନା ତଥ୍ୟ ଅନୁସାରେ କେବଳ ଭୋପାଳ

- ସରକାରୀ ରେକର୍ଡରେ ୮,୫୦୦
- ମୃତ୍ୟୁସଂଖ୍ୟା ଗତବର୍ଷଠାରୁ ୨୯୦% ଅଧିକ

ଜିଲାରେ ଗତ ଏପ୍ରିଲରେ ୩,୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିବା ନେଇ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିବାବେଳେ ସରକାର କିନ୍ତୁ ଏହି ସଂଖ୍ୟା ୧୦୪ବୋଲି ଦର୍ଶାଇଛନ୍ତି।

ବିହାରରେ ପୂର୍ବରୁ ମୃତ୍ୟୁସଂଖ୍ୟା ୩,୯୫୧ ବୋଲି ଦର୍ଶାଯାଇଥିଲା। ପାଟନା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମୃତ୍ୟୁ ସଂଖ୍ୟାର ସମୀକ୍ଷା କରାଯିବା ପରେ ସେଠାରେ ୯,୪୨୯ ଜଣଙ୍କ କରୋନାରେ ମୃତ୍ୟୁ ଘଟିଲାଣି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଥିଲା। ଗୁଜରାଟରେ ମଧ୍ୟ ସମାନ ସ୍ଥିତି ଉପୁଜିଛି। ଗତ ମାର୍ଚ୍ଚ ୧ରୁ ମେ ୧୦ ମଧ୍ୟରେ ସରକାର କୋଭିଡ୍ ମୃତ୍ୟୁସଂଖ୍ୟା ୪,୨୧୮ ଦେଖାଇଥିବାବେଳେ ୧,୨୩,୮୭୧ ମୃତ୍ୟୁ ପ୍ରମାଣପତ୍ର ଦିଆଯାଇଥିବା ଜଣାପଡ଼ିଥିଲା। ଗତ ବର୍ଷ ଏହି ସମୟ ମଧ୍ୟରେ ଜାରି ହୋଇଥିବା ମୃତ୍ୟୁ ପ୍ରମାଣପତ୍ରଠାରୁ ଏହା ୬୫,୭୮୧ ଅଧିକ। ତେଣୁ ପ୍ରକୃତ କୋଭିଡ୍ ମୃତ୍ୟୁସଂଖ୍ୟାକୁ ଚାପି ଦିଆଯାଉଥିବା ଏଥିରୁ ଜଣାପଡୁଛି।

## ‘କୋଭିଡ୍ ମୃତ୍ୟୁର ଅଡିଟ୍ ଜରୁରୀ’



ଡ. ରଣଦୀପ୍ ଗୁଲେରିଆ

**ନୂଆଦିଲ୍ଲୀ, ୧୨।୬:** ବିଭିନ୍ନ ହସ୍ପିଟାଲ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା କୋଭିଡ୍ ଜନିତ ମୃତ୍ୟୁର ଭୁଲ୍ ତଥ୍ୟ ମହାମାରୀ ମୁକାବିଲାରେ ରଣନୀତି ପ୍ରସ୍ତୁତରେ ସହାୟକ ହୋଇ ନ ପାରେ ବୋଲି ଦିଲ୍ଲୀ ଏମ୍ସ ନିର୍ଦ୍ଦେଶକ ଡ. ରଣଦୀପ୍ ଗୁଲେରିଆ କହିଛନ୍ତି। ଠିକ୍ ତଥ୍ୟ ପାଇଁ କୋଭିଡ୍ ମୃତ୍ୟୁର ଅଡିଟ୍ କରାଯିବା ଜରୁରୀ ବୋଲି ସେ ମତ ଦେଇଛନ୍ତି। ବିଭିନ୍ନ ରାଜ୍ୟ ସରକାର କୋଭିଡ୍ ମୃତ୍ୟୁସଂଖ୍ୟା କମ୍ ଦେଖାଉଥିବା ନେଇ ଖବର ପ୍ରକାଶ ପାଇବା ସହ ବିଭିନ୍ନ ମହଲରୁ ଅଭିଯୋଗ ହେବା ପରେ ଡ. ଗୁଲେରିଆ ଏଭଳି ମନ୍ତବ୍ୟ ଦେଇଛନ୍ତି। ଜଣେ ହୃଦ୍‌ଘାତରେ ପ୍ରାଣ ହରାଇଲେ ମଧ୍ୟ ଯଦି ତାଙ୍କୁ ପୂର୍ବରୁ କରୋନା ହୋଇଥିବ ତେବେ ହୃଦ୍‌ଘାତର କାରଣ କୋଭିଡ୍। ତେଣୁ ଏହି ମୃତ୍ୟୁକୁ କୋଭିଡ୍ ମୃତ୍ୟୁ ନୁହେଁ ନ କହି କୋଭିଡ୍ ସହ ସିଧାସଳଖ ଯୋଡ଼ାଯିବା ଆବଶ୍ୟକ ବୋଲି ଡ. ଗୁଲେରିଆ କହିଛନ୍ତି। ଜଣେ କରୋନାରେ ପ୍ରାଣ ହରାଇଛନ୍ତି କି ନାହିଁ ତାହା କିଏ ନିଷ୍ପତ୍ତି ନେବେ ବୋଲି ନିକଟରେ କେରଳ ବିଧାନସଭାରେ ବିତର୍କ ହୋଇଥିଲା।

## ୧୧ ଲକ୍ଷ ତଳେ ସକ୍ରିୟ ମାମଲା



ନୂଆଦିଲ୍ଲୀ, ୧୨।୬

ଭାରତରେ କ୍ରମାଗତ ଭାବେ ସଂକ୍ରମଣ ହ୍ରାସ ପାଇବା ଫଳରେ ସକ୍ରିୟ ମାମଲା ସଂଖ୍ୟା ୧୧ ଲକ୍ଷ ତଳକୁ ଖସିଛି। ଶନିବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟାରେ ୮୪,୩୩୨ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହାକି ୭୦ ଦିନ ମଧ୍ୟରେ ସର୍ବନିମ୍ନ। କ୍ରମାଗତ ୫ ଦିନ ହେଲା ଦୈନିକ ସଂକ୍ରମଣ ୧ ଲକ୍ଷ ତଳେ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ତେବେ ମୃତ୍ୟୁସଂଖ୍ୟାରେ ହ୍ରାସ ଘଟୁନାହିଁ। ଗତ ୨୪ ଘଣ୍ଟାରେ ୪,୦୦୨ ଜଣଙ୍କର କରୋନାରେ ଜୀବନ ଯାଇଛି। ଏହାକୁ ମିଶାଇ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୩,୬୭,୦୮୧ରେ ପହଞ୍ଚିଛି। ସକ୍ରିୟ ମାମଲା ସଂଖ୍ୟା ୧୦,୮୦,୬୯୦କୁ ହ୍ରାସ ପାଇଛି, ଯାହା ମୋଟ ମାମଲାର ୩.୬୮ ପ୍ରତିଶତ। ଆରୋଗ୍ୟ ହାର ୯୫.୦୭ ପ୍ରତିଶତକୁ ବୃଦ୍ଧି ପାଇଛି। ଶୁକ୍ରବାର ୨୦,୪୪,୧୩୧ ଜଣ କୋଭିଡ୍ ପରୀକ୍ଷା କରାଇଥିଲେ। ଦୈନିକ ସଂକ୍ରମଣ ହାର ୪.୩୯ ପ୍ରତିଶତକୁ ହ୍ରାସ ପାଇଛି। କ୍ରମାଗତ ୧୯ ଦିନ ହେଲା ପଜିଟିଭିଟି ହାର ୧୦ ପ୍ରତିଶତରୁ କମ୍ ରହିଥିବା ମନ୍ତ୍ରଣାଳୟ କହିଛି। ସେହିପରି ୩୦ ଦିନ ହେଲା ଆରୋଗ୍ୟଙ୍କ ସଂଖ୍ୟା ସଂକ୍ରମଣ ସଂଖ୍ୟାଠାରୁ ଅଧିକ ରହୁଛି।

## ସଂକ୍ଷେପରେ

### ୨୦୨୨ ନିର୍ବାଚନ ପାଇଁ ଏସ୍‌ଏଡି-ବିଏସ୍‌ପି ମେଣ୍ଟ

**ଚଣ୍ଡିଗଡ଼, ୧୨।୬:** ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଏବଂ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଶନିବାର ମେଣ୍ଟ ଗଠନ କରିଛନ୍ତି। ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀକୁ ସୂଚନା ଦେଇ ଏସ୍‌ଏଡି ଅଧ୍ୟକ୍ଷ ସୁଖବୀର ସିଂ ବାଦଲ କହିଛନ୍ତି, ପଞ୍ଜାବ ରାଜନୀତିରେ ଏହା ଏକ ନୂଆ ଦିନ। ରାଜ୍ୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ବିଏସ୍‌ପି ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ୨୦୨୨ରେ ଏସ୍‌ଏଡି ଏବଂ ବିଏସ୍‌ପି ମିଳିତ ଭାବେ ନିର୍ବାଚନ ଲଢ଼ିବେ। ପଞ୍ଜାବ ବିଧାନସଭାର ୧୧୭ ଆସନ ମଧ୍ୟରୁ ବିଏସ୍‌ପି ୨୦ ଏବଂ ଏସ୍‌ଏଡି ଅବଶିଷ୍ଟ ଆସନରେ ପ୍ରାର୍ଥୀ ଦେବ ବୋଲି ସତୀଶ କହିଥିଲେ। ସୂଚନାଯୋଗ୍ୟ ଏସ୍‌ଏଡି ପୂର୍ବରୁ ଭାଜପା ସହ ମେଣ୍ଟ କରି ରାଜ୍ୟରେ ସରକାର ଗଢ଼ିଥିଲା। ଗତବର୍ଷ କୃଷି ଆଇନକୁ ବିରୋଧ କରି ବାଦଲଙ୍କ ନେତୃତ୍ୱାଧୀନ ଦଳ ଏନ୍‌ଡିଏରୁ ଓହରିଯାଇଥିଲା।

### ବିଷାକ୍ତ ଗ୍ୟାସ୍ ଲିକ୍: ୮ ମୃତ

**ବେଜିଂ, ୧୨।୬:** ଚାଇନାର ଗୁଆଙ୍ଗଝୋଉ ପ୍ରଦେଶରେ ଶନିବାର ଏକ ରାସାୟନିକ କମ୍ପାନୀରୁ ବିଷାକ୍ତ ଗ୍ୟାସ୍ ଲିକ୍ ହେବାରୁ ୮ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ଗ୍ୟାସ୍ କମ୍ପାନୀ ନିକଟରେ କେତେଜଣ ଅଚେତ ହୋଇ ପଡ଼ିଥିବା ଖବର ପାଇ ପୋଲିସ ସେମାନଙ୍କୁ ହସ୍ପିଟାଲ ନେଇଥିଲା। ପ୍ରାରମ୍ଭିକ ଅନୁଧାନ ଅନୁଯାୟୀ କର୍ମଚାରୀମାନେ ଏକ ଭ୍ୟାନ୍‌ରୁ ରାସାୟନିକ ପଦାର୍ଥ ଅନ୍‌ଲୋଡ଼ କରୁଥିବାବେଳେ ମିଥାଇଲ୍ ଫର୍ମେଟ ଲିକ୍ ହୋଇଥିଲା। ଅଧିକ ତଦନ୍ତ ଜାରି ରହିଛି।

### ୨ ପୋଲିସ ଶହୀଦ, ୩ ନାଗରିକ ମୃତ

**ଶ୍ରୀନଗର, ୧୨।୬:** ଉତ୍ତର କଶ୍ମୀରର ବାରମୁଲ୍ଲା ଜିଲା ସୋପୋର ସହରରେ ଶନିବାର ଆତଙ୍କବାଦୀଙ୍କ ଆକ୍ରମଣରେ ୨ ପୋଲିସ କର୍ମୀ ଶହୀଦ ହୋଇଛନ୍ତି। ଏଥିସହ ୩ ସାଧାରଣ ନାଗରିକଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଏଥିରେ ଆଉ ୩ ପୋଲିସ ଏବଂ ଜଣେ ନାଗରିକ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଜଏଣ୍ଟ ପୋଲିସ ଟିମ୍ ଏବଂ ସୋପୋର ଆରାମପୋରା ଅଞ୍ଚଳରେ ମୁତୟନ ହୋଇଥବା ଜଏଣ୍ଟ ପୋଲିସ ଟିମ୍ ଏବଂ ସିଆର୍‌ପିଏଫ୍ ଯବାନଙ୍କ ଉପରକୁ ଆତଙ୍କବାଦୀମାନେ ହଠାତ୍ ଗୁଳି ଚାଳନା କରିଥିଲେ। ସେମାନଙ୍କୁ ଧରିବା ପାଇଁ ଉକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ବନ୍ଦୀ କରିଦିଆଯାଇଛି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଆକ୍ରମଣକୁ ନିନ୍ଦା କରିଛନ୍ତି।

### ପାଣିରେ ବୁଡ଼ିଗଲେ ୫ ପିଲା

**ସହର୍ସା, ୧୨।୬:** ବିହାରର ସହର୍ସା ଜିଲାରେ ଶନିବାର ସକାଳେ ପାଣିରେ ବୁଡ଼ି ୫ ପିଲାଙ୍କ ମୃତ୍ୟୁ ଘଟିଛି। ସମସ୍ତଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ହେବ। ଘର ନିକଟ ଏକ ପୋଖରୀକୁ ସେମାନେ ଗାଧୋଇବାକୁ ଯାଇଥିବାବେଳେ ଜଣଙ୍କ ଗୋଡ଼ ଖସିଯାଇଥିଲା। ତାଙ୍କୁ ଉଦ୍ଧାର କରିବାକୁ ୨ ଜଣ ପାଣି ଭିତରେ ପଶିଥିଲେ। ସେମାନେ ମଧ୍ୟ ବୁଡ଼ି ଯାଉଥିବା ଦେଖି ଅନ୍ୟ ୨ ଜଣ ଉଦ୍ଧାର କରିବାକୁ ପୋଖରୀ ମଧ୍ୟକୁ ଯାଇଥିଲେ। ହେଲେ ସମସ୍ତ ୫ ଜଣଙ୍କ ସେଠାରେ ମୃତ୍ୟୁ ଘଟିଥିଲା।

### ବାହାର ଲୋକଙ୍କୁ ହଜ୍ ମନା

**୬୦ ହଜାରରେ ସୀମିତ ରହିବ**

**ଦୁବାଇ, ୧୨।୬:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସାଉଦି ଆରବରେ ଅନୁଷ୍ଠିତ ହେବାକୁ ଥିବା ମୁସଲମାନ ସମ୍ପ୍ରଦାୟର ପବିତ୍ର ହଜ୍ ତୀର୍ଥଯାତ୍ରାରେ ୬୦ ହଜାର ଲୋକ ସାମିଲ ହୋଇପାରିବେ ବୋଲି ଶନିବାର ସେଠାକାର ସରକାର ଘୋଷଣା କରିଛନ୍ତି। ଏଥିରେ କେବଳ ସ୍ଥାନୀୟ ଲୋକ ଭାଗ ନେଇପାରିବେ। ହଜ୍ ଯାତ୍ରାରେ ବାହାର ଦେଶର ଲୋକଙ୍କ ସମାଗମ ଉପରେ ରୋକ ଲଗାଯାଇଛି। ଏ ସମ୍ପର୍କରେ ଜାରି ଏକ ବିବୃତିରେ କୁହାଯାଇଛି, ଚଳିତ ବର୍ଷ ଜୁଲାଇରେ ହଜ୍ ଯାତ୍ରା ଆରମ୍ଭ ହେବ। ଏଥିରେ ୧୮ରୁ ୬୫ ବର୍ଷ ବୟସ ବର୍ଗର ଲୋକେ ସାମିଲ ହୋଇପାରିବେ। ଏଥିପାଇଁ ସମସ୍ତେ କରୋନା ଟିକା ନେଇଥିବା ଜରୁରୀ। ଗତ ବର୍ଷ ମଧ୍ୟ କଟକଣା ମଧ୍ୟରେ କେବଳ ସେହି ଦେଶର ପ୍ରାୟ ୧ ହଜାର ଲୋକଙ୍କୁ ନେଇ ହଜ୍ ଅନୁଷ୍ଠିତ ହୋଇଥିଲା। ସ୍ୱାଭାବିକ ସ୍ଥିତିରେ ମୁସଲମାନ ସମ୍ପ୍ରଦାୟର ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରତିବର୍ଷ ଏହି ଧାର୍ମିକ ଯାତ୍ରାରେ ସାମିଲ ହୋଇଥାନ୍ତି।

# ଚୋକ୍‌ସିଙ୍କୁ ମିଳିଲାନି ଜାମିନ

ନୂଆଦିଲ୍ଲୀ, ୧୨।୬



୧୩,୫୦୦ କୋଟି ଟଙ୍କା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଭାରତୀୟ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଜାମିନ ଆବେଦନକୁ ଡୋମିନିକାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜାମିନ ମିଳିଲେ ସେ ଦେଶ ବାହାରକୁ ପଳାଇଯାଇପାରନ୍ତି ବୋଲି ଅଦାଲତ କହିଥିଲେ। ତେବେ ଡୋମିନିକା ସହ ଚୋକ୍‌ସିଙ୍କର କୌଣସି ସମ୍ପର୍କ ନ ଥିବାରୁ ଦେଶ ଛାଡ଼ିବାରୁ ତାଙ୍କୁ ରୋକିବା ଲାଗି ଅଦାଲତ କୌଣସି ସର୍ତ୍ତ ଲଗାଇପାରିବେ ନାହିଁ ବୋଲି ବିଚାରପତି ୱିନାଷ୍ଟେ ଅଡ୍ରିଏନ୍ ରବର୍ଟସ କହିଛନ୍ତି। ମାଜିଷ୍ଟ୍ରେଟ୍ କୋର୍ଟ ଜାମିନ ଆବେଦନ ଖାରଜ କରିଦେବାରୁ ଚୋକ୍‌ସି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅନ୍ୟପକ୍ଷରେ ଚୋକ୍‌ସିଙ୍କୁ ଭାରତ ଆଣିବା ଲାଗି କେନ୍ଦ୍ର ସରକାରଙ୍କ

**ପ୍ରତ୍ୟର୍ପଣ ପାଇଁ ଡୋମିନିକା କୋର୍ଟରେ ସିବିଆଇର ଆବେଦନ**

ପକ୍ଷରୁ ଉଦ୍ୟମ ଜାରି ରହିଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଚୋକ୍‌ସିଙ୍କ ପ୍ରତ୍ୟର୍ପଣ ଲାଗି ଡୋମିନିକା କୋର୍ଟରେ ଦୁଇଟି ପିଟିଶନ ଦାଏର କରାଯାଇଛି। କୋର୍ଟ ଆବେଦନକୁ ଗ୍ରହଣ କଲେ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଭାରତ ପକ୍ଷରୁ ସେଠାରେ ମାମଲା ଲଢ଼ିବେ।



ନୂଆଦିଲ୍ଲୀର ଲଜପତ୍‌ନଗର ସେଣ୍ଟ୍ରାଲ ମାର୍କେଟସ୍ଥିତ ଏକ ଶୋ’ରୁମ୍ ଜଳୁଥିବାବେଳେ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରୁଛନ୍ତି।

## ଗଣତନ୍ତ୍ର ସପକ୍ଷରେ ମ୍ୟାନ୍‌ମାର ସୈନ୍ୟ

ନାପିଡାଉ, ୧୨।୬(ଆଇଏଏନ୍‌ଏସ୍)

ମ୍ୟାନ୍‌ମାରରେ ଗଣତନ୍ତ୍ର ଫେରାଇ ଆଣିବାକୁ ସେନା ଶାସନ ବିରୋଧରେ ଫେବୃୟାରୀ ୧ରୁ ଲୋକେ ଆନ୍ଦୋଳନ ଜାରି ରଖିଥିବାବେଳେ ଏବେ ଧୀରେ ଧୀରେ ଏଥିରେ ସୈନିକଙ୍କ ଯୋଗଦାନ ବଢ଼ୁଛି। ଇଚ୍ଛା ବିରୋଧରେ ଆନ୍ଦୋଳନକାରୀଙ୍କ ଉପରକୁ ଗୁଳିଚାଳନା କରିବା ନିର୍ଦ୍ଦେଶ ପାଳନ କରିବାକୁ ଚାହୁଁ ନ ଥିବା ଅନେକ ସୈନ୍ୟ ଏବେ ଲୋକଙ୍କ ସହ ସାମିଲ ହେଉଥିବା ଜଣାଯାଇଛି। ଥାନଖା ଗ୍ଲୋବାଲ ଆଲାଏନ୍ସ ସାମାଜିକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଏକ ଅନ୍‌ଲାଇନ ଆଲୋଚନାରେ ଇଣ୍ଡୋ ଏସିଆନ୍ ନ୍ୟୁଜ୍ ସର୍ଭିସ୍(ଆଇଏଏନ୍‌ଏସ୍) ଭାଗ ନେଇଥିଲା। ପ୍ରାୟ ୮ ଶହରୁ ଊର୍ଦ୍ଧ୍ୱ ସୈନିକ ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି। ଫଳରେ ସେଠାକାର ସେନା ୨ ଭାଗରେ ବିଭକ୍ତ ହୋଇଛନ୍ତି। ମ୍ୟାନ୍‌ମାରର ପ୍ରାୟ ୪ ଲକ୍ଷ ସେନା ମଧ୍ୟରୁ ୨୦ ପ୍ରତିଶତ ଲୋକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେଉଥିବା ସେନାର ପୂର୍ବତନ କ୍ୟାପ୍‌ଟେନ୍ ନାଇ ଥୁଷ୍ଟା କହିଛନ୍ତି। ଆନ୍ଦୋଳନକାରୀଙ୍କ ମଧ୍ୟରୁ ପ୍ରାୟ ୮ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସେନା କାର୍ଯ୍ୟାନୁଷ୍ଠାନରେ ମୃତ୍ୟୁ ଘଟିଲାଣି। ଏଭଳି ନରସଂହାରକୁ କେତେ ଜଣ ସେନା ଅଧିକାରୀ ମଧ୍ୟ ବିରୋଧ କରୁଥିବା ଜଣାପଡ଼ିଛି।

## ଜି ୭ର ଗ୍ଲୋବାଲ୍ ଇନ୍‌ଫ୍ରା ପ୍ଲାନ୍



ଜି୭ ସମ୍ମିଳନୀ ଅବସରରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ହାତ ମିଳାଉଛନ୍ତି।

କାର୍ବିସ ବେ (ବ୍ରିଟେନ), ୧୨।୬

ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଭିତ୍ତିଭୂମି ପ୍ରକଳ୍ପକୁ ଜି୭ ରାଷ୍ଟ୍ରଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇଛି। ଶନିବାର ଏଠାରେ ଅନୁଷ୍ଠିତ ଜି୭ ରାଷ୍ଟ୍ରମୁଖ୍ୟମାନଙ୍କ ବୈଠକରେଗ୍ଲୋବାଲ୍ ଇନ୍‌ଫ୍ରା ପ୍ଲାନ୍ (ବିଶ୍ୱ ଭିତ୍ତିଭୂମି ଯୋଜନା) ଗୃହୀତ ହୋଇଛି। ଏହି ଯୋଜନା ଅନୁଯାୟୀ ଗରିବ ରାଷ୍ଟ୍ରଗୁଡ଼ିକରେ ଉଚ୍ଚ ମାନର ଭିତ୍ତିଭୂମି ବିକାଶ ଲାଗି ସହାୟତା ଯୋଗାଇ ଦିଆଯିବ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଅନ୍ୟ ନେତାମାନେ ବେଜିଂର ରଣକୌଶଳ ପ୍ରତିଯୋଗିତାର ମୁକାବିଲା ଲାଗି ଆଲୋଚନା କରିଥିଲେ। ଏଥିରେ ଆମେରିକାର ବିଲ୍ଡ ବ୍ୟାକ୍ ବେଟର ୱାର୍ଲ୍ଡ (ବିଓ୍ୱଡବ୍ଲ୍ୟୁ) ପ୍ରୋଜେକ୍ଟକୁ ଗ୍ରହଣ

**ଚାଇନାର ବେଲ୍ଟ ଆଣ୍ଡ ରୋଡ୍‌କୁ ବିରୋଧ**

କରାଯାଇଥିଲା। ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକୁ ଭିତ୍ତିଭୂମି ବିକାଶରେ ସହାୟତା କରିବା ଏହାର ଉଦ୍ଦେଶ୍ୟ ବୋଲି ହ୍ୱାଇଟ ହାଉସ୍ ପକ୍ଷରୁ କୁହାଯାଇଛି।

ଚାଇନାର ଅର୍ଥନୀତି ଓ ରାଜନୈତିକ ପ୍ରଭାବ ବଢ଼ାଇବା ପାଇଁ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ୨୦୧୩ରେ ବେଲ୍ଟ ଆଣ୍ଡ ରୋଡ୍ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଏହି ପ୍ରକଳ୍ପ ନାମରେ ଛୋଟ ଦେଶଗୁଡ଼ିକୁ ଚାଇନା ପ୍ରଚୁର ପରିମାଣରେ ଋଣ ଦେଇଛି। ସେମାନେ ଚାଇନା ଋଣ ଜନ୍ତାରୁ ମୁକୁଳିବା ସହଜ ନୁହେଁ। ଏଥିପାଇଁ ବେଜିଂକୁ ସମାଲୋଚନା କରାଯାଇଥିଲା।

## ୨୬ରେ ରାଜଭବନ ଆଗରେ ଚାଷୀଙ୍କ ବିକ୍ଷୋଭ

ନୂଆଦିଲ୍ଲୀ, ୧୨।୬(ଆଇଏଏନ୍‌ଏସ୍)

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ବିରୋଧରେ ଚାଷୀମାନଙ୍କ ଆନ୍ଦୋଳନ ପ୍ରାୟ ୨୦୦ ଦିନରେ ପହଞ୍ଚିଥିବାବେଳେ ଏହାକୁ ଆହୁରି ଜୋର୍‌ଦାର କରିବା ଲାଗି ଆସନ୍ତା ୨୬ ତାରିଖରେ ସବୁ ରାଜ୍ୟର ରାଜଭବନ ସମ୍ମୁଖରେ ଧାରଣା ଦେବା ପାଇଁ କୃଷକ ସଂଗଠନ ଘୋଷଣା କରିଛି। ସେଦିନ ରାଜଭବନ ଆଗରେ ଚାଷୀମାନେ ଏକାଠି ହୋଇ ପ୍ରତିବାଦ କରିବା ସହ କଳା ପତାକା ଦେଖାଇବେ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ନେତା କହିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ଏକ ସ୍ମାରକ ପତ୍ର ପଠାଯିବ। ସେହିଦିନକୁ ‘କୃଷି ବଞ୍ଚାଅ, ଗଣତନ୍ତ୍ର ବଞ୍ଚାଅ ଦିବସ’ ଭାବେ ପାଳନ କରାଯିବ ବୋଲି ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ଧର୍ମେନ୍ଦ୍ର ମଲିକ କହିଛନ୍ତି। ଚାଷୀ ନେତାଙ୍କ କହିବା ଅନୁଯାୟୀ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ ଜୁନ୍ ୨୬ରେ ଦେଶରେ ଜରୁରୀ ପରିସ୍ଥିତି ଲାଗୁ କରିଥିଲେ। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଏକପ୍ରକାର ଅଘୋଷିତ ଜରୁରୀ ସ୍ଥିତି ଲାଗୁ କରିଛନ୍ତି। ଦିଲ୍ଲୀ ସୀମାରେ ମହିଳାମାନଙ୍କ ନିରାପତ୍ତାକୁ ନେଇ ଚାଷୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

## ଏଲିଜାବେଥ୍‌ଙ୍କ ଜନ୍ମଦିନ ସମ୍ମାନ ତାଲିକାରେ ଭାରତୀୟ ବଂଶୋଦ୍ଭବ

ଲଣ୍ଡନ, ୧୨।୬



ଦିବ୍ୟା ଚଢ଼ା ମାନେକ

କରୋନା ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଭାରତୀୟ ବଂଶୋଦ୍ଭବ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ନାଁ ବ୍ରିଟେନ ମହାରାଣୀ ଏଲିଜାବେଥ୍ ୨ୟଙ୍କ ଜନ୍ମଦିନ ସମ୍ମାନ ତାଲିକାରେ ସାମିଲ ହୋଇଛି। ମହାମାରୀବେଳେ ବ୍ୟକ୍ତିବିଶେଷଙ୍କ ଅସାଧାରଣ ପ୍ରୟାସ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। କରୋନା ଟିକା ପ୍ରସ୍ତୁତି ଏବଂ ଏହାର ଟ୍ରାଏଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କୋଲକାତା ଜନ୍ମିତ ଦିବ୍ୟା ଚଢ଼ା ମାନେକଙ୍କୁ ଅର୍ଡର ଅଫ୍ ଦି ବ୍ରିଟିଶ୍ ଏମ୍ପାୟର(ଓବିଇ) ସମ୍ମାନ ମିଳିଛି। ଚଢ଼ା ମାନେକ ଏବେ ବ୍ରିଟିଶ ସରକାରଙ୍କ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଲ୍‌ଥ ରିସର୍ଚ୍ଚ କ୍ଲିନିକାଲ ରିସର୍ଚ୍ଚ ନେଟ୍‌ୱର୍କରେ ବ୍ୟବସାୟ ଓ ମାର୍କେଟିଂ ନିର୍ଦ୍ଦେଶକ ଅଛନ୍ତି। ତାଲିକାରେ ୩୦ରୁ ଊର୍ଦ୍ଧ୍ୱ ଭାରତୀୟ ବଂଶୋଦ୍ଭବଙ୍କ ଭିତରୁ ଓବିଇ ସମ୍ମାନ ପ୍ରାପ୍ତଙ୍କ ମଧ୍ୟରେ ଶିଖ୍ ରିକଭରି ନେଟ୍‌ୱର୍କର ପ୍ରତିଷ୍ଠାତା ଯଶବିନ୍ଦର ସିଂ ରାଏ ଏବଂ ଲଏଡ୍ ବ୍ୟାଙ୍କିଂ ଗ୍ରୁପ୍‌ର ଯଶଜ୍ୟୋତ ସିଂ ରହିଛନ୍ତି।

## ଲାକ୍ଷାଦ୍ୱୀପର ୧୫ ଭାଜପା ନେତାଙ୍କ ଇସ୍ତଫା

କୋଚି, ୧୨।୬



ଆଇଶା ସୁଲତାନା

ଅଭିନେତ୍ରୀ ତଥା ମଡେଲ ଆଇଶା ସୁଲତାନାଙ୍କ ବିରୋଧରେ ଦେଶଦ୍ରୋହ ମାମଲାକୁ ବିରୋଧ କରି ଲାକ୍ଷାଦ୍ୱୀପ ଭାଜପା ସାଧାରଣ ସମ୍ପାଦକ ଅବଦୁଲ ହମିଦ ମୁଲ୍ଲିପୁଝାଙ୍କ ନେତୃତ୍ୱରେ ୧୫ ଜଣ ନେତା ଇସ୍ତଫା ଦେଇଛନ୍ତି। ଭାଜପା ଲାକ୍ଷାଦ୍ୱୀପ ଶାଖା ସଭାପତି ଅବଦୁଲ ଖାଦେରଙ୍କ ଅଭିଯୋଗକ୍ରମେ ପୋଲିସ ଆଇଶାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିଥିଲା। ଏକ ଟେଲିଭିଜନ ବିତର୍କରେ ଭାଗନେଇ ଆଇଶା ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ କରୋନା ସଂକ୍ରମଣ ସମ୍ପର୍କରେ ଭୁଲ୍ ଖବର ପ୍ରସାର କରୁଥିବା ଖାଦେର ଅଭିଯୋଗ କରିଥିଲେ। ଦଳୀୟ ନେତାମାନେ ଖାଦେରଙ୍କୁ ଏକ ପତ୍ର ଲେଖି ଜଣାଇଛନ୍ତି ଯେ, ଲାକ୍ଷାଦ୍ୱୀପ ପ୍ରଶାସକ ପ୍ରଫୁଲ୍ଲ ପଟେଲଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟ

**ଆଇଶାଙ୍କ ବିରୋଧରେ ଦେଶଦ୍ରୋହ ମାମଲାର ପ୍ରତିବାଦ**

ବିରୋଧରେ ଭାଜପା କର୍ମୀମାନେ ବିକ୍ଷୋଭ କରୁଥିବାବେଳେ ଆଇଶାଙ୍କ ବିରୋଧରେ ମିଥ୍ୟା ଏବଂ ଅନ୍ୟାୟପୂର୍ଣ୍ଣ ଅଭିଯୋଗ ଦାଏର କରାଯିବା ତାଙ୍କର ତଥା ତାଙ୍କ ପରିବାରର ଭବିଷ୍ୟତକୁ ନଷ୍ଟ କରିଦେବ। ପ୍ରଫୁଲ୍ଲ ପଟେଲଙ୍କ କାର୍ଯ୍ୟାନୁଷ୍ଠାନ ଜନବିରୋଧୀ, ଗଣତନ୍ତ୍ର ବିରୋଧୀ ତଥା ଲୋକମାନଙ୍କ ପାଇଁ ଦୁର୍ଦ୍ଦଶାର କାରଣ ପାଲଟିଛି। ଏହା ବିରୋଧରେ ଭାଜପା ନେତାମାନେ ସ୍ୱର ଉତ୍ତୋଳନ କରୁଛନ୍ତି। ଠିକ୍ ସେମିତି ଆଇଶା ଗଣମାଧ୍ୟମରେ ନିଜର ମତାମତ ଉପସ୍ଥାପନ କରିଛନ୍ତି। ତାଙ୍କ ନାଁରେ ଦେଶଦ୍ରୋହ ମାମଲା ରୁଜୁ ହେବାକୁ ଭାଜପା ନେତାମାନେ ବିରୋଧ କରିଛନ୍ତି। ଗତ ମେ’ରେ ଭାଜପାର ୮ ଜଣ ନେତା ପ୍ରଫୁଲ୍ଲଙ୍କ କାର୍ଯ୍ୟକୁ ବିରୋଧ କରି ଇସ୍ତଫା ଦେଇଥିଲେ। ଅଭିନେତ୍ରୀ ଆଇଶା ଉଭୟ କେନ୍ଦ୍ର ସରକାର ଏବଂ ଲାକ୍ଷାଦ୍ୱୀପ ପ୍ରଶାସକ ପ୍ରଫୁଲ୍ଲ ପଟେଲଙ୍କ ଦୃଢ଼ ସମାଲୋଚକ। ମାଲୟାଲମ ନ୍ୟୁଜ୍ ଚ୍ୟାନେଲର ଏକ ବିତର୍କରେ ଭାଗ ନେଇ ସେ କହିଥିଲେ, ଲାକ୍ଷାଦ୍ୱୀପରେ କୋଭିଡ୍-୧୯କୁ କେନ୍ଦ୍ର ସରକାର ଜୈବ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ସେ ଅଭିଯୋଗ କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୬୨,୦୧,୬୯୮ | ୩୮,୦୩,୧୧୭ | ୧୬,୦୧,୬୬,୨୨୨ |
| ଭାରତ | ୨,୯୪,୧୯,୪୦୫ | ୩,୬୭,୫୭୭ | ୨,୮୦,୦୭,୩୧୬ |
| ଓଡ଼ିଶା | ୮,୪୭,୩୧୩ | ୩୨୫୭(+୫୩) | ୭,୮୯,୦୬୬ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଦ୍ୱିତୀୟ ଲହରରେ ଓଡ଼ିଶାର ୨୮ ଡାକ୍ତରଙ୍କ ମୃତ୍ୟୁ

**ଭୁବନେଶ୍ୱର,୧୨।୬(ବ୍ୟୁରୋ):** କରୋନାର ଦ୍ୱିତୀୟ ଲହରରେ ଦେଶରେ ୭୧୯ ଡାକ୍ତରଙ୍କ ମୃତ୍ୟୁ ହୋଇଛି। ଏଥିରେ ଓଡ଼ିଶାର ୨୮ଜଣ ଡାକ୍ତର ରହିଥିବା ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବିହାରରେ ସର୍ବାଧିକ ୧୧୧ଜଣ ଡାକ୍ତରଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀରେ ୧୦୯, ଉତ୍ତରପ୍ରଦେଶ ୭୯, ପଶ୍ଚିମବଙ୍ଗ ୬୩, ରାଜସ୍ଥାନ ୪୩, ଝାଡ଼ଖଣ୍ଡ ୩୯, ଗୁଜରାଟ ୩୭, ତେଲଙ୍ଗାନା ୩୬, ଆନ୍ଧ୍ରପ୍ରଦେଶ ୩୫ ଓ ତାମିଲନାଡୁର ୩୨ ଡାକ୍ତର ରହିଛନ୍ତି। ତେବେ ପ୍ରଥମ ଲହରରେ ଦେଶରେ ପ୍ରାୟ ୭୪୮ ଡାକ୍ତରଙ୍କ ମୃତ୍ୟୁ ଘଟିଥିବା ଆଇଏମ୍ଏ କହିଛି। କିନ୍ତୁ ଆଇଏମ୍ଏର ଏହି ତଥ୍ୟଠାରୁ ଢେର୍ ଅଧିକ ଡାକ୍ତରଙ୍କର କରୋନାରେ ମୃତ୍ୟୁ ଘଟିଛି। କାରଣ ଦେଶରେ ୧୨ଲକ୍ଷରୁ ଅଧିକ ଡାକ୍ତର କାର୍ଯ୍ୟରତ ଥିବାବେଳେ ଆଇଏମ୍ଏ କେବଳ ନିଜ ପଞ୍ଜୀକୃତ ପ୍ରାୟ ସାଢ଼େ ୩ଲକ୍ଷ ସଦସ୍ୟଙ୍କୁ ନେଇ ଅନୁଧ୍ୟାନ କରିଛି।

### ୫୨ ଓଇଏସ୍ ଅଧିକାରୀଙ୍କ ପଦୋନ୍ନତି

**ଭୁବନେଶ୍ୱର, ୧୨।୬(ବ୍ୟୁରୋ)** ବିଦ୍ୟାଳୟ ଓ ଗଣଶିକ୍ଷା ବିଭଗ ପକ୍ଷରୁ ଓଡ଼ିଶା ଶିକ୍ଷା ସେବା (ଓଇଏସ୍)ର ୫୨ଜଣ ଅଧିକାରୀଙ୍କୁ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗକୁ ପଦୋନ୍ନତି ଦିଆଯାଇଛି। ଏ ନେଇ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଧିକାରୀମାନଙ୍କୁ ବିଭିନ୍ନ ବ୍ଲକ୍‌ର ସିନିୟର ଶିକ୍ଷାଧିକାରୀ ଓ ବିଭିନ୍ନ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ପଦରେ ଅବସ୍ଥାପିତ କରାଯାଇଛି। ସେପଟେ ସରକାରଙ୍କ ଏହି ପଦକ୍ଷେପକୁ ଓଡ଼ିଶା ଶିକ୍ଷା ସେବା ସଂଘ ସ୍ୱାଗତ କରିବା ସହିତ ଖୁସିବ୍ୟକ୍ତ କରିଛି। ସଂଘ ସଭାପତି ପ୍ରଦୀପ କୁମାର ନାୟକ ଓ ସମ୍ପାଦକ ସନାତନ ପଣ୍ଡା ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ୬୩ଜଣ ଶିକ୍ଷାଧିକାରୀଙ୍କୁ ପଦୋନ୍ନତି ଦିଆଯାଇଥିଲା।

# ବଢୁଛି ଅନ୍‌ଲକ୍ ସମ୍ଭାବନା

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ରାଜ୍ୟରେ ତଳମୁହାଁ ହେଉଛି କରୋନା ସଂକ୍ରମଣ। ଅନେକ ଜିଲାରେ ସଂକ୍ରମଣ ହାର କମ୍ ରହୁଥିବାରୁ ଆସନ୍ତା ୧୭ତାରିଖ ସକାଳ ୫ଟାରେ ଲକ୍‌ଡାଉନ ଶେଷ ହେବା ପରେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଯେଉଁ ଜିଲାରେ ସଂକ୍ରମଣ ହାର କମୁଛି, ସେଠାରେ ପର୍ଯ୍ୟାୟକ୍ରମେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସରକାର ଚିନ୍ତା କରୁଥିବା ନିକଟରେ ମୁଖ୍ୟମନ୍ତ୍ରୀ ମଧ୍ୟ କହିଥିଲେ। ତେଣୁ ସଂକ୍ରମଣ ହାର ଖସୁଥିବାରୁ ଲକ୍‌ଡାଉନ୍ ହଟିଯିବ ବୋଲି ଆଶା କରାଯାଉଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ସଂକ୍ରମଣ ହାର ୫% ତଳେ ରହୁଥିବାରୁ ସେସବୁ ସ୍ଥାନରେ ଅନ୍‌ଲକ୍ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

ସେପଟେ ରାଜ୍ୟରେ ଏବେ ସକ୍ରିୟ ରୋଗୀଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି ଏବଂ ରେଡ୍ ଜୋନ୍‌ରେ ଥିବା ଅନେକ ଜିଲା ୟେଲୋ ଓ ଗ୍ରୀନ୍ ଜୋନ୍‌କୁ ଆସିଲାଣି। ଏବେ ସକ୍ରିୟ ରୋଗୀ ସଂଖ୍ୟାରେ ୯ଟି ଜିଲା ରେଡ୍ ଜୋନ୍‌ରେ ରହିଛି। ଅନ୍‌ଲକ୍ ପ୍ରକ୍ରିୟା ସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ କୋଭିଡ୍ ସଂକ୍ରମଣ ଗ୍ରାଫ୍ ତଳ ମୁହାଁ ହୋଇଛି। ଏଭଳି ସ୍ଥଳେ ଧୀରେ ଧୀରେ ଅନ୍‌ଲକ୍ ଆମ ପାଇଁ ଭଲ। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଏହି ପନ୍ଥା ଅବଲମ୍ବନ କରିଛନ୍ତି। ଅନ୍‌ଲକ୍ ବେଳେ କିଛି କଟକଣା କୋହଳ ହେବ ଓ କିଛି କଟକଣା ପୂର୍ବପରି ବଳବତ୍ତର ରହିପାରେ। ସବୁ ଦିଗରୁ ସରକାର ବିଚାରବିମର୍ଶ କରି ନିଷ୍ପତ୍ତି ନେଉଛନ୍ତି। ତେଣୁ ଲୋକମାନେ ଯଦି ଏହାର ଠିକ୍ ବ୍ୟବହାର ନ କରିବେ ତେବେ ପୁଣି ଥରେ ଖରାପ ପ୍ରଭାବ ପଡ଼ିପାରେ ବୋଲି ସେ କହିଛନ୍ତି। ତେବେ ଅନ୍‌ଲକ୍ ପ୍ରକ୍ରିୟା ପାଇଁ ଜିଲାଗୁଡ଼ିକୁ ତିନୋଟି ଜୋନ୍‌ରେ ବିଭକ୍ତ କରାଯାଇ ସ୍ଥିତି ଉପରେ ନଜର ରଖାଯାଇଛି। ୧୭ ତାରିଖ ପରେ କ'ଣ ହେବ ସେନେଇ ଖୁବଶୀଘ୍ର ବୈଠକ ଡକାଯାଇ ନିଷ୍ପତ୍ତି ନିଆଯିବ। ୧୦ପ୍ରତିଶତରୁ ଅଧିକ ସଂକ୍ରମଣ ହାର ଥିବା ଜିଲାଗୁଡ଼ିକରେ କଟକଣା ବଳବତ୍ତର ରହିବ। ତେବେ ଯେଉଁଠି ସଂକ୍ରମଣ ହାର ୫ପ୍ରତିଶତ ତଳେ ରହୁଛି ସେହି ଜିଲାରେ କିଛି କଟକଣା କୋହଳ ହୋଇପାରେ। କିନ୍ତୁ ଶେଷ ନିଷ୍ପତ୍ତି ସରକାର ହିଁ ନେବେ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। କଟକ, ଅନୁଗୋଳ, ପୁରୀ, ଖୋର୍ଦ୍ଧା, ଯାଜପୁର ଭଳି କିଛି ଜିଲାରେ ଏବେ ସଂକ୍ରମଣ ଅଧିକ ରହୁଛି। ମାତ୍ର ପଶ୍ଚିମ ଓଡ଼ିଶାରେ ସଂକ୍ରମଣ ହାର କମୁଛି। ଯେଉଁ ଜିଲାରେ ସଂକ୍ରମଣ ଅଧିକ ରହୁଛି, ସେଠାରେ ସ୍ପେଶାଲ ଷ୍ଟ୍ରାଟେଜି କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଅପରପକ୍ଷରେ ରାଜ୍ୟରେ ସଂକ୍ରମଣ କମୁଥିବାବେଳେ ମୃତ୍ୟୁ ସଂଖ୍ୟା ବଢୁଥିବା ପ୍ରସଙ୍ଗରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ପୂର୍ବରୁ ବହୁ ଆକ୍ରାନ୍ତ ଗୁରୁତର ଥିଲେ ଓ ବର୍ତ୍ତମାନ ବି କିଛି ଲୋକ ଗୁରୁତର ଥିବା ଯୋଗୁ ମୃତ୍ୟୁ ସଂଖ୍ୟା ବଢୁଛି। ଏବେ ରାଜ୍ୟରେ ୬୨ ପ୍ରତିଶତ ରୋଗୀ ଆଇସିୟୁ ଓ ୬୨ରୁ ୬୩ ପ୍ରତିଶତ ରୋଗୀ ଭେଣ୍ଟିଲେଟରରେ ଅଛନ୍ତି ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ସଂକ୍ରମଣ ହାର ୮ପ୍ରତିଶତ ତଳକୁ ଖସିଥିଲେ ମଧ୍ୟ ଏବେ ବି ୭ଜିଲାରେ ସଂକ୍ରମଣ ହାର ୧୦ପ୍ରତିଶତ ଉପରେ ରହିଛି। ସେଥି ମଧ୍ୟରେ ଯାଜପୁର ୧୯.୪୮ % ଥିବାବେଳେ ପୁରୀ ୧୪.୩୫, କେନ୍ଦ୍ରାପଡ଼ା ୧୨.୫୯, ଖୋର୍ଦ୍ଧା ୧୧.୫୧, କଟକ ୧୧.୩୧, ଜଗତ୍‌ସିଂହପୁର ୧୦.୭୫ ଓ ଭଦ୍ରକ ୧୦.୬୧ ପ୍ରତିଶତ ସଂକ୍ରମଣ ହାର ରହିଛି। ତେବେ ୧୧ଟି ଜିଲାରେ ସଂକ୍ରମଣ ହାର ୫ପ୍ରତିଶତରୁ କମ୍ ରହିଛି। ତେଣୁ ଏହି ଜିଲାଗୁଡ଼ିକରେ କଟକଣା କୋହଳ ହେବା ସମ୍ଭାବନା ରହିଛି। ତେବେ ଯେଉଁ ଜିଲାଗୁଡ଼ିକରେ ସଂକ୍ରମଣ ହାର ଅଧିକ ରହିଛି ସେସବୁ ସ୍ଥାନରେ ଦିନ ସମୟରେ ସାମାନ୍ୟ କୋହଳ ଏବଂ ରାତ୍ରି କର୍ଫ୍ୟୁ ଜାରି ରଖିବା ପାଇଁ ସରକାର ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

## ୫ହଜାର ତଳକୁ ଖସିଲା ସଂକ୍ରମଣ

ଅନ୍ୟପଟେ ରାଜ୍ୟରେ କରୋନା ଦୈନିକ ସଂକ୍ରମଣ ୫ହଜାର ତଳକୁ ଖସିଛି। ଗତ ୨୪ଘଣ୍ଟାରେ ୬୭,୧୨୨ ନମୁନା ପରୀକ୍ଷା ହୋଇଥିବାବେଳେ ୪,୮୫୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ସଂକ୍ରମଣ ହାର ୭.୨୩ ପ୍ରତିଶତକୁ ଖସି ଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୬୪୯ଜଣ ଥିବାବେଳେ କଟକରୁ ୫୦୫, ଯାଜପୁର ୩୮୨, ବାଲେଶ୍ୱର ୩୬୪, କେନ୍ଦ୍ରାପଡ଼ା ୨୮୭, ଅନୁଗୋଳ ୨୭୫, ପୁରୀ ୨୩୭, ଭଦ୍ରକ ୨୨୨, ମୟୂରଭଞ୍ଜ ୨୧୦ଜଣ ରହିଛନ୍ତି। ଏବେ ରାଜ୍ୟରେ ମୋଟ୍ ସଂକ୍ରମିତ ସଂଖ୍ୟା ୮,୪୭,୩୧୩ରେ ପହଞ୍ଚିଛି।

ଅପରପକ୍ଷେ ରାଜ୍ୟରେ କରୋନା ମୃତ୍ୟୁରେ କିନ୍ତୁ ବ୍ରେକ୍ ଲାଗୁନାହିଁ। ରାଜ୍ୟରେ ପୁଣି ୪୭ଜଣଙ୍କ ଜୀବନ ଯାଇଛି; ଯାହାକି ଦିନକରେ ସର୍ବାଧିକ। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬ଜଣ ଥିବାବେଳେ କଟକରୁ ୫ଜଣ ଅଛନ୍ତି। ସେହିପରି ଅନୁଗୋଳ, ବରଗଡ଼ରୁ ୪ଜଣ ଲେଖାଏ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ଢେଙ୍କାନାଳ, ଗଞ୍ଜାମ, ନୟାଗଡ଼ରୁ ୩ଜଣ ଲେଖାଏ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀରୁ ୨ଜଣ ଲେଖାଏ ଏବଂ ସୁନ୍ଦରଗଡ଼, ରାୟଗଡ଼ା, ବଲାଙ୍ଗୀର, ଯାଜପୁରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୨୫୭କୁ ବୃଦ୍ଧି ପାଇଛି।

### ଦିନକରେ ଗଲା ଆଉ ୪୭ ଜୀବନ



## କରୋନା ମୁକାବିଲା: ଆଇସିଆଇସିଆଇ ବ୍ୟାଙ୍କର ୩ କୋଟି ଟଙ୍କା ସହାୟତା

**ଭୁବନେଶ୍ୱର,୧୨।୬(ବ୍ୟୁରୋ):** କରୋନା ମୁକାବିଲା ପାଇଁ ଆଇସିଆଇସିଆଇ ବ୍ୟାଙ୍କ ଓ ଆଇସିଆଇସିଆଇ ଫାଉଣ୍ଡେଶନ ରାଜ୍ୟ ସରକାରଙ୍କୁ ୩ କୋଟି ଟଙ୍କା ପ୍ରଦାନ କରିଛି। ପ୍ରଥମ ଲହର ବେଳେ ବ୍ୟାଙ୍କ ୧ କୋଟି ଟଙ୍କାର ସହାୟତା ଦେଇଥିଲା। ବ୍ୟାଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ହସ୍ପିଟାଲକୁ ୧୦୦ ମେଶିନଚାଳିତ ଆଇସିୟୁ ବେଡ୍, ୫ ହସ୍ପିଟାଲକୁ ୧୫ ଭେଣ୍ଟିଲେଟର, ୧୦୦ ଅକ୍ସିଜେନ କନ୍‌ସେନଟ୍ରେଟର ଯୋଗାଇ ଦିଆଯାଇଛି। ବ୍ୟାଙ୍କର ଏହି ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଛନ୍ତି।




## ବରଗଡ଼ରେ ଆଇଜି (ଅପରେଶନ)ଙ୍କ ସମୀକ୍ଷା

# ମାଓବାଦୀ ମୁଖ୍ୟସ୍ରୋତକୁ ଫେରନ୍ତୁ

ବରଗଡ଼ ଅଫିସ୍,୧୨।୬

ବରଗଡ଼ ଜିଲା ପଦ୍ମପୁର ପଦ୍ମପୁର ଥାନା ବରିହାପାଲି ପଞ୍ଚାୟତ ଗଞ୍ଜାଗୁଡ଼ା ଗ୍ରାମ ନିକଟ ଝାଞ୍ଜି ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ଗୁଳି ବିନିମୟରେ ଜଣେ କ୍ୟାଡ଼ର ମାଓବାଦୀ ରବିନ୍ଦର ନିହତ ହୋଇଥିଲେ। ଏହି ଘଟଣାରୁ ଜିଲାରେ ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରିଥିବା ସ୍ପଷ୍ଟ ହୋଇଛି। ଫଳରେ ଏଠାରେ ମାଓବାଦୀ ଦମନକୁ ପୋଲିସ ଅଧିକ ଗୁରୁତ୍ୱ ଦେଉଛି। ଶନିବାର ଆଇଜି (ଅପରେଶନ) ଅମିତାଭ ଠାକୁର ବରଗଡ଼ ଆସି ଝାଞ୍ଜି ଜଙ୍ଗଲରେ ହୋଇଥିବା ଗୁଳି ବିନିମୟ, କ୍ୟାଡ଼ର ମାଓବାଦୀ ନିହତ ଘଟଣା ଉପରେ ସମୀକ୍ଷା କରିଥିଲେ। ତାଙ୍କ ସହିତ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଅନିରୁଦ୍ଧ ସିଂ ଥିଲେ। ସେମାନେ ଉତ୍ତରାଞ୍ଚଳ ଡିଆଇଜି ନରସିଂହ ଭୋଳ, ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କ ସହିତ ମାଓବାଦୀ କାର୍ଯ୍ୟକଳାପ ଦମନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବରଗଡ଼ ରିଜର୍ଭ ଅଫିସରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆଇଜି (ଅପରେଶନ) ଠାକୁର ସୂଚନା ଦେଇ କହିଥିଲେ, ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇବାରେ ଲାଗିଛି। ପ୍ରତିବର୍ଷ ମାଓବାଦୀମାନେ ଆତ୍ମସମର୍ପଣ କରିବା ସହିତ ମୁଖ୍ୟସ୍ରୋତକୁ ଫେରୁଛନ୍ତି। ଏଭଳି ଭାବେ ଗତବର୍ଷ ଅନେକ ମାଓବାଦୀ ଆତ୍ମସମର୍ପଣ କରିଥିବା ସେ କହିଥିଲେ। ସେ ଆହୁରି କହିଥିଲେ, ମୁଖ୍ୟତଃ ଗନ୍ଧମାର୍ଦ୍ଦନ, ଝାଞ୍ଜି ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ବେଳେବେଳେ ପରିଲକ୍ଷିତ ହୋଇଥାଏ। ସମ୍ପୃକ୍ତ ମାଓବାଦୀମାନେ ଏଠାକୁ ଆସି ଆଶ୍ରୟ ନେଇଥାନ୍ତି କିମ୍ବା ମାଓବାଦୀ କାର୍ଯ୍ୟକଳାପ ବିସ୍ତାର କରିବା ପାଇଁ ଉଦ୍ୟମ କରିଥାନ୍ତି। ପୋଲିସ ପକ୍ଷରୁ ମଧ୍ୟ ସେଥିପ୍ରତି ସତର୍କ ଦୃଷ୍ଟି ରଖାଯିବା ସହିତ ସମ୍ପୃକ୍ତ ଅଞ୍ଚଳରେ ଅପରେଶନ ଚାଲିଛି ବୋଲି ସେ କହିଥିଲେ। ଛତିଶଗଡ଼, ଆନ୍ଧ୍ର ପୋଲିସକୁ ନେଇ ଅନେକଥର ଯୁଗ୍ମ ଅପରେଶନ ହୋଇଛି ଏବଂ ସଫଳତା ମିଳିଥିବା ସେ କହିଥିଲେ। ତେବେ ୭୦ରୁ ୭୫ ପ୍ରତିଶତ ଛତିଶଗଡ଼ି ମାଓବାଦୀ ସକ୍ରିୟ ଅଛନ୍ତି ଏବଂ ସେମାନେ କିଭଳି ମୁଖ୍ୟସ୍ରୋତକୁ ଫେରିବେ, ସେଥିପାଇଁ ଛତିଶଗଡ଼ ପୋଲିସ ସହିତ ଯୋଗାଯୋଗ କରି ବ୍ୟବସ୍ଥା କରାଯାଉଥିବା ଠାକୁର କହିଥିଲେ। ୧୦ପ୍ରତିଶତରୁ କମ୍ ଓଡ଼ିଆ କ୍ୟାଡ଼ର ମାଓବାଦୀ ଅଛନ୍ତି। ଓଡ଼ିଶାବାସୀ ମାଓବାଦୀ ଦମନରେ ପୋଲିସ, ପ୍ରଶାସନକୁ ସହଯୋଗ କରୁଛନ୍ତି। ଫଳରେ ମାଓବାଦୀ ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବାକୁ ଠାକୁର ଆହ୍ୱାନ କରିଛନ୍ତି। ଉଲ୍ଲେଖନୀୟ, ଶନିବାର ବରଗଡ଼ ଜିଲା ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ନିହତ ମାଓବାଦୀ ରବିନ୍ଦରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ଶବ ସଂରକ୍ଷଣ ଗୃହରେ ରଖାଯାଇଛି।


ଖବରଦାତା ସମ୍ମିଳନୀରେ ଆଇଜି (ଅପରେଶନ) ଅମିତାଭ ଠାକୁର ଏବଂ ଅନ୍ୟମାନେ ।

# ୧୮ରେ ୟୁଜି, ପିଜି ପରୀକ୍ଷା ନିଷ୍ପତ୍ତି

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

- ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ମତାମତ ନିଆଯିବ
- ପାଠପଢ଼ା ଜାରି ରଖିବାକୁ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀଙ୍କ ପରାମର୍ଶ

ଚଳିତବର୍ଷ ସ୍ନାତକ(ୟୁଜି) ଓ ସ୍ନାତକୋତ୍ତର (ପିଜି) ପରୀକ୍ଷା ହୋଇପାରେ। ଶନିବାର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଆଲୋଚନା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି। ତେବେ ପରୀକ୍ଷା ହେବ ନା ନାହିଁ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଆସନ୍ତା ୧୮ ତାରିଖରେ ନିଆଯିବ। ଏହି ୭ ଦିନ ଭିତରେ କୁଳପତିମାନେ ସେମାନଙ୍କ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସରକାରଙ୍କୁ ଜଣାଇବେ ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟ ବିଶ୍ୱବିଦ୍ୟାଳୟ ସମେତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାର ଅଗ୍ରଗତି ସହ ୟୁଜି ଓ ପିଜି ପରୀକ୍ଷା ପ୍ରସଙ୍ଗରେ ଶନିବାର କୁଳପତିମାନଙ୍କ ସହିତ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ତ୍ରୀ ଅଧ୍ୟକ୍ଷତା କରିଥିବାବେଳେ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦୁଇ ତିନିଦିନ ମଧ୍ୟରେ କୁଳପତିମାନେ ସେମାନଙ୍କ ଅଧୀନରେ ଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଛାତ୍ରୀଛାତ୍ରଙ୍କ ସହିତ ପରୀକ୍ଷା ବିଷୟରେ ଆଲୋଚନା କରି ମତାମତ ସଂଗ୍ରହ କରିବେ। ୧୮ ତାରିଖରେ କୁଳପତିମାନଙ୍କ ସହିତ ଆଉଏକ ବୈଠକ ବସି ସମସ୍ତଙ୍କ ମତାମତ ଉପରେ ଆଲୋଚନା ହେବ। ଏହାପରେ ୟୁଜି ଓ ପିଜି ପରୀକ୍ଷା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କରୋନା ଦ୍ୱିତୀୟ ଲହର ଯୋଗୁ ବର୍ତ୍ତମାନ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ଛାତ୍ରୀଛାତ୍ରମାନେ ପାଠପଢ଼ା ଜାରି ରଖିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ବୈଠକରେ ଗତବର୍ଷ ୟୁଜି ଓ ପିଜି ପରୀକ୍ଷା ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା କିପରି ଅନୁଷ୍ଠିତ କରାଯାଇଥିଲା, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ବୈଠକରେ ପ୍ରତ୍ୟେକ ଦିଗ ପ୍ରତି ଅନୁଧ୍ୟାନ କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏତଦ୍ ବ୍ୟତୀତ ବୈଠକରେ ଚଳିତବର୍ଷ ସ୍ନାତକୋତ୍ତର ବିଭାଗରେ ନାମ ଲେଖାଇବା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା ପରିଚାଳନା, ଏକାଡେମିକ ଅଡିଟ୍ ଓ ନାକ୍ ମାନ୍ୟତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



**ଆଜିର ମନ୍ତବ୍ୟ**

କରୋନା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୀରୁତା ପ୍ରଦର୍ଶନ କରି ଦେଶବାସୀଙ୍କୁ ହତାଶ କରିଛନ୍ତି।
-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅର୍ମାନ୍‌ଜିତ୍
ପରିବାରବର୍ଗ


ସରୋଜକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପଥରରେ ଛେଚି ପ୍ରେମିକାଙ୍କ ଗର୍ଭପାତ

- ବିବାହିତ ଥିବା କଥା ଲୁଚାଇଥିଲେ ଯୁବକ
- ଯୁବତୀଙ୍କ ସହ କାକିନାଡ଼ାରେ ରହୁଥିଲେ
- ଧରାପଡ଼ିବା ଭୟରେ ହତ୍ୟା ଉଦ୍ୟମ

**ପରଜଙ୍ଗ, ୧୨।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକଙ୍କ ମରଣାନ୍ତକ ଆକ୍ରମଣରେ ୯ମାସର ଗର୍ଭବତୀ ଥିବା ପ୍ରେମିକାଙ୍କ ଗର୍ଭପାତ ହୋଇଛି। ଗତ ୩ତାରିଖରେ ଏଭଳି ଅମାନବୀୟ ଘଟଣା ଘଟିଛି। ତେବେ ମାମଲା ରୁଜୁ ହୋଇ ନ ଥିବାରୁ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲା। ଡାକ୍ତରଖାନାରେ ମୃତ୍ୟୁ ସହିତ ସଂଘର୍ଷ କରୁଥିବା ଯୁବତୀଙ୍କ ବୟାନ ରେକର୍ଡ ପରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ପଙ୍ଗାତୀରା ଗ୍ରାମର ସତ୍ୟାନନ୍ଦ ନାଏକ (୩୬) ବିବାହିତ। ତାଙ୍କର ୨ ସନ୍ତାନ ଅଛନ୍ତି। ଏହି କଥା ଲୁଚାଇ ସେ ଅନୁଗୋଳ ଜିଲା ବଆଁରପାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ବିବାହ ପ୍ରତିଶ୍ରୁତି ଦେଇ ତାଙ୍କୁ ଆନ୍ଧ୍ରପ୍ରଦେଶର କାକିନାଡ଼ା ନେଇଯାଇଥିଲେ। ସେଠାରେ ଦୁହେଁ ଏକାଠି ରହୁଥିଲେ। ଇତିମଧ୍ୟରେ ଯୁବତୀ ଜଣକ ୯ ମାସର ଗର୍ଭବତୀ ଥିଲେ। ତେବେ ସତ୍ୟାନନ୍ଦଙ୍କ ବାପାଙ୍କ ଦେହାନ୍ତ


ଅଭିଯୁକ୍ତ ସତ୍ୟାନନ୍ଦ ନାଏକ

ହୋଇଯିବାରୁ ଶୁଦ୍ଧିକ୍ରିୟା ପାଇଁ ସେ ଯୁବତୀଙ୍କ ସହ ଟ୍ରେନ୍‌ରେ ଗତ ୩ ତାରିଖରେ ଆସି ତାଳଚେର ଷ୍ଟେଶନରେ ଓହ୍ଲାଇଥିଲେ। ସେଠାରୁ ଏକ ଅଟୋରିକ୍ସାରେ ପଙ୍ଗାତୀରା ଆସୁଥିଲେ। ତେବେ ଯୁବତୀଙ୍କ ସହିତ ସମ୍ପର୍କ କଥା ପ୍ରଘଟ ହେବା ଭୟ ଘାରିଥିଲା। ତେଣୁ ତାଙ୍କୁ ହତ୍ୟା କରିବାକୁ ସେ ଯୋଜନା କରିଥିଲେ। ଗାଡ଼ିରୁ ଓହ୍ଲାଇବା ପରେ ଗାଁ ନିକଟ ଗତରେଇ ଜଙ୍ଗଲରେ ସତ୍ୟାନନ୍ଦ ଯୁବତୀଙ୍କୁ ପଥରରେ ଆକ୍ରମଣ କରିବା ସହ ପେଟକୁ ଗୋଇଠା ମାରି ହତ୍ୟା ଉଦ୍ୟମ କରିଥିଲେ। ଯୁବତୀ ଜଣକ ସଂଜ୍ଞାହୀନ ହୋଇ ପଡ଼ିଯିବା ପରେ ତାଙ୍କର ମୃତ୍ୟୁ ହୋଇଥିବା ଭାବି ଅଭିଯୁକ୍ତ ଘରକୁ ପଳାଇ ଯାଇଥିଲେ। ତେବେ ଚେତା ଫେରିପାଇବା ପରେ ଯୁବତୀ ଜଣକ ଗ୍ରାମରେ ପହଞ୍ଚି ସମସ୍ତ ଘଟଣା ବଖାଣିଥିଲେ। ସୂଚନା ପାଇ ପରଜଙ୍ଗ ପୋଲିସର ଏକ ଟିମ୍ ପହଞ୍ଚି ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଯୁବତୀଙ୍କ ଚିକିତ୍ସା ଜାରିରହିଛି। ପେଟରେ ଆଘାତ ଯୋଗୁ ଯୁବତୀଙ୍କ ଗର୍ଭ ନଷ୍ଟ ହୋଇଯାଇଛି ଏବଂ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଡାକ୍ତରୀଟିମ୍ କହିଛନ୍ତି। ପରଜଙ୍ଗ ପୋଲିସ ଯୁବତୀଙ୍କ ବୟାନ ରେକର୍ଡ କରିଛି। ମହାବିରୋଡ ଫାଣ୍ଡି ପୋଲିସ ଶନିବାର ସତ୍ୟାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ କାମାକ୍ଷାନଗର ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ନଂ. ୨୨୧/୨୧ରେ ଏକ ମାମଲା ରୁଜୁ ହୋଇଛି।

# ୧୭ରୁ ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ଭିଡିଓ କ୍ଲାସ୍

**ଭୁବନେଶ୍ୱର, ୧୨।୬(ବ୍ୟୁରୋ)**

ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ପାଇଁ ଆସନ୍ତା ୧୭ ତାରିଖରୁ ଦୂରଦର୍ଶନରେ ଭିଡିଓ କ୍ଲାସ୍ ହେବ। ୨୨ ତାରିଖ ପର୍ଯ୍ୟନ୍ତ ଏହି କ୍ଲାସ୍ ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ ପ୍ରସାରିତ ହେବ। ଶନିବାର ଓ ରବିବାର ଛଡ଼ା ଅନ୍ୟ ୪ଦିନ ଏହି କ୍ଲାସ୍ ହେବ। ଏଥିରେ ଫିଜିକ୍ସ ଓ କେମିଷ୍ଟ୍ରି ଆଦି ଦୁଇଟି ବିଷୟରେ କ୍ଲାସ ହେବ। ଫିଜିକ୍ସ କ୍ଲାସ୍ ୩ଦିନ ହେବାକୁ ଥିବାବେଳେ କେମିଷ୍ଟ୍ରି କ୍ଲାସ୍ ଗୋଟିଏ ଦିନ ହେବ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଓ ସମସ୍ତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଯାଇଛି।


# classifieds Everyday
0674-2580101, 2549302




**BRIDE WANTED**

Wanted Khandayat Bride for boy, 31years, Mesha(2/1), working as JRF in reputed Technical University and continuing Ph.D. Family permanently settled in Bhubaneswar. Phone- 8260533075.
D-20863

**GROOM WANTED**

Master's qualified Govt. Bank ଚାକିରିଆ ସୁନ୍ଦର ଖଣ୍ଡାୟତ divorcee 46 ବୟସ୍କା ଝିଅଙ୍କ ପାଇଁ ବରପାତ୍ର ଦରକାର। 7608010434.
D-67599

ବିଧବା, ଗୁଡ଼ିଆ, 58ବୟସ୍କା Block Officeରେ କାର୍ଯ୍ୟରତ ଏକାକୀ ରହୁଥିବା ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 7606067313.
D-67598

Kaibarta Bride, Very Fair, +2Arts, Searching for suitable BrideGroom in Bhubaneswar. Mob: 9990161440.
D-20877




**SALE**

1/2/3BHK ready to move apartment for sale at DHPL Enclave-2, Kalarahanga. Contact: 9937059891.
D-20803

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.
D-20844

3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101.
D-70852

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner- 9090963952.
D-70849

**GENERAL**

**SALE**

AC. Sale:- Two 1.5ton window carrier AC. domestically used, excellent running sale 12000/- each, no bargaining. 8458080690.
D-20858




2 Room house with attached kitchen, bathroom near Dharma Vihar, Khandagiri, Bhubaneswar. Contact: 9437051142.
D-20879

Puri bypass road side 6600sft. double storey building near Kesura available for rent. Ideal for Showroom, Bank, Restaurant etc. Contact : 7855882291, 9437295519.
D-20872




Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.
D-20835

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଟିଲି କଳମ୍ବ ଧୋଇଲି ଶାଗ**
**ମୋଠେଇଁ ରଖିଛ କି ପୁରୁଣା ରାଗ?**

ଯେଉଁଠି ସମ୍ପର୍କ ଥାଏ ସେଇଠି ରାଗ, ରୋଷ, ମାନ, ଅଭିମାନ ରହିଥାଏ। ପରନ୍ତୁ ଏହାର ମାତ୍ରା ଅଧିକ ହୋଇଗଲେ ସମ୍ପର୍କର ମଧୁରତା ନଷ୍ଟ ହୋଇଯାଇଥାଏ। ଏପରି ସ୍ଥଳେ ପୁରୁଣା କଥାକୁ ନେଇ ମନରେ କୌଣସି ରାଗ ଅଭିମାନ ନ ରଖିବା ନେଇ ଅନୁରୋଧ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଖାରୁ ପତର ଆଁଶୁ**
**ଘଇତାକୁ ଦେଖି ନଅର ପଅର**
**ଦିଅରକୁ ଦେଖି ହସୁ**

ଅବୈଧ ସମ୍ପର୍କ ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଭୁଲ ହେବ ନାହିଁ। ଦିଅର ସହ ଚୋରା ପୀରତିକୁ ଘୋଡ଼େଇବା ପାଇଁ ସ୍ୱାମୀ ପାଖରେ ବାହାନା କରୁଥିବା ବ୍ୟଭିଚାରିଣୀ ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ପ୍ରଥମ ପୃଷ୍ଠାରୁ...

## ବ୍ଲାକ୍ ଫଙ୍ଗସ୍ ଔଷଧ ...

୫% ଜିଏସ୍‌ଟିର କୌଣସି ଅତିରିକ୍ତ ବୋଝ ସାଧାରଣ ନାଗରିକଙ୍କ ଉପରେ ପଡ଼ିବ ନାହିଁ। ଅନେକ ମେଡିକାଲ ଉପକରଣ ଉପରୁ ଟିକସ ହ୍ରାସ କରିବା ଲାଗି ମନ୍ତ୍ରୀଗୋଷ୍ଠୀ ସୁପାରିସ କରିଥିଲେ। ଯେଉଁ ଉପକରଣଗୁଡ଼ିକ ଉପରେ ୧୮% ଓ ୧୨% ଜିଏସ୍‌ଟି ଲାଗୁ ହୋଇଥିଲା, ତାକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଫଳରେ ବହୁ ମେଡିକାଲ ଉପକରଣ ଶସ୍ତା ହେବାକୁ ଯାଉଛି ବୋଲି ସୀତାରାମନ୍ ୪୪ତମ ଜିଏସ୍‌ଟି କାଉନ୍‌ସିଲ ବୈଠକ ପରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି।

ରାଜସ୍ୱ ସଚିବ ତରୁଣ ବଜାଜ କହିଛନ୍ତି, କେନ୍ଦ୍ର ସରକାର ୭୫ ପ୍ରତିଶତ ଟିକା ଉତ୍ପାଦନକାରୀ କମ୍ପାନୀଠାରୁ କିଣି ଏହା ଉପରେ ଜିଏସ୍‌ଟି ଦେଉଛନ୍ତି। ଏହି ଟିକା ମାଗଣାରେ ଜନସାଧାରଣଙ୍କୁ ଯୋଗାଇଦିଆଯାଉଛି। ସେହି ଦୃଷ୍ଟିରୁ ଦେଖିଲେ ଲୋକମାନଙ୍କୁ ଟିକା ଦାମ୍ କିମ୍ବା ଟିକସ ଦେବାକୁ ପଡୁନାହିଁ ବୋଲି ବଜାଜ କହିଛନ୍ତି। ଜିଏସ୍‌ଟି ହ୍ରାସ ସମ୍ପର୍କିତ ବିଜ୍ଞପ୍ତି ଦିନେ ଦୁଇଦିନ ମଧ୍ୟରେ ଜାରି ହେବ ବୋଲି ସେ ସୂଚନା ଦେଇଛନ୍ତି। ଟୋସିଲିଜୁମାବ୍ ଏବଂ ଆମ୍ଫୋଟେରିସିନ-ବି ଉପରେ ପୂର୍ବରୁ ଥିବା ୫ ପ୍ରତିଶତ ଟିକସକୁ ଉଠାଇଦିଆଯାଇଥିବାବେଳେ ରେମ୍‌ଡେସିଭିରର ଏବଂ ହେପାରିନ୍ ଭଳି ଔଷଧର ଟିକସ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ସେହିପରି ଆମ୍ବୁଲାନ୍ସ ଉପରେ ଥିବା ୨୮% ଜିଏସ୍‌ଟିକୁ ୧୨%କୁ କମାଇ ଦିଆଯାଇଛି। ମେଡିକାଲ ଗ୍ରେଡ୍ ଅକ୍ସିଜେନ୍, ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର, ଭେଣ୍ଟିଲେଟର, ବିଆଇପିଏପି ମେସିନ୍, ହାଇଫ୍ଲୋ ନାଜାଲ କନୁଲା ଉପକରଣ ଉପରେ ଶୁଳ୍କ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ପାଇଛି। ପଲ୍ସ ଅକ୍ସିମିଟର, କୋଭିଡ୍ ଟେଷ୍ଟିଂ କିଟ୍ ଉପରେ ଟିକସ ୧୨%ରୁ ୫%କୁ ହ୍ରାସ ପାଇଥିବାବେଳେ ହ୍ୟାଣ୍ଡ ସାନିଟାଇଜର, ତାପମାତ୍ରା ମାପ ଯନ୍ତ୍ର, ଶବଦାହ ପାଇଁ ଗ୍ୟାସ୍/ବୈଦ୍ୟୁତିକ ଚୁଲା ଉପରେ ଟିକସ ୧୮%ରୁ ୫ ପ୍ରତିଶତକୁ କମାଇ ଦିଆଯାଇଛି।

## ରାଜ୍ୟରେ ୭୩ ବ୍ଲାକ୍ ଫଙ୍ଗସ୍ ରୋଗୀ

ଭୁବନେଶ୍ୱର, ୧୨।୬(ବ୍ୟୁରୋ) – ରାଜ୍ୟରେ ବଢୁଛି ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ସଂଖ୍ୟା। ମେ' ୧୦ରେ ରାଜ୍ୟର ପ୍ରଥମ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଥିଲେ। ମାସକରେ ପ୍ରାୟ ୭୩ଜଣ ରୋଗୀ ଚିହ୍ନଟ ହୋଇସାରିଲେଣି। ୬ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ସୁସ୍ଥ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଭୁବନେଶ୍ୱର ଏମ୍ସରୁ ୫ଜଣ ଓ ଏକ ଘରୋଇ ହସ୍ପିଟାଲରେ ଜଣଙ୍କର ମୃତ୍ୟୁ ଘଟିଛି। ତେବେ ରାଜ୍ୟର ପ୍ରାୟ ୫୦ ପ୍ରତିଶତ ରୋଗୀ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ରାଜ୍ୟରେ ବ୍ଲାକ୍ ଫଙ୍ଗସକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ଏକ କମିଟି ଗଠନ କରିଛନ୍ତି। ଏହି ରୋଗୀଙ୍କ ପାଇଁ ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟରେ ୮ଟି ଓ ସମସ୍ତ ମେଡିକାଲ କଲେଜରେ ୩୦ଟି ବେଡ୍ ସଂରକ୍ଷିତ ରହିଛି। କୋଭିଡ୍ ଓ ଅଣକୋଭିଡ୍ ବ୍ଲାକ୍ ଫଙ୍ଗସ ରୋଗୀଙ୍କ ପାଇଁ ଅଲଗା ବେଡ୍ ରହିଛି। ସୂଚନାଯୋଗ୍ୟ, ରାଜ୍ୟରେ ଚିହ୍ନଟ ହୋଇଥିବା ପ୍ରଥମ ବ୍ଲାକ୍ ଫଙ୍ଗସ୍ ରୋଗୀ ଜଣକ ଯାଜପୁରର ୭୧ବର୍ଷୀୟ ବ୍ୟକ୍ତି ଯିଏକି ଭୁବନେଶ୍ୱର କଳିଙ୍ଗ ବିହାରରେ ରହୁଥିଲେ। ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହେବାର କିଛିଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ତାଙ୍କର ଅନ୍ୟ ରୋଗ ଯୋଗୁ ମୃତ୍ୟୁ ହୋଇଥିଲା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା।

## କାଳ କୋଠରିରେ ...

ତାଙ୍କୁ ହୁଏତ କାରାଗାରରେ ଆଜୀବନ ରହିବାକୁ ପଡ଼ିପାରେ। ଏସ୍‌ପୁରୋଙ୍କ ବ୍ୟକ୍ତିଗତ ଜୀବନ କାହାଣୀରୁ ଡ୍ରଗ୍ସ କାର୍ଟେଲର ରହସ୍ୟମୟ ଦୁନିଆ ଏବଂ ସେଥିରେ ସାମିଲ ଥିବା ମହିଳାମାନଙ୍କ ସମ୍ପର୍କରେ ଅନେକ ଗହନ କଥା ଜାଣିବାକୁ ମିଳେ।

ଏଲ୍ ଚାପୋ ହତ୍ୟା, ମନି ଲଣ୍ଡରିଂ, ଡ୍ରଗ୍ସ ଚାଲାଣ, ର୍ୟାକେଟିୟରିଂ ଓ ସଙ୍ଗଠିତ ଅପରାଧ ଆଦି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ କଲୋରାଡୋସ୍ଥିତ ଏଡିଏକ୍ସ ଫ୍ଲୋରେନ୍ସ ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ଅଧିକାରୀଙ୍କ ମତରେ ଏସ୍‌ପୁରୋ କୋକେନ ଡିଷ୍ଟ୍ରିବ୍ୟୁଶନ ଷଡ଼ଯନ୍ତ୍ର ରଚିଥିଲେ। ୨୦୧୫ରେ ମେକ୍ସିକୋ ଜେଲରୁ ସ୍ୱାମୀଙ୍କୁ ଖସାଇବା ଯୋଜନାରେ ସେ ସହଯୋଗ କରିଥିଲେ। ଗତ ଫେବୃୟାରୀ ୨୨ରେ ଏସ୍‌ପୁରୋଙ୍କୁ ଭର୍ଜିନିଆର ଡୁଲେସ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗିରଫ କରାଯାଇଥିଲା। ସିନାଲୋଆ କାର୍ଟେଲ ଚଳାଇବାରେ ଡ୍ରଗ୍ସ ଲର୍ଡ ସ୍ୱାମୀଙ୍କୁ ସହଯୋଗ ଅଭିଯୋଗ ଜୁନ ୧୦ରେ ତାଙ୍କ ବିରୋଧରେ ପ୍ରମାଣିତ ହୋଇଛି। ସବୁଜ ରଙ୍ଗର ଜେଲ ୟୁନିଫର୍ମ ପିନ୍ଧି କୋର୍ଟରୁମ୍‌କୁ ଆସିଥିବା ଏସ୍‌ପୁରୋ ନିଜେ ମଧ୍ୟ ଦୋଷ ସ୍ୱୀକାର କରିଛନ୍ତି। ତାଙ୍କୁ ମଧ୍ୟ ସ୍ୱାମୀଙ୍କ ଭଳି ଆଜୀବନ କାରାଦଣ୍ଡ ହୋଇପାରେ। କଲମ୍ବିଆ ଡିଷ୍ଟ୍ରିକ୍ଟ କୋର୍ଟ ଆସନ୍ତା ସେପ୍ଟେମ୍ବର ୧୫ରେ ଦଣ୍ଡବିଧାନ କରିବେ। ୨୦୧୯ରେ ସ୍ୱାମୀଙ୍କ ମାମଲାର ଶୁଣାଣିବେଳେ ଏସ୍‌ପୁରୋଙ୍କୁ ପ୍ରାୟତଃ ଦାମୀ ଅଳଙ୍କାର ଓ ଆକର୍ଷଣୀୟ ଘଣ୍ଟା ପିନ୍ଧି କୋର୍ଟରୁମ୍‌ରେ ବସିଥିବା ଦେଖିବାକୁ ମିଳୁଥିଲା। ସେତେବେଳେ ତାଙ୍କ ସୌନ୍ଦର୍ଯ୍ୟର ଚର୍ଚ୍ଚା ସବୁଠି ଚାଲିଥିଲା। ଡ୍ରଗ୍ସ ଦୁନିଆ ଉପରେ ନଜର ରଖୁଥିବା ବିଶ୍ଳେଷକଙ୍କ ମତରେ ଏସ୍‌ପୁରୋ ଜଣେ ପବ୍ଲିକ ଫିଗର ତଥା ବିଜ୍‌ନେସ ଓମ୍ୟାନ।

୧୯୮୯ ଜୁଲାଇ ୩ରେ ଆମେରିକାର କାଲିଫର୍ନିଆସ୍ଥିତ ସାନ୍ ଫ୍ରାନ୍‌ସିସ୍କୋରେ ଏମା ମୋଡେଷ୍ଟା କୋରୋନେଲ ଏସ୍‌ପୁରୋଙ୍କ ଜନ୍ମ। ଜର୍ନାଲିଜମ୍ ପାଠ ପଢ଼ିଛନ୍ତି। ସେ ଉଭୟ ଆମେରିକା ଓ ମେକ୍ସିକୋର ଦ୍ୱୈତ ନାଗରିକତ୍ୱ ଗ୍ରହଣ କରିଛନ୍ତି। ୨୦୦୭ରେ ମେକ୍ସିକୋର 'କଫି ଆଣ୍ଡ ଗୁଆଭା ଫେଷ୍ଟିଭାଲ'ରେ ବ୍ୟୁଟି ପିଜେଣ୍ଟ ମୁକୁଟ ପିନ୍ଧିଥିବା ୧୭ ବର୍ଷୀୟା ସୁନ୍ଦରୀଙ୍କୁ ଭେଟିବାକୁ ଯାଇଥିଲେ ୪୯ ବର୍ଷୀୟ ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ସ ବେପାରୀ ଜୋଆକ୍ୱିନ ଆର୍ଚିଭାଲ୍ଡୋ ଗୁଜ୍‌ମ୍ୟାନ୍ ଲୋଏରା ଓରଫ 'ଏଲ୍ ଚାପୋ'। ପ୍ରଥମ ଦେଖାରେ ମନ ଦିଆନିଆ, ତା'ପରେ ବିବାହ। ଏଲ୍ ଚାପୋ ଓ ଏସ୍‌ପୁରୋଙ୍କ ଦୁଇ ଯାଆଁଳା ଝିଅ ଅଛନ୍ତି, ନାମ ମାରିୟା ଖ୍ୱାକିନା ଏବଂ ଏମାଲି। ଏସ୍‌ପୁରୋଙ୍କ ବାପା ଆଇନେସ୍ କୋରୋନେଲ୍ ବାରେରାସ୍ ୨୦୧୩ରେ ଗିରଫ ହେବା ପର୍ଯ୍ୟନ୍ତ ଏଲ୍ ଚାପୋଙ୍କ ଘନିଷ୍ଠ ସହଯୋଗୀ ଥିଲେ। ଉତ୍ତରପଶ୍ଚିମ ମେକ୍ସିକୋସ୍ଥିତ ସିନାଲୋଆ ରାଜ୍ୟର ଏକ ଗରିବ ପରିବାରରୁ ଆସିଥିବା ଏଲ୍ ଚାପୋ ପ୍ରଥମେ ଗଞ୍ଜେଇ ଚାଷ କରିଥିଲେ। ପରେ ତାଙ୍କ ବହୁ କୋଟି ଡଲାରର କଳା ସାମ୍ରାଜ୍ୟ ଏଭଳି ହଟଚମଟ ସୃଷ୍ଟି କରିଥିଲା ଯେ ସେ ୨୦୦୯ରେ ପ୍ରଖ୍ୟାତ ପତ୍ରିକା ଫୋର୍ବସ୍‌ର ଧନୀ ବ୍ୟକ୍ତିଙ୍କ ତାଲିକାରେ ସ୍ଥାନ ପାଇଥିଲେ। ସେତେବେଳେ ତାଙ୍କ ସମ୍ପତ୍ତିର ମୂଲ୍ୟ ୧ ବିଲିୟନ୍ ଡଲାର ବୋଲି ଆକଳନ କରାଯାଇଥିଲା। ଏଲ୍ ଚାପୋ ସିନାଲୋଆ କାର୍ଟେଲ ଚଳାଇବାବେଳେ ତାଙ୍କୁ କିଏ ଭେଟିପାରିବେ ତାହା ଏସ୍‌ପୁରୋ ସ୍ଥିର କରୁଥିଲେ। ଡ୍ରଗ୍ସ ଚାଲାଣକାରୀଙ୍କ ସ୍ତ୍ରୀମାନଙ୍କୁ 'ଅତି କାମୁକ' ମହିଳା ବିବେଚନା କରାଯାଏ, ଯାହାଙ୍କ ପାଖରେ କିଛି କାମ ନ ଥାଏ। କିନ୍ତୁ ଏସ୍‌ପୁରୋ ଭିନ୍ନ ଥିଲେ। ମହିଳାମାନେ ମଧ୍ୟ ନିଜ ହାତକୁ କ୍ଷମତା ନେଇପାରନ୍ତି ବୋଲି ସେ ପ୍ରମାଣିତ କରିଥିଲେ। କିନ୍ତୁ ଏକ ଡ୍ରଗ୍ସ କାର୍ଟେଲରେ କ୍ଷମତା ହାସଲ କରିବା କେତେ ବିପଜ୍ଜନକ ବ୍ୟାପାର ତାହା ସେ ଏବେ ଅନୁଭବ କରିପାରୁଛନ୍ତି। ଏସ୍‌ପୁରୋଙ୍କ କର୍ମ ତାଙ୍କୁ ଭର୍ଜିନିଆର ଆଲେକ୍‌ଜାଣ୍ଡ୍ରିଆ ସହରସ୍ଥିତ ୱିଲିୟମ୍ ଟ୍ରସ୍‌ଡେଲ୍ ଆଡଲ୍ଟ ଡେଷ୍ଟିନେଶନ କାରାଗାରକୁ ଟାଣିନେଇଛି। ଏକାନ୍ତ କାରାବାସ ପାଇଁ ଉଦ୍ଦିଷ୍ଟ ଛୋଟ କୋଠରିଟିର ଝରକାଗୁଡ଼ିକୁ ଆୟତାକାର ଆକାରରେ କାଟି ତା' ମଧ୍ୟରେ ଏକ ଲାଲ ଇଟା ଗଳିବା ଭଳି ଜାଗା ଛଡ଼ାଯାଇଛି। ସେଠି ସେ ରୋମାଣ୍ଟିକ୍ ଉପନ୍ୟାସ ପଢ଼ି ସମୟ ବିତାଉଛନ୍ତି। ତାଙ୍କ ଓକିଲ ମେରିଏଲ୍ କୋଲୋନ ମିରୋ କହିଛନ୍ତି, ଏସ୍‌ପୁରୋଙ୍କ ଆଜିର ଜୀବନ ଓ ଅବସ୍ଥା ତାଙ୍କ ପୂର୍ବ ଜୀବନଠାରୁ ସମ୍ପୂର୍ଣ୍ଣ ଓଲଟା। କିଛି ମାସ ତଳେ ସେ 'ଅଲ୍ ଚାପୋ ଗୁଜ୍‌ମ୍ୟାନ' ନାମରେ ଏକ କପଡ଼ା ବ୍ରାଣ୍ଡ ଆରମ୍ଭ କରିବାକୁ ଯୋଜନା କରିଥିଲେ। ମେକ୍ସିକୋରେ ଏହି ଯୋଡ଼ିଙ୍କୁ ଷ୍ଟାଇଲ୍ ଆଇକନ ବିବେଚନା କରାଯାଏ। ତାଙ୍କ ଝିଅ ମଧ୍ୟ ନିଜ ପିତାଙ୍କ ନାଁ ବ୍ୟବହାର କରି ଏକ ଫ୍ୟାଶନ ଇଣ୍ଡଷ୍ଟ୍ରି ଆରମ୍ଭ କରିଛନ୍ତି।

## ପେଟ୍ରୋଲ ୨୭, ଡିଜେଲ ...

ସୂଚନା ମିଳିଛି। ଅନ୍ୟପକ୍ଷରେ ଓଡ଼ିଶାର ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ ଥିବାବେଳେ ଡିଜେଲ ମଧ୍ୟ ପ୍ରାୟ ୧୦୦ ଟଙ୍କାରେ ବିକ୍ରି କରାଯାଉଥିବା ସ୍ଥାନୀୟ ପେଟ୍ରୋଲିୟମ ଡିଲରମାନେ କହିଛନ୍ତି।

ସେହିପରି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୭ ପଇସା ଏବଂ ଡିଜେଲ ୨୩ ପଇସା ବଢ଼ିଥିବା ଜଣାପଡ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୬.୧୨ ଟଙ୍କା ଏବଂ ଡିଜେଲ ୮୬.୯୮ ଟଙ୍କାରେ ପହଞ୍ଚିଛି। ମେ' ୪ ପରଠାରୁ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୫.୫୭ ଟଙ୍କା ଏବଂ ଡିଜେଲ ୬.୦୭ ଟଙ୍କା ବୃଦ୍ଧି ଘଟିଲାଣି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୭.୪୩ ଟଙ୍କା, ୯୬.୧୨ ଟଙ୍କା ଏବଂ ୧୦୨.୩୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ୯୧.୬୪ ଟଙ୍କା, ୮୯.୯୮ ଟଙ୍କା ଏବଂ ୯୪.୩୯ ଟଙ୍କା ଛୁଇଁଥିବା ଜଣାପଡ଼ିଛି।

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ,ତେଲଙ୍ଗାନା, ମହାରାଷ୍ଟ୍ର, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଏବଂ ଲଦାଖର ବିଭିନ୍ନ ସହରରେ ତେଲ ଦର ରେକର୍ଡ ସ୍ତରରେ ପହଞ୍ଚିଛି। ମହାମାରୀ ସମୟରେ ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ୧୦୭ ଟଙ୍କା ଉପରେ ବିକ୍ରି ହେଉଛି। ଡିଜେଲ ମଧ୍ୟ ୧୦୦ଟଙ୍କା ଟପିଛି। ଏହାକୁ ଦେଶର ସର୍ବାଧିକ ତେଲ ଦର ବୋଲି ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

## ମେଘାଙ୍କୁ ପୁଲିଜର

ଏବଂ କ୍ରିଷ୍ଟୋ ବୁସ୍‌ଚେକ୍‌ଙ୍କ ସହାୟତାରେ ତଥ୍ୟ ଏବଂ ମୁସଲମାନ ଅଟକ ଥିବା ବିଲ୍ଡିଂର ସାଟେଲାଇଟ ଫଟୋ ସଂଗ୍ରହ କରିଥିଲେ। ସବୁଠୁ ବଡ଼ ମାନବାଧିକାର ଉଲ୍ଲଂଘନ ଘଟଣାକୁ ଲୋକଲୋଚନକୁ ଆଣିଥିଲେ ରାଜଗୋପାଳନ ବୋଲି ବଜ୍‌ଫିଡ୍ ନ୍ୟୁଜ୍‌ର ମୁଖ୍ୟ ସମ୍ପାଦକ ମାର୍କ ସ୍କୁଫ୍‌ସ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ପାରିବାରିକ ଦ୍ୱନ୍ଦ୍ୱ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବ। ଯୋଜନା କାର୍ଯ୍ୟକାରୀ ସକାଶେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନର ସମ୍ଭାବନା ରହିଛି। ଆର୍ଥିକ ଦିଗରୁ ଦିନଟି ଭଲ ରହିବ, ତଥାପି ପୂର୍ବ ଋଣ ପରିଶୋଧ କରିବା ପାଇଁ ତାଗିଦା ମିଳିପାରେ।

**ବୃଷ**

ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ବିଭିନ୍ନ ସମସ୍ୟା ହେତୁ ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍‌ଶିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ବିଭିନ୍ନ ମନ୍ତବ୍ୟ ଦେଇ ପରୋକ୍ଷ ଶତ୍ରୁତା ସୃଷ୍ଟି କରିବେ। ଆଜି ବନ୍ଧୁମିଳନ, ମନୋରଞ୍ଜନ, ଯାତ୍ରା ପ୍ରଭୃତି ପ୍ରୀତିଦାୟକ ରହିବ।

**ମିଥୁନ**

ପୂର୍ବ ଯୋଜନାନୁସାରେ ସମ୍ପର୍କୀୟଙ୍କ ସହ ଆଜିର ଯାତ୍ରା ନିରାପଦ ରହିବ। ସ୍ତ୍ରୀଙ୍କ ସହଯୋଗରେ ଅଟକି ରହିଥିବା କାମଗୁଡ଼ିକ ତ୍ୱରାନ୍ୱିତ ହେବ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ।

**କର୍କଟ**

ନୂତନ କର୍ମାରମ୍ଭ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ସଭାସମିତି ତଥା ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବା କାରଣରୁ ମନ ଖୁସି ହୋଇଯିବ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇ ପାରନ୍ତି।

**ସିଂହ**

ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ କାରଣରୁ ମାନସିକ ଶାନ୍ତି ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ,ଏଣୁ ସତର୍କ ରହିବା ଭଲ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**

ସାହାଯ୍ୟ ଓ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। କୌଣସି ତ୍ରୁଟି ନ ଥିଲେ ମଧ୍ୟ ଆତ୍ମୀୟସ୍ୱଜନଙ୍କ ଭୁଲ୍ ବିଚାର ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ। ଆଜି ସତର୍କତା ଅଭାବରୁ ଚୋରି କିମ୍ବା ପକେଟ୍‌ମାରଜନିତ ଧନହାନି ଘଟିବାର ସମ୍ଭାବନା ରହିଛି।

**ତୁଳା**

ପ୍ରତ୍ୟେକ କ୍ଷେତ୍ରରେ ଚୁପ୍‌ଚାପ ହୋଇ ବସି ରହିଲେ ବହୁ କ୍ଷତି ସହିବାକୁ ପଡ଼ିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରାଧାନ୍ୟତା ବଜାୟ ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ସାଙ୍ଗକୁ ସମସ୍ୟାର ସରଳ ସମାଧାନ କରିପାରିବେ।

**ବିଛା**

ମାନସିକ ଅସ୍ଥିରତା କାରଣରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଅଫିସ୍ କାମରେ ସନ୍ଦେହଜନକ ସ୍ଥିତି ଉପୁଜିପାରେ। ଖଳ ଲୋକମାନଙ୍କ ଦ୍ୱାରା ଅପପ୍ରଚାର ଜନିତ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି।

**ଧନୁ**

ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ପୁରାତନ ରୋଗରେ କଷ୍ଟ ପାଇବେ। ପ୍ରତିଯୋଗିତାରେ ସଫଳତା ହାସଲ ସହ ପ୍ରଶଂସିତ ହେବାର ସମ୍ଭାବନା ରହିଛି।

**ମକର**

ସାଧାରଣ କଥାକୁ କେନ୍ଦ୍ର କରି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ସାଧାରଣ କଥାକୁ ନେଇ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ବସ୍ତ୍ର, ଯାନବାହନ, ଯାନ୍ତ୍ରିକ ଜିନିଷ, ଉପଢୌକନ ଲାଭ ଯୋଗ ରହିଛି। କୌଣସି ଅନର୍ଥ ଘଟିବା ଆଶଙ୍କା କରି ମାନସିକ ଅସୁସ୍ଥତା ଅନୁଭବ କରିବେ।

**କୁମ୍ଭ**

ପ୍ରତ୍ୟେକ କ୍ଷେତ୍ରରେ କୌଶଳ ପ୍ରୟୋଗ କରି କାମ ହାସଲ କରିବାରେ ସମର୍ଥ ହେବେ। ଘରୋଇ କ୍ଷେତ୍ରରେ ନିଜ ଲୋକମାନେ ଅଯଥା ସମସ୍ୟା ସୃଷ୍ଟି କରିପାରନ୍ତି। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭାଂଶ ମାନ୍ଦା ହେବ ନାହିଁ।

**ମୀନ**

କର୍ମକ୍ଷେତ୍ରରେ ସହମତି ଭିତ୍ତିରେ କାମ କଲେ ଉପକାର ପାଇବେ। ଆଲୋଚନା, ସଭାସମିତି, ପ୍ରଶାସନ, ରାଜନୀତି ତଥା ଆମଦାନୀ କାରବାରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। କଳା, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା ଓ ମହୋତ୍ସବରେ ନିଜକୁ ସାମିଲ କରିପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳ ତୃତୀୟା ରବିବାର, ଜୁନ୍ ୧୩ ତାରିଖ, ରାଶିନକ୍ଷତ୍ର ପୁନର୍ବସୁ/ମିଥୁନ, ଘ.୧୨।୩୧ ଗତେ, କର୍କଟ ଚନ୍ଦ୍ର, ମେଷରାଶିର ଘାତବାର, କନ୍ୟାରାଶିର ଘାତଚନ୍ଦ୍ର-ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୭ ଗତେ ଘ.୧୧।୪୬ ମଧ୍ୟେ ଅମୃତବେଳା। ଦିବା ଘ.୦୬।୫୬ ଗତେ ଘ.୦୯।୩୪ ମଧ୍ୟେ, ଘ.୧୨।୧୩ ଗତେ ଘ.୦୨।୫୧ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୪୩ ଗତେ ଘ.୦୬।୨୨ ମଧ୍ୟେ ରାହୁକାଳ।

## ରାଉରକେଲାରେ ବିପୁଳ ପରିମାଣର ନକଲି ଔଷଧ ଜବତ

ରାଉରକେଲା ଅଫିସ-ରାଉରକେଲା ସହରର ୩ଟି ଔଷଧ ଦୋକାନ ଉପରେ ଶନିବାର ଡ୍ରଗ୍ସ ବିଭାଗର ଏକ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ଔଷଧ ଜବତ କରିଛି। ସୂଚନା ମୁତାବକ ସହରର କେତେକ ଔଷଧ ଦୋକାନରେ କରୋନା ପାଇଁ ନକଲି ଔଷଧ ବିକ୍ରି ହେଉଥିବା ସମ୍ପର୍କରେ ଏହି ଟିମ୍ ଖବର ପାଇଥିଲା। ସହରର ଉଦିତ ନଗର ଅଞ୍ଚଳର ଜିଟି ଲାଇନ୍‌ରେ ଥିବା ଏକ ଔଷଧ ଦୋକାନ, ଓରାମପଡା ଓ ବିଶ୍ରା ଡାହାରୋଡସ୍ଥିତ ଔଷଧ ହୋଲସେଲ୍ ଦୋକାନ ଉପରେ ଚଢ଼ାଉବେଳେ ଅନେକ ନାମୀଦାମୀ କମ୍ପାନୀର ନକଲି ଔଷଧ ଥିବା ଜଣାପଡିଛି। ଜବତ ପରେ ଅଧିକ ତଦନ୍ତ ଜାରି ରହିଥିବା ଏହି ଟିମ୍‌ର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

# ପୋଲିସ ଚାକିରି କରିବେ କିନ୍ନର

ଭୁବନେଶ୍ୱର,୧୨।୬(ବ୍ୟୁରୋ)

- ୪୭୭ ଏସ୍‌ଆଇ, ୨୨୪ କନଷ୍ଟେବଲ ପଦବୀ ବିଜ୍ଞପ୍ତି
- କିନ୍ନରଙ୍କୁ ମିଳିଲା ଆବେଦନ ସୁଯୋଗ
- ଜୁନ୍ ୨୨ରୁ ଜୁଲାଇ ୧୫ ମଧ୍ୟରେ ଆବେଦନ

କରୋନା ମହାମାରୀ ସମୟରେ ଚାକିରି ଅଭାବ ଦେଖାଦେଇଥିବାବେଳେ ରାଜ୍ୟ ପୋଲିସ ବିଭାଗରେ ୪୭୭ ସବ୍ ଇନ୍ସପେକ୍ଟର(ଏସ୍‌ଆଇ) ଓ ୨୪୪ କନଷ୍ଟେବଲ ପଦବୀ ପୂରଣ ପାଇଁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ତେବେ ଏହି ସବୁ ପଦବୀ ପାଇଁ ଏଥର କିନ୍ନରମାନେ ମଧ୍ୟ ଆବେଦନ କରିପାରିବେ ବୋଲି ପୋଲିସ ମହାନିର୍ଦ୍ଦେଶକ ଅଭୟ ସୂଚନା ଦେଇଛନ୍ତି। ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୨୨ଠାରୁ ଜୁଲାଇ ୧୫ତାରିଖ ମଧ୍ୟରେ ଇଚ୍ଛୁକ ପ୍ରାର୍ଥୀମାନେ ଅନ୍‌ଲାଇନ ଜରିଆରେ ଆବେଦନ କରିପାରିବେ। ଯେଉଁମାନେ ଏସ୍‌ଆଇ ପଦବୀ ପାଇଁ ଆବେଦନ କରିବେ ସେମାନଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ପାସ୍ ହୋଇଥିବ ଓ ୨୦୨୧ ଜାନୁୟାରୀ ୧ତାରିଖ ସୁଦ୍ଧା ସେମାନଙ୍କ ବୟସ ୨୧ରୁ ୨୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ତେବେ ଅନୁସୂଚିତ ଜାତି/ଜନଜାତି, ଏସ୍‌ଇବିସି ଓ ମହିଳାଙ୍କ ପାଇଁ ବୟସ ସୀମାକୁ ୫ବର୍ଷ କୋହଳ କରାଯାଇଛି। ଏଥର ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ କରାଯାଇଥିବା ଡିଜି କହିଛନ୍ତି। ଗୋଟିଏ ଲିଖିତ ପରୀକ୍ଷା ହେବ ଓ ସେଥିରେ ମଲ୍‌ଟିପୁଲ୍ ଚଏସ୍ ପ୍ରଶ୍ନ ରହିବ। ସେହିପରି କମ୍ୟୁନିକେଶନ କନଷ୍ଟେବଲ ପାଇଁ ଆବେଦନ କରିବାକୁ ଥିବା ପ୍ରାର୍ଥୀଙ୍କ ବୟସ ୨୦୨୧ ଜାନୁୟାରୀ ୧ ତାରିଖ ସୁଦ୍ଧା ବୟସ ୧୮ରୁ ୨୩ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । କମ୍ୟୁନିକେଶନ କନଷ୍ଟେବଲ ପଦବୀ ପାଇଁ ପ୍ରାର୍ଥୀଙ୍କ ସର୍ବନିମ୍ନ ଯୋଗ୍ୟତା ଯୁକ୍ତ ୨ ପାସ୍ ରହିଥିବ ଏବଂ ରାଜ୍ୟ ସରକାରଙ୍କ ଯେ କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ କମ୍ପ୍ୟୁଟର ଆପ୍ଲିକେଶନରେ ଡିପ୍ଲୋମା କରିଥିବା ଆବଶ୍ୟକ। ଏଥିସହ ସେମାନଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷା ଦେବାକୁ ପଡ଼ିବ ବୋଲି ଡିଜିପି ଅଭୟ ସୂଚନା ଦେଇଛନ୍ତି। ଓଡ଼ିଶା ପୋଲିସରେ ଯୋଗଦେଇ ସମାଜର ସେବା କରିବାକୁ ଆଗେଇ ଆସିବା ପାଇଁ ଡିଜି ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ପୋଲିସ ସେବାରେ ପ୍ରଥମ ଥର ପାଇଁ କିନ୍ନରମାନଙ୍କୁ ଆବେଦନ କରିବାକୁ ସୁଯୋଗ ମିଳିଥିବାରୁ କିନ୍ନର ସମାଜ ବେଶ୍ ଉତ୍ସାହିତ ଅଛନ୍ତି।

# ମଦ ପାଇଁ ଶିଶୁକନ୍ୟା ବିକ୍ରି ଅଭିଯୋଗ

ବିଞ୍ଝାରପୁର, ୧୨।୬ (ଡି.ଏନ.ଏ.)

ଅଢ଼େଇ ବର୍ଷର ଶିଶୁକନ୍ୟାକୁ ୫ ହଜାର ଟଙ୍କାରେ ବିକିଦେଲେ ବାପା। ଜେଜେଙ୍କ ଅଭିଯୋଗ କ୍ରମେ ବିଞ୍ଝାରପୁର ପୋଲିସ ଶିଶୁକନ୍ୟାକୁ ଉଦ୍ଧାର କରିଛି। ଏଭଳି ଘଟଣା ଘଟିଛି ବିଞ୍ଝାରପୁର ଥାନା ଫତେପୁର ପଞ୍ଚାୟତ ମଲିଆ ଗ୍ରାମରେ। ଅଭିଯୋଗ ଅନୁସାରେ ଗ୍ରାମର ରବୀନ୍ଦ୍ର ବାରିକଙ୍କ ପୁଅ ରମେଶ (୩୨) ସ୍ତ୍ରୀଙ୍କ ସହିତ ଭୁବନେଶ୍ୱରର କ୍ୟାପିଟାଲ ଥାନା ଅଞ୍ଚଳରେ ରହୁଥିଲେ। ରମେଶଙ୍କ ୨ ଝିଅ ଓ ଗୋଟିଏ ପୁଅ। ସେ ମଦପିଇ ସ୍ତ୍ରୀ ଓ ପିଲାଙ୍କୁ ମାରଧର କରନ୍ତି। ସେଥିପାଇଁ ପୂର୍ବରୁ ରମେଶଙ୍କ ବଡ଼ ଝିଅ ଓ ପୁଅଙ୍କୁ ଜେଜେ ରବୀନ୍ଦ୍ର ନେଇଆସି ପାଖରେ ରଖିଥିବାବେଳେ ସାନଝିଅ ପ୍ରିୟଙ୍କା (ଅଢେଇବର୍ଷ) ମା'ବାପାଙ୍କ ପାଖରେ ଥିଲେ। ମାସେ ପୂର୍ବେ ରମେଶ ସ୍ତ୍ରୀ ସସ୍ମିତାଙ୍କୁ ମାଡ଼ମାରି ଘରୁ ତଡ଼ିଦେଇ ସାନଝିଅ ପ୍ରିୟଙ୍କାଙ୍କୁ ପାଖରେ ରଖିଥିଲେ। ସସ୍ମିତା ଭୁବନେଶ୍ୱରରେ ବାପାଙ୍କ ଘରେ ରହୁଥିଲେ। ମଦ ପିଇବାକୁ ଟଙ୍କା ଅଭାବ ହେବାରୁ ରମେଶ ଗତ ୪ ତାରିଖ ପ୍ରିୟଙ୍କାଙ୍କୁ ବିଞ୍ଝାରପୁର ଥାନା ସୟଦପୁର ପଞ୍ଚାୟତ ମେଡିକାଲ ଛକ ହାଟସାହିର ମିଟୁ ଯେନାଙ୍କୁ ୫ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ପ୍ରିୟଙ୍କା କେଉଁଠି ଅଛି ବୋଲି ରବୀନ୍ଦ୍ର ପଚାରିବାରୁ ସସ୍ମିତା ପାଖରେ ଥିବା ରମେଶ କହିଥିଲେ। ୬ ଦିନ ପରେ ରବୀନ୍ଦ୍ର ଏବଂ ସସ୍ମିତା ଜାଣିବାକୁ ପାଇଥିଲେ ଯେ, ପ୍ରିୟଙ୍କାଙ୍କୁ ରମେଶ ବିକି ଦେଇଛନ୍ତି। ସସ୍ମିତା ଏନେଇ କ୍ୟାପିଟାଲ ଥାନା ଏବଂ ରବୀନ୍ଦ୍ର ଶୁକ୍ରବାର ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ବିଞ୍ଝାରପୁର ପୋଲିସ ଶନିବାର ମିଟୁ ଯେନାଙ୍କ ଘରୁ ପ୍ରିୟଙ୍କାଙ୍କୁ ଉଦ୍ଧାର କରି ଡାକ୍ତରୀ ପରୀକ୍ଷା କରାଇଥିଲା। ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରିୟଙ୍କାଙ୍କୁ ଆଣି ଶିଶୁ ମଙ୍ଗଳ କମିଟିରେ ହସ୍ତାନ୍ତର କରିଛନ୍ତି। ଶିଶୁକନ୍ୟାଙ୍କୁ ବାଳାଶ୍ରମର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଥିବା ସେ କହିଛନ୍ତି। ବିଞ୍ଝାରପୁର ଆଇଆଇସି ଅମରେନ୍ଦ୍ର ଦାଶ ନଂ. ୨୩୪/୨୧ରେ ମାମଲା ରୁଜୁକରି ରମେଶ ଓ ମିଟୁଙ୍କୁ ଅଟକ ରଖିଛନ୍ତି।

### ଅଭିଯୋଗ ପାଇ ଉଦ୍ଧାର କଲା ପୋଲିସ

## ଗହମ ବୋଝେଇ ଟ୍ରକ୍ ଓଲଟିଲା

**ପାଣିକୋଇଲି, ୧୨।୬(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବଡ଼ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମ ନିକଟରେ ଶନିବାର ସକାଳେ ଏକ ଗହମ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଛି। ଚାଳକ ଓ ଖଲାସୀ ବର୍ତ୍ତିଯାଇଛନ୍ତି। ଟ୍ରକ୍‌ଟି ପାଣିକୋଇଲି ପଟୁ କଟକ ଅଭିମୁଖେ ଯାଉଥିଲା। ପୋଲିସ ଦୁର୍ଘଟଣାର ତଦନ୍ତ ଚଳାଇଛି।

**REQUIREMENT**
**25 to 50 Acre Warehouse / Industrial Land with Good Shape**
**Preferred Road: Between Balinta & Urali on NH16 / Patraparda to Khorda on NH16**
**Sampati Kraya Vikraya Kendra**
SKV SINCE...1968
Cop Office: 220, 2nd Floor, Laxmi Complex, MI Road, JAIPUR-302001. Contact: 9001181011 / 9928078585
E-Mail : Roshan@skvk.co.in • Website : www.skvk.co.in

## ପୁଅ ଟାଙ୍ଗିଆ ଚୋଟରେ ବାପା ମୃତ

ଝାରସୁଗୁଡ଼ା ଅଫିସ,୧୨।୬

ଝାରସୁଗୁଡ଼ା ଜିଲା ବଡମାଲ ଥାନା ବୃନ୍ଦାମାଲରେ ଶନିବାର ଜଣେ ଯୁବକ ଟାଙ୍ଗିଆରେ ହାଣି ବାପାଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ସୁରଥ ମରେଇ (୬୫)। ମୃତକଙ୍କ ସ୍ତ୍ରୀ ନୃପତି ମରେଇଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୧୧/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି । ପୋଲିସ ସୁରଥଙ୍କ ମୃତଦେହ ଜବତ କରିଛି। ଘଟଣା ପରେ ଅଭିଯୁକ୍ତ ପୁଅ ବୈକୁଣ୍ଠ ଫେରାର୍ ହୋଇଯାଇଛନ୍ତି। ବୈକୁଣ୍ଠଙ୍କୁ ମା'ବାପା ଗାଧୋଇ ଆସିଲେ ଖାଇବା ବୋଲି କହିଥିଲେ। ଏଥିରେ ସେ ଉତ୍‌କ୍ଷିପ୍ତ ହୋଇ ମା'ବାପାଙ୍କୁ ମାରିବାପାଇଁ ବାହାରିଥିଲେ। ଭୟରେ ମା' ଘରଛାଡି ପଳାଇଥିଲେ। ଏହି ସମୟରେ ବୈକୁଣ୍ଠ ଏକ ଟାଙ୍ଗିଆରେ ତାଙ୍କ ବାପାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପଡ଼ୋଶୀ ବୃଦ୍ଧଙ୍କୁ ଅଚେତ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ।

# ଅକ୍ସିଜେନ ଟ୍ରକ୍‌ରେ କୋଟିଏ ଟଙ୍କାର ଗଞ୍ଜେଇ


ଅକ୍ସିଜେନ ବୋଝେଇ ଟ୍ରକ୍‌ରୁ ଜବତ ହୋଇଥିବା ଗଞ୍ଜେଇ ଏବଂ ଗିରଫ ୨ ଅଭିଯୁକ୍ତ।

ଜୟପୁର,୧୨।୬(ନି.ପ୍ର.)

- ବିଶାଖାପାଟଣା ପୋର୍ଟରୁ ଅକ୍ସିଜେନ ଟ୍ରକ୍‌ରେ ଦିଲ୍ଲୀ ଯାଉଥିଲା
- ବାଟରେ ଚାଲାଣକାରୀମାନେ ପଞ୍ଜାବ ନେଉଥିଲେ ଗଞ୍ଜେଇ
- ଜୟପୁର ଘାଟିରେ ପୋଲିସର ଚଢ଼ାଉ

ପ୍ରଥମେ ପରିବା, କଣ୍ଟେନର, ମୁଢ଼ି ବସ୍ତା ଭିତରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଏବେ ଆଉ ଏକ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ ହେଉଥିବା ନଜରକୁ ଆସିଛି। ଏକ ଅକ୍ସିଜେନ ବୋଝେଇ ଟ୍ରକ୍‌ରେ ଚାଲାଣକାରୀମାନେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଜୟପୁର ସଦର ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ପ୍ରାୟ କୋଟିଏ ଟଙ୍କାର ଗଞ୍ଜେଇ ଜବତ ହୋଇଛି। ୨ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ପଞ୍ଜାବ ଲୁଧିଆନାର ଯୋଶ ପାଲ (୪୩) ଏବଂ ଲଖବିନ୍ଦର ସିଂ (୪୩) ବୋଲି ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

ଖବରରୁ ଜଣାପଡ଼ିଛି କୋରାପୁଟ-ଜୟପୁର ଦେଇ ଯାଉଥିବା ଅକ୍ସିଜେନ ସିଲିଣ୍ଡର ବୋଝେଇ ଟ୍ରକ୍ (ପିବି-୧୦ ଇଏସ୍-୪୬୬୧)ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ସଦର ପୋଲିସ ନିକଟରେ ପହଞ୍ଚିଥିଲା। ଜୟପୁର ଘାଟିରେ ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଟିମ୍ ସହ ଜଗି ରହି ଚଢ଼ାଉ କରିଥିଲେ। ଏହି ସମୟରେ ଅକ୍ସିଜେନ୍ ସିଲିଣ୍ଡର ବୋଝେଇ ଏହି ଟ୍ରକ୍ ଉପରୁ ପୋଲିସ ନଜର ହଟାଇବା ପାଇଁ ଅଭିଯୁକ୍ତମାନେ ନେଉଥିବା ଗଞ୍ଜେଇ ଧରାପଡ଼ିଥିଲା। ପୋଲିସ ୧୨୭୭ କେଜି ଗଞ୍ଜେଇ ଜବତ କରିଥିଲା। ଏହାର ବଜାର ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କା ହେବ । ଭିଏତ୍‌ନାମ ସରକାରଙ୍କ ପକ୍ଷରୁ ଭାରତ ସରକାରଙ୍କୁ ଏହି ଅକ୍ସିଜେନ ଯୋଗାଣ ହେଉଥିଲା। ବିଶାଖାପାଟଣା ପୋର୍ଟରୁ ୧୫୦ଟି ଅକ୍ସିଜେନ ସିଲିଣ୍ଡର ବୋଝେଇ କରି ଟ୍ରକ୍‌ଟି ଦିଲ୍ଲୀ ରେଡ୍‌କ୍ରସ୍ ସୋସାଇଟିକୁ ଯାଉଥିଲା। ତେବେ ରାସ୍ତାରେ ଗଞ୍ଜେଇ ମାଫିଆମାନେ ଟ୍ରକ୍ ଡ୍ରାଇଭରଙ୍କ ସହ କଥାବାର୍ତ୍ତା କରି ଗଞ୍ଜେଇ ପଞ୍ଜାବ ନେଉଥିଲେ। ତେବେ ଏହି ସୂଚନା ପାଇ ଜୟପୁର ସଦର ପୋଲିସ ଏମାନଙ୍କ ଯୋଜନାକୁ ପଣ୍ଡ କରିଦେଇଛି। ଗଞ୍ଜେଇ ସହ ୨ଟି ମୋବାଇଲ ଫୋନ ଜବତ ହୋଇଛି । ଅଭିଯୁକ୍ତଙ୍କ ନାମରେ ୧୦୪/୨୧ରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି।

## ବାଟରେ ଅକ୍ସିଜେନ ଶେଷ, ରୋଗୀ ମୃତ

ନୟାଗଡ ଅଫିସ,୧୨।୬

ନୟାଗଡ଼ ଜିଲା ଦଶପଲ୍ଲାର ଜଣେ କରୋନା ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ଚାନ୍ଦପୁର କୋଭିଡ୍ ହସ୍ପିଟାଲକୁ ପଠାଯାଉଥିବାବେଳେ ବାଟରେ ଅକ୍ସିଜେନ ସରିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ଦଶପଲ୍ଲା ଥାନା ସୁବଳୟା ଗାଁର ମାନସ ପରିଡା(୩୭)। ଅଧାବାଟରେ ଅକ୍ସିଜେନ ଶେଷ ହେବା ଓ ପଜିଟିଭ ରିପୋର୍ଟ ନ ଦେବା ନେଇ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ମୃତକଙ୍କ ପରିବାର ଶୁକ୍ରବାର ପାଟିତୁଣ୍ଡ କରିବାରୁ ଉତ୍ତେଜନା ଦେଖା ଦେଇଥିଲା। ହେଲେ ଚାନ୍ଦପୁର କୋଭିଡ୍ ହସ୍ପିଟାଲ କର୍ତ୍ତୃପକ୍ଷ ଖଣ୍ଡପଡାରୁ ଚାନ୍ଦପୁରକୁ ରୋଗୀଙ୍କୁ ରେଫର କରାଯାଇଥିବା ଫରୱାର୍ଡ ରିପୋର୍ଟକୁ ଧରାଇ ଦେଇ ଚାଲିଯିବାକୁ ପରାମର୍ଶ ଦେଇଥିଲେ।

ଅର୍ଜୁନ ପରିଡାଙ୍କ ଅଭିଯୋଗ ଅନୁସାରେ, ପୁଅ ମାନସ ଶୁକ୍ରବାର ସକାଳେ ଅସୁସ୍ଥ ହେବାରୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାବ୍ ଟେଷ୍ଟ କରାଯାଇଥିଲା। ପଜିଟିଭ୍ ରିପୋର୍ଟ ଆସିବାରୁ ଖଣ୍ଡପଡ଼ା କୋଭିଡ୍ ସେଣ୍ଟରକୁ ସ୍ଥାନାନ୍ତର କରାଗଲା। ହେଲେ ପଜିଟିଭ ରିପୋର୍ଟ ଦେଇ ନ ଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ଖଣ୍ଡପଡା କୋଭିଡ୍ ସେଣ୍ଟର ପକ୍ଷରୁ ଆମ୍ବୁଲାନ୍ସରେ ଅକ୍ସିଜେନ ଲଗାଇ ମାନସଙ୍କୁ ଚାନ୍ଦପୁର କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା। ଅଳ୍ପ ବାଟ ବାକି ଥିବାବେଳେ ଅକ୍ସିଜେନ ଶେଷ ହୋଇଗଲା। କିଛି ଅସୁବିଧା ନାହିଁ କହି ଡ୍ରାଇଭର ଅକ୍ସିଜେନ ଲଗାଇଲେ ନାହିଁ। ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ମାନସଙ୍କୁ ମୃତ ଘୋଷଣା କରାଯାଇଥିଲା। ଖଣ୍ଡପଡାରୁ ଚାନ୍ଦପୁର ଯାଉଥିବାବେଳେ ବାଟରେ ଅକ୍ସିଜେନ ଶେଷ ହୋଇଯାଉଛି। ଆଉ ଏକ ଅକ୍ସିଜେନ ଲଗାଗଲା ନାହିଁ କାହିଁକି। ମୃତ୍ୟୁ ପରେ ଠିକ୍ ରିପୋର୍ଟ ଦିଆଯାଉନି କାହିଁକି। ପାଟିତୁଣ୍ଡ ପରେ ଫରୱାର୍ଡ ରିପୋର୍ଟ ଦେଇ ଚାଲିଯିବାକୁ କୁହାଗଲା ବୋଲି ଅର୍ଜୁନ କହିଛନ୍ତି। ଅନ୍ୟପକ୍ଷେ ଯଦି ଅନ୍ୟ ରୋଗରେ ପୁଅର ମୃତ୍ୟୁ ହୋଇଛି ତେବେ ମୃତଦେହକୁ ଆମକୁ କାହିଁକି ଦିଆଗଲା ନାହିଁ। ମୋ ପୁଅର ମୃତ୍ୟୁ ପରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ହେଲେ ଏହାର ଉତ୍ତର କେହି ଦେଉନାହାନ୍ତି। ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ଚିକିତ୍ସାରେ ଅବହେଳା ଅଭିଯୋଗର ସତ୍ୟତା ନାହିଁ। ତେବେ ଆମ୍ବୁଲାନ୍ସରୁ ଅକ୍ସିଜେନ ଶେଷ ହୋଇ ନ ଥିଲା। ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା ବୋଲି ସେ କହିଛନ୍ତି।

## ୨୪ ଘଣ୍ଟାରେ ସବୁ ଜିଲାକୁ ଛୁଇଁବ ମୌସୁମୀ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗିରହିଛି। ଏଥିସହିତ ଦକ୍ଷିଣ ପଶ୍ଚିମ ମୌସୁମୀ ରାଜ୍ୟର ଅଧାରୁ ଅଧିକ ଅଞ୍ଚଳକୁ ଘେରିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ମୌସୁମୀ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ଜିଲାକୁ ସମ୍ପୂର୍ଣ୍ଣ ଏବଂ ପୁରୀ ଜିଲାର ବାକି ଅଂଶ ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଅଧିକାଂଶ ଭାଗ, କଟକ, ଯାଜପୁର ଏବଂ ମୟୂରଭଞ୍ଜ ଜିଲାର କିଛି ଅଂଶକୁ ମୌସୁମୀ ଆଚ୍ଛାଦିତ କରିଛି। ପାଗ ଅନୁକୂଳ ଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ସମ୍ପୂର୍ଣ୍ଣ ରାଜ୍ୟକୁ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ମିଶ୍ରିତ ମୌସୁମୀ ଯୋଗୁ ଶନିବାର ରାତିରୁ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, କୋରାପୁଟ ଏବଂ ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ହେବ। ଏହିସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୩ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଢେଙ୍କାନାଳ, ଯାଜପୁର, କଟକ, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୧୬ ତାରିଖ ଯାଏ ବର୍ଷା ଲାଗିରହିବ। ୧୭ ତାରିଖରେ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି ବାରଣ କରାଯାଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ଦିଆଯାଇଛି।

## ଆର୍ଥିକ ଅନଟନ, ମାନସିକ ଚାପ

# ୪ଝିଅଙ୍କ ତଣ୍ଟି କାଟି ବାପାଙ୍କ ଆତ୍ମହତ୍ୟା

ସମ୍ବଲପୁର,୧୨।୬(ବ୍ୟୁରୋ)

ଆର୍ଥିକ ଅନଟନ ଓ ମାନସିକ ଚାପ ଯୋଗୁ ଏକ ପରିବାରର ମୁଖ୍ୟ ବର୍ବରକାଣ୍ଡ ଭିଆଇଛନ୍ତି। ୪ ଝିଅଙ୍କ ତଣ୍ଟି କାଟି ବାପା ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରେ ୩ବର୍ଷ ଝିଅର ମୃତ୍ୟୁ ଘଟିଥିବାବେଳେ ପୁଅ ଦୌଡ଼ି ପଳାଇ ଜୀବନ ବଞ୍ଚାଇଛନ୍ତି। ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଯୌତୁକବାହାଲ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ଯୌତୁକବାହାଳ ଗ୍ରାମର ଶୁଖୁ ଓରାମ ସ୍ତ୍ରୀ ଏତବାରି, ୪ ଝିଅ ବିରସୀ ଓରାମ (୧୩), ଗାଙ୍ଗି ଓରାମ (୭), ସାଲିମ ଓରାମ (୩), ଫୁଲ ଓରାମ (୨) ଓ ପୁଅ ତୁଷାର ଓରାମ (୧୨)ଙ୍କ ସହ ରହୁଥିଲେ। ଜୁନ୍ ୫ରେ ଶୁଖୁ କରୋନା ସଂକ୍ରମିତ ହୋଇ ହୋମ୍ ଆଇସୋଲେଶନରେ ରହୁଥିଲେ। ଅଭାବ ଅନଟନ ନେଇ ସେ ମାନସିକ ଚାପରେ ରହୁଥିଲେ। ଶୁକ୍ରବାର ରାତିରେ ସମସ୍ତେ ଶୋଇଥିବାବେଳେ ସେ ଅତର୍କିତ ଭାବେ ଚାପଡ଼ରେ ୪ ଝିଅଙ୍କ ତଣ୍ଟି କାଟି ସ୍ତ୍ରୀ ଏତବାରିଙ୍କୁ ହାତରେ ଆକ୍ରମଣ କରିଥିଲେ। ଏଥିରେ ଝିଅ ସାଲିମର ମୃତ୍ୟୁ ହୋଇଥିଲା। ପୁଅ ତୁଷାର ଦୌଡ଼ି ପଳାଇ ଜୀବନ ବଞ୍ଚାଇଛନ୍ତି। ସମସ୍ତଙ୍କୁ ଆକ୍ରମଣ କରିବା ପରେ ଶୁଖୁ ନିଜ ବେକ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସୁନ୍ଦରଗଡ଼ ଓ ପରେ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଆହତମାନଙ୍କୁ ପ୍ରଥମେ ଗଡ଼ପୋଷ ଡାକ୍ତରଖାନା ଓ ପରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଚାପଡ଼, ରକ୍ତ ନମୁନା, କପଡ଼ା ପ୍ରଭୃତି ଜବତ କରି ତଦନ୍ତ ଚଳାଇଛି। ଏ ନେଇ ଥାନାରେ ୭୦/୨୧ରେ ଏକ ମାମଲା ରୁଜୁ ହୋଇଛି।


ଚିକିତ୍ସାଧୀନ ଥିବା ଆହତମାନେ।

### ୩ ବର୍ଷ ଝିଅର ମୃତ୍ୟୁ, ବର୍ତ୍ତିଲା ପୁଅ

ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, କାରଣ ସ୍ପଷ୍ଟ ହୋଇନାହିଁ। ଆହତମାନଙ୍କୁ ଚିକିତ୍ସା କରାଯାଉଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ର କହିଛନ୍ତି, ଶୁଖୁ ଏତବାରିଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେଭଳି କିଛି ପାରିବାରିକ ଗଣ୍ଡଗୋଳ ନ ଥିଲା। ଜୁନ୍ ୫ରେ ଶୁଖୁ କରୋନା ପଜିଟିଭ୍ ଚିହ୍ନଟ ହୋଇ ହୋମ୍ ଆଇସୋଲେଶନରେ ରହିଥିଲେ। ବଡ଼ଝିଅ ବିରସୀ ପ୍ରତିଦିନ ତାଙ୍କୁ ଖାଇବାକୁ ଦେଉଥିଲେ। ପରିବାରର ଆର୍ଥିକ ସ୍ଥିତି ଠିକ୍ ନାହିଁ। ସେମାନେ ବିପିଏଲ୍ ଶ୍ରେଣୀର। ଶୁଖୁ ଶ୍ରମିକ ଭାବେ ଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ। ଶୁକ୍ରବାର ସେ ପଡ଼ୋଶୀଙ୍କୁ ହଜାରେ ଟଙ୍କା ଧାର ମାଗିଥିଲେ। ସନ୍ଧ୍ୟାରେ ବଡ଼ଝିଅ ତାଙ୍କୁ ଖାଇବାକୁ ଦେଇଥିଲେ। ପରିବାରର ସମସ୍ତେ ଶୋଇବା ପରେ ଶୁଖୁ ପ୍ରଥମେ ମା' ପାଖରେ ଶୋଇଥିବା ଝିଅ ଫୁଲର ତଣ୍ଟି କାଟିଥିଲେ। ଏତବାରି ଏହାକୁ ବିରୋଧ କରି ବାହାରକୁ ଚାଲିଯାଇଥିଲେ। ଏହି ସମୟରେ ସେ ଏତବାରିଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ପୁଅ ତୁଷାର ଦୌଡ଼ି ପଳାଇଥିଲେ। ପରେ ବିରସୀ, ଗାଙ୍ଗି ଓ ସାଲିମଙ୍କ ତଣ୍ଟି କାଟିଥିଲେ। ଘଟଣାସ୍ଥଳରେ ସାଲିମର ମୃତ୍ୟୁ ଘଟିଥିଲା। ପରେ ଶୁଖୁ ମଧ୍ୟ ନିଜ ତଣ୍ଟି କାଟିଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ଶନିବାର ଅପରାହ୍ନ ୪ଟାରେ ତାଙ୍କର ମୃତ୍ୟୁ ହୋଇଥିଲା।

ODISHA PUBLIC SERVICE COMMISSION
CUTTACK
NOTICE

**No. 3497/PSC., (DR - IV) (2PH-02-2021-22),** **Dt. 11.06.21**

**No. D-34:-** It is for information of all concerned that the verification of original certificates, documents etc., in respect of **41** candidates (bearing following Roll Numbers), who appeared in the written examination held on 18.04.2021, for recruitment to the post of Lecturers in different disciplines of Government Ayurvedic Medical Colleges of the State in Class - II (Group - B) of Odisha Ayurveda Medical Education Service under Health & Family Welfare Department, pursuant to Advertisement No. **01 of 2020-21**, will be conducted in the Office of the Odisha Public Service Commission,19, Dr. P. K. Parija Road, Cuttack - 753001 **on 23.06.2021 and 24.06.2021** as per the programme detailed below. **The Candidates are advised to reach the Office of the Commission at least 30 minutes before the time mentioned against their respective session for their document verification.**

The candidates are required to come with **hard copy of online application form** along with **true copies of all certificates/documents** as mentioned in **Para - 11** of the Advertisement (list mentioned below) **with original of the same** along with **duly filled in "Attestation Form"** (To be downloaded from the website of the Commission). The documents are to be submitted **in person** on the scheduled date & time as per the programme given below.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificate/documents and is subject to fulfilment of terms & conditions laid down in the Advertisement.

**N.B. - THE CANDIDATES ARE REQUIRED TO FURNISH RT-PCR TEST NEGATIVE (-VE) REPORT OBTAINED WITHIN 48 HOURS PRIOR TO THE DATE OF DOCUMENT VERIFICATION. CANDIDATES SHALL NOT BE PERMITTED FOR DOCUMENT VERIFICATION IF NEGATIVE RT-PCR TEST REPORT IS NOT FURNISHED.**

Note- The candidates are also advised to wear mask and maintain social distancing at the time of verification

The candidates are advised to go through the website of the Commission at **http://www.opsc.gov.in**.

**PROGRAMME FOR VERIFICATION OF ORIGINAL CERTIFIATES/DOCUMENTS**

| Date of verificaiton | Time of Verification | Roll Nos. of candidates to be verified | Team to Verify |
|---|---|---|---|
| 23.06.2021 | 10.30 A.M. To 01.00 P.M. | 100005, 100006, 100007, 100009, 100010, 100012, 100013, 100015, 100016,100018 = **10 Candidates** | DR-IV |
| | 02.30 P.M. To 05.00 P.M. | 100019, 100026, 100027, 100031, 100033, 100036, 100038, 100039, 100040, 100044 = **10 Candidates** | -do- |
| 24.06.2021 | 10.30 A.M. To 01.00 P.M. | 100045, 100048, 100049, 100050, 100053, 100056, 100058, 100060, 100061, 100068, 100071 = **11 Candidates** | DR-IV |
| | 02.30 P.M. To 05.00 P.M. | 100074, 100075, 100077, 100078, 100084, 100086, 100089, 100094, 100096,100097 = **10 Candidates** | -do- |

**List of Original Documents to be furnished by the candidates for verification in the following order.**

1. Hard copy of online application form **mentioning Roll No. at the top right corner** and **one passport size photograph pasted** on the space provided and **02 additional passport size photographs tagged** to the application form.
2. The candidates are required to mention **on each xerox copy** of documents "**Submitted by me**" and put their **full signature and date** on the same.
3. **H.S.C. or Equivalent Certificate** in support of declaration of age.
4. **Intermediate / +2 Examination Certificate** issued by concerned Board/Council.
5. **B.A.M.S. Degree certificate** issued by the concerned University.
6. **Post Graduate Degree certificate** in the concerned discipline by the concerned University.
7. Mark-lists in support of all the aforesaid Examination (**H.S.C. to B.A.M.S. Degree**) passed including fail marks, if any, issued by the concerned Board / Council /University.
8. **Conversion Certificates/Conversion Formula** wherever applicable.
9. **Housemanship Completion Certificate. (issued within 03.07.2020).**
10. **Medical Registration Certificate** under the Odisha State Council of Ayurvedic Medicine.
11. If a candidate claims to possess qualification , equivalent to the prescribed qualification, the rule/authority (With number and date) under which it is so treated, must be furnished with the Application Form.
12. Recent **SEBC Certificate by Birth** (**issued within 3 years by** the closing date for submission of online application form i.e. **03.07.2020**), wherever applicable.
13. **Caste Certificate by birth** in support of claim as SC/ST, wherever applicable (Please see Note- 1 & 2 of the Advertisement).
14. Required **Odia Test Pass Certificate**.
15. Any Identity Proof (Original & Xerox copy).
16. **Permanent Disability Certificate** (**Indicating % of disability**) issued by concerned Medical Board, wherever applicable.
17. **Discharge Certificates** issued by the Commanding Officer of the Unit last served. **Ex-Servicemen** must submit an **affidavit undertaking** that **he has not been appointed against any civil post after retirement from military service**; wherever applicable.
18. **Sports Certificate** issued by the Director of Sports Odisha; wherever applicable.
19. **Attestation Form duly filled-in** (to be **downloaded from website of the Commission**).
20. **No Objection Certificate** from the Head of Office.
21. Any other documents as per Para-10 of the Advertisement.

OIPR-12002/11/0017/2122 **Sd./- Secretary**

ସମୁଦ୍ରରେ ଜାହାଜ ବୁଡ଼ିଗଲା ବେଳେ, ଯେତେବେଳେ ମୋ ଛଡ଼ା ସମସ୍ତେ ବୁଡ଼ିମଲେ– ସେତେବେଳେ ଭଗବାନଙ୍କ କୃପାରୁ ମୁଁ କେବଳ ରକ୍ଷା ପାଇଗଲି ଏବଂ ଅନ୍ୟପକ୍ଷରେ ଏକଥା ବି ସତ ଯେ, ଜାହାଜ ଜଳମଗ୍ନ ହେଲାବେଳେ ସମସ୍ତେ ରକ୍ଷାପାଇଗଲେ। କିନ୍ତୁ ଭଗବାନ ମୋ ହାତରୁ ଶେଷ ଆଶ୍ରୟଟି ଛଡ଼ାଇ ନେଲେ ଓ ମୁଁ ବୁଡ଼ିଗଲି। ଏହା ମଧ୍ୟ ଭଗବାନଙ୍କ କୃପା ବୋଲି ଧରିବାକୁ ହେବ। –ଶ୍ରୀଅରବିନ୍ଦ

# ପ୍ରତିବାଦର ସ୍ୱର



ଆକାର ପଟେଲ

କେନ୍ଦ୍ରରେ ଭାଜପା ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷରେ ଆମେ ପଦାର୍ପଣ କରିଛୁ । ସରକାରକୁ ନେଇ ଆଗକୁ ଆଲୋଚନା ଭିନ୍ନ ମୋଡ଼ ନେବ ଓ ଏହା ୨୦୨୪ ନିର୍ବାଚନ ଉପରେ ହିଁ କେନ୍ଦ୍ରୀତ ହେବ। ଏହି ପରିପ୍ରେକ୍ଷୀରେ ଉତ୍ତରପ୍ରଦେଶର କିଛି ସାମ୍ପ୍ରତିକ ରାଜନୈତିକ କାର୍ଯ୍ୟକଳାପ ମଧ୍ୟ ଦେଖିବାକୁ ମିଳିଛି। ଦେଖିବାକୁ ଗଲେ ଭାରତରେ ସରକାର ଯାହା କରନ୍ତି ବିଶେଷକରି ମଧ୍ୟବିତ୍ତ ଶ୍ରେଣୀ ତାହାକୁ ରାଜନୈତିକ ଦଳ ଉପରେ ଛାଡ଼ିଦିଅନ୍ତି। ସେମାନେ ଥରେ ଭୋଟ ଦେବା ପରେ ଏଥିରେ ଜଡ଼ିତ ହୁଅନ୍ତି ନାହିଁ। କିନ୍ତୁ ସିଭିଲ୍ ସୋସାଇଟିଗୁଡ଼ିକ ସରକାରଙ୍କ କାର୍ଯ୍ୟକଳାପ ସହ ଜଡ଼ିତ ହୁଅନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଅନୁଯାୟୀ ସିଭିଲ୍ ସୋସାଇଟି ଶବ୍ଦଟି ସଂଗଠନଗୁଡ଼ିକର ଏକ ବିସ୍ତୃତ ଶ୍ରେଣୀ ସମୂହକୁ ସୂଚାଇଥାଏ। କିନ୍ତୁ ଭାରତରେ ଆମେ ସିଭିଲ୍ ସୋସାଇଟି ଶବ୍ଦକୁ ଏନ୍‌ଜିଓ ଓ ସାମାଜିକ କର୍ମକର୍ତ୍ତାଙ୍କ ପାଇଁ ନିଆରା ଢଙ୍ଗରେ ବ୍ୟବହାରକ କରୁ। ଏନ୍‌ଜିଓ, ସାମାଜିକ କର୍ମକର୍ତ୍ତା ଓ ଇଣ୍ଡିଜିନିୟସ ଗ୍ରୁପ୍ ବା ସ୍ୱଦେଶୀ ଗ୍ରୁପ୍‌ଗୁଡ଼ିକ ରାଜନୈତିକ ଢାଞ୍ଚାର ବାହାରେ ରହି ଲୋକମାନଙ୍କ ମଙ୍ଗଳ ପାଇଁ ପ୍ରତିନିଧିତ୍ୱ କରିଥାଆନ୍ତି। ଭାରତରେ ଇଣ୍ଡିଜିନିୟସ ଗ୍ରୁପ୍ କଥା କହିଲେ ଆମେ ଆଦିବାସୀଙ୍କୁ ବୁଝୁ। ଆମେ ଭାରତର ଯେଉଁ ବିକାଶ ଢାଞ୍ଚା ଗ୍ରହଣ କରିଛୁ ସେଥିରେ ଆଦିବାସୀଙ୍କ ଜମି ଓ ସଂସାଧନକୁ ଆଣି ଦେଶର ଅନ୍ୟମାନଙ୍କ ପାଇଁ ଉପଯୋଗ କରାଯାଉଛି। ଆଦିବାସୀମାନେ ହଜାର ହଜାର ବର୍ଷର ପୂର୍ବପୁରୁଷଙ୍କ ଭିଟାମାଟିରୁ ବିସ୍ଥାପିତ ହେଉଛନ୍ତି। ଏଥିପାଇଁ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ଧରି ଆଦିବାସୀମାନେ ଭାରତ ସରକାରଙ୍କ ବିରୋଧରେ ଆନ୍ଦୋଳନ କରି ଆସୁଛନ୍ତି। ବିର୍ସା ମୁଣ୍ଡାଙ୍କ ବିଦ୍ରୋହ ଏଠାରେ ଉଲ୍ଲେଖନୀୟ। ବିର୍ସା ମୁଣ୍ଡା ଛୋଟ୍‌ନାଗପୁର ଟେନାନ୍‌ସୀ ଆକ୍ଟ ପ୍ରଚଳନ କରିବାକୁ ଇଂରେଜ ସରକାରଙ୍କ ଉପରେ ଚାପ ପକାଇଥିଲେ। ଏହି ଆକ୍ଟ ବା ଆଇନରେ ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ହସ୍ତାନ୍ତର କରିବା ପ୍ରକ୍ରିୟାକୁ ବନ୍ଦ କରାଯାଇଥିଲା। କିନ୍ତୁ ଭାଜପା ୨୦୧୬ରେ ଛୋଟନାଗପୁର ଟେନାନସୀ ଆକ୍ଟକୁ ହଟାଇ ଦେବା ଲାଗି ଏକ ଆଇନ ପାସ୍ କରିଥିଲା। ଏହାଦ୍ୱାରା ଆଦିବାସୀମାନେ ଏମିତି ପ୍ରତିକ୍ରିୟା ପ୍ରକାଶ କଲେ ଯେ,ଭାଜପା ଶେଷରେ ଏଥିରୁ ପଛକୁ ହଟିଗଲା। କେବଳ ଏତିକି ନୁହେଁ,ପରବର୍ତ୍ତୀ ରାଜ୍ୟ ନିର୍ବାଚନରେ ମଧ୍ୟ ପରାସ୍ତ ହେଲା। ଏହି କାରଣରୁ ୨୦୨୦ରେ ଅମିତ ଶାହା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଫୁଲହାର ପିନ୍ଧାଇବାକୁ ଚାହିଁଥିଲେ (କିନ୍ତୁ ଭୁଲ୍‌ରେ ଅନ୍ୟ ଜଣଙ୍କୁ ପିନ୍ଧାଇ ଦେଇଥିଲେ)।

ଭାରତ ସରକାରଙ୍କୁ ଆଦିବାସୀମାନେ ଯେଉଁ ବିରୋଧ କରୁଛନ୍ତି ତାହାକୁ ଠିକ୍ ଭାବେ ହୃଦୟଙ୍ଗମ କରାଯାଇନାହିଁ କି ଏହାକୁ ଗଣମାଧ୍ୟମ ବ୍ୟାପକ ଭାବେ ପ୍ରଚାର କରି ନାହିଁ। ଚଳିତ ମାସରେ ଦେଶର ଦୁଇଟି ସ୍ଥାନରେ ଆଦିବାସୀଙ୍କ ପ୍ରତିବାଦର ସ୍ୱର ଶୁଣିବାକୁ ମିଳିଛି। ଗୁଜରାଟରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ପ୍ରସ୍ତାବିତ ପାର୍କିଂସ୍ଥଳକୁ ବିରୋଧ କରି ୧୧ ଜଣ ଆଦିବାସୀ ଗିରଫ ହୋଇଥିଲେ। ଆଦିବାସୀମାନେ କହିଲେ ଯେ, ଏହି ପ୍ରୋଜେକ୍ଟ ପାଇଁ ସର୍ଦ୍ଦାର ସରୋବର ନର୍ମଦା ନିଗମ ଦ୍ୱାରା ଅଧିଗୃହୀତ ଜମି ସେମାନଙ୍କ ଅଧୀନରେ ଥିଲା ଏବଂ ତାହାକୁ ବେଆଇନ ଭାବେ ନିଆଯାଇଛି। ଏହି ପ୍ରତିବାଦରେ ସାମିଲ ଆଦିବାସୀ ମହିଳାମାନେ ସର୍ବସାଧାରଣରେ ସେମାନଙ୍କ ବସ୍ତ୍ର ଖୋଲି ଦେଇଥିଲେ, ଯେଉଁଥିରୁ ସେମାନଙ୍କ ଭାବାବେଗର ଶକ୍ତିକୁ ଉପଲବ୍ଧି କରାଯାଇପାରେ। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କ ବିରୋଧରେ ଧାରା ୧୪୩ (ବେଆଇନ ସମାବେଶ) ଏବଂ ୨୯୪(ସାଧାରଣ ସ୍ଥାନରେ ଅଶ୍ଳୀଳ ଗୀତ ଗାଇବା, ଶବ୍ଦ ଉଚ୍ଚାରଣ କରିବା)ରେ ଏଫ୍‌ଆଇଆର୍ ଦାଏର କରାଗଲା। କଂଗ୍ରେସ ଶାସନାଧୀନ ଛତିଶଗଡ଼ରେ ବିନା ଅନୁମତିରେ ସେମାନଙ୍କ ଜମିରେ କରାଯାଇଥିବା ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ(ସିଆର୍‌ପିଏଫ୍)ର ଏକ କ୍ୟାମ୍ପ ବିରୋଧରେ ଆଦିବାସୀମାନେ ଆନ୍ଦୋଳନ କରିଥିଲେ। ସରକାର ସେମାନଙ୍କ ଉପରକୁ ଗୁଳି ଚଳାଇଲେ ଓ ୩ ଜଣଙ୍କ ମୃତ୍ୟୁ ଘଟିଲା। ତଥାପି ଆଦିବାସୀମାନେ ବସ୍ତର୍‌ରେ ଖୋଲାରେ ବସି ପ୍ରତିବାଦ ଜାରି ରଖି ସେମାନଙ୍କ ଅଧିକାର ଦାବି କରୁଛନ୍ତି ଓ କ୍ୟାମ୍ପ୍ ଉଠାଇ ନେବା ଲାଗି ଅଡିବସିଛନ୍ତି।

ଦିଲ୍ଲୀ ସୀମାରେ ହଜାର ହଜାର କୃଷକ ଆନ୍ଦୋଳନ ଜାରି ରଖିଛନ୍ତି। ଯେଉଁ ଆଇନ ବିରୋଧରେ ସେମାନେ ପ୍ରତିବାଦ କରୁଛନ୍ତି ତାହାକୁ ରାଜ୍ୟ ସଭାରେ ବିନା ଭୋଟ୍‌ରେ ପାସ୍ କରାଗଲା। ସୁପ୍ରିମକୋର୍ଟ ଏହି ଆଇନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି ଏବଂ ମୋଦି ସରକାର ମଧ୍ୟ ଏହାକୁ ୧୮ ମାସ ପାଇଁ ସ୍ଥଗିତ ରଖିବାକୁ ଜଣାଇଛନ୍ତି। ଉତ୍ତରପ୍ରଦେଶରେ ଭାଜପାକୁ ସମର୍ଥନ କରୁଥିବା ଗ୍ରୁପ୍‌ଗୁଡ଼ିକ ମଧ୍ୟରେ ଏହି ଆଇନ୍‌କୁ ନେଇ ତୀବ୍ର ଅସନ୍ତୋଷ ରହିଛି ଏବଂ ଏହି ଆଇନ କେବେ ବି ଲାଗୁ କରାଯିବାର ସମ୍ଭାବନା ନ ଥିବା ଜଣାପଡୁଛି। ଆଇନ ପ୍ରତି ମୋଦି ସରକାରଙ୍କର ଆଉ ଆଗ୍ରହ ନାହିଁ ଏବଂ ଏହାକୁ ଲାଗୁ କରିବା ସମ୍ପର୍କରେ କିଛି ବି କହୁନାହାନ୍ତି। କିନ୍ତୁ ସରକାର କୃଷକ ଆନ୍ଦୋଳନ ଚଳାଇବାକୁ ଅନୁମତି ଦେଇଛନ୍ତି, କାରଣ ଏହା ନିଷ୍ପତ୍ତି ବଦଳାଇବାକୁ କିମ୍ବା ପଛକୁ ହଟିଯିବା ଲାଗି ଚାହୁଁନାହିଁ। ଯଦିଓ ଏହା ପଛକୁ ହଟିଗଲାଣି ବୋଲି ଜଣାପଡିଲାଣି। ସେହିପରି ଦେଢ଼ବର୍ଷ ପୂର୍ବେ ସଂସଦରେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ପାସ୍ କରାଯାଇଥିଲେ ମଧ୍ୟ ଏହାକୁ ଏଯାବତ୍ ଲାଗୁ କରାଯାଇ ନାହିଁ। ଏହାର ଗୋଟିଏ କାରଣ ହେଉଛି ଏହାକୁ ଭାରତରେ ବିରୋଧ କରାଯାଉଛି ଓ ଦ୍ୱିତୀୟରେ ବିଶ୍ୱସ୍ତରରେ ଏପରିକି ୟୁରୋପିୟାନ ପାର୍ଲାମେଣ୍ଟରେ ଏହାକୁ ବ୍ୟାପକ ନିନ୍ଦା କରାଯାଇଛି।

ସିଭିଲ୍ ସୋସାଇଟିଗୁଡ଼ିକର ସକ୍ରିୟତା ଯୋଗୁ ଗୁଜରାଟରେ ଦଳିତ ଏବଂ ଆଦିବାସୀଙ୍କ ବିରୋଧରେ ଆଟ୍ରୋସିଟିଗୁଡ଼ିକର ଶୁଣାଣି ପାଇଁ ଏକ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯାଇଛି। କେନ୍ଦ୍ରରେ ଏକ ଦୁର୍ବଳ ଅର୍ଥାତ ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ନ ଥିବା ସରକାର କିମ୍ବା ସରକାର ପରିବର୍ତ୍ତନ ଭଳି ପରିସ୍ଥିତି ସିଭିଲ୍ ସୋସାଇଟିକୁ ଅଧିକ ଲାଭ ଦେବ। ଯେଉଁ ଆଇନଗୁଡ଼ିକ ସିଭିଲ ସୋସାଇଟି ଗ୍ରୁପଗୁଡ଼ିକ ଦ୍ୱାରା ଗ୍ରହଣୀୟ ହେବ ନାହିଁ ସେଗୁଡ଼ିକୁ ସହଜରେ ପାସ୍ କରିହେବନି କି ଲାଗୁ କରିହେବ ନାହିଁ। ଅନ୍ତଃରାଷ୍ଟ୍ରୀୟ ମାନବ ଅଧିକାର ମାନକର ସ୍ପଷ୍ଟ ଉଲ୍ଲଂଘନ କରୁଥିବା ଆଇନଗୁଡ଼ିକୁ ରଦ୍ଦ କରିବା ଲାଗି ଚାପ ସୃଷ୍ଟି ହେବ। ସିଭିଲ ସୋସାଇଟି ପାଇଁ ୨୦୨୪ ଯାଏ ସବୁଠୁ ଭଲ ସମୟ ରହିଛି।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | 9 |
| 4 | | | | | | | | 2 |
| | | | 9 | | | | 3 | |
| 7 | | | | | 6 | | 1 | |
| | | | | | | 9 | | |
| 6 | | | | | 3 | 4 | | 5 |
| | | | | | | 3 | 5 | 1 |
| | 1 | | | 8 | | | | |
| 3 | 5 | | 4 | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 8 | 4 | 3 | 6 | 1 | 7 | 9 |
| 6 | 9 | 3 | 1 | 8 | 7 | 4 | 2 | 5 |
| 1 | 7 | 4 | 5 | 9 | 2 | 6 | 3 | 8 |
| 8 | 4 | 6 | 2 | 5 | 9 | 3 | 1 | 7 |
| 9 | 2 | 7 | 8 | 1 | 3 | 5 | 4 | 6 |
| 5 | 3 | 1 | 7 | 6 | 4 | 8 | 9 | 2 |
| 4 | 6 | 2 | 3 | 7 | 8 | 9 | 5 | 1 |
| 7 | 8 | 5 | 9 | 4 | 1 | 2 | 6 | 3 |
| 3 | 1 | 9 | 6 | 2 | 5 | 7 | 8 | 4 |

ଗତକାଲିର ଉତ୍ତର

# ମହାମାରୀରେ ଭଗବାନଙ୍କ ଭୂମିକା



ସହଦେବ ସାହୁ

କୋଭିଡ୍-୧୯ ରୋଗର ଭୂତାଣୁ କରୋନା ଭାଇରସ୍ ଆକ୍ରମଣ ହେଲେ ଆମେ ଭଗବାନଙ୍କୁ ଡାକୁଛୁ। ସେ କାହିଁକି ଶୁଣୁନାହାନ୍ତି ଏ ବିଷୟରେ ଟିକେ ଚିନ୍ତା କରିବାର ବେଳ ଆସିଛି। ବସ୍ତୁ ବା ସ୍ଥାନ ସମ୍ପର୍କରେ ଆମର ଜ୍ଞାନ ଆଲୋକ ଜରିଆରେ ଆସିଥାଏ। ଭଗବାନ ଅଦୃଶ୍ୟ, କାରଣ ତାଙ୍କଠାରୁ ଆଲୋକ ଆମ ପାଖକୁ ଆସୁନାହିଁ। ଯେମିତି ଗୋଟିଏ ଅନ୍ଧକାର ଘରେ କଳା ବିରାଡ଼ିଟିଏ ଥିଲେ, ତା' ଦେହ ଆମକୁ ଦିଶିବ ନାହିଁ। ଆମେ ଯଦି ଇନ୍‌ଫ୍ରାରେଡ ରଶ୍ମି ଦ୍ୱାରା ପଢ଼ି ପାରୁଥିବା ଚଷମା ପିନ୍ଧିଥିବା, ତେବେ ଅନ୍ଧକାରରେ ଥିବା କଳା ବିରାଡ଼ିକୁ ଦେଖିପାରିବା, କାରଣ ବିରାଡ଼ି ଦେହର ଉତ୍ତାପ ଇନ୍‌ଫ୍ରାରେଡ୍ ରଶ୍ମି ବିକିରଣ କରେ। ଏହା କହିବାର ଅର୍ଥ, କେବଳ ଆଲୋକ ମାଧ୍ୟମରେ ଦେଖାଯାଉଥିବା ବସ୍ତୁଗୁଡ଼ିକ ଅଛି, ଆଉ ଅଦୃଶ୍ୟ ବସ୍ତୁଗୁଡ଼ିକ ନାହିଁ – ଏଭଳି କହିବା ଯୁକ୍ତିଯୁକ୍ତ ନୁହେଁ। ଏକ୍ସ-ରେ, ଗାମା-ରେ ଆଦି ବିଭିନ୍ନ ପ୍ରକାର ରଶ୍ମି ଅଦୃଶ୍ୟ ହେଲେ ମଧ୍ୟ ଯେଉଁ ସ୍ତରରୁ ଆସିଥାଏ, ସେଇ ସ୍ତର ବା ବସ୍ତୁକୁ ଜଣାଇଦିଏ। ଏହି କାରଣରୁ ମହାକାଶର ଅଧିକାଂଶ ଅଞ୍ଚଳ ଶୂନ୍ୟ ଦେଖାଯାଉଥିଲେ ମଧ୍ୟ ତା' ପ୍ରକୃତରେ ଶୂନ୍ୟ ନୁହେଁ। ଆକାଶରେ ଯେଉଁ କଳା ଜିନିଷକୁ ଆମେ ସାଧାରଣ ଭାବରେ ଦେଖିପାରୁନା ସେଗୁଡ଼ିକ ନିଶ୍ଚୟ ଅଛନ୍ତି। ଆମ ଦେଖିବା ଉପରେ ସେମାନଙ୍କ ଅବସ୍ଥିତି ନିର୍ଭର କରୁ ନାହିଁ। ସମୟ ସମ୍ପର୍କରେ ଆମର ଯେଉଁ ଧାରଣା ତା' ଦୃଶ୍ୟମାନ ଆଲୋକର ବେଗ ଉପରେ ଆଧାରିତ। ବେଗ ତ ଦୂରତା ଉପରେ ନିର୍ଭର କରେ। ସ୍ଥାନ ନିର୍ଦ୍ଦିଷ୍ଟ ନ ହେଲେ ସମୟର ଜ୍ଞାନ ଆସିବ ନାହିଁ। ତେଣୁ ସ୍ଥାନର ସୃଷ୍ଟି ସଙ୍ଗେ ସଙ୍ଗେ ସମୟର ସୃଷ୍ଟି ହୋଇଛି।

ଜଗତର ସୃଷ୍ଟି ସମୟରେ ଯେଉଁ ବୈଜ୍ଞାନିକ ତଥ୍ୟ ଆଜିକାଲି ପ୍ରାୟ ସର୍ବସମ୍ମତିକ୍ରମେ ଗ୍ରହଣୀୟ ହୋଇଆସିଛି ସେହି ମତ ଅନୁଯାୟୀ ଆରମ୍ଭରେ ଏକ ନିରାକାର ବିନ୍ଦୁ ଥିଲା, ତାହା ଏତେ ଚାପରେ ଥିଲା ତହିଁରୁ ଜନ୍ମୁଥିବା ଉତ୍ତାପରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଲା, ବୈଜ୍ଞାନିକମାନେ ଏହାକୁ ବିଗ୍‌ବ୍ୟାଙ୍ଗ୍ କହନ୍ତି। ବିସ୍ଫୋରଣ ଫଳରେ ବାଷ୍ପ ବାଦଲ ଚାରିଆଡ଼େ ବ୍ୟାପିବାରେ ଲାଗିଲା। ବିସ୍ଫୋରଣର ପୂର୍ବରୁ କ'ଣ ଥିଲା, ତାହା ଆମ ପକ୍ଷେ ଅବାନ୍ତର, କାରଣ ସେତେବେଳେ ଯାହାକିଛି ଘଟିଥାଉ ନା କାହିଁକି ତାହା ଆମର ବର୍ତ୍ତମାନର ଘଟଣାବଳୀକୁ କୌଣସି ପ୍ରକାରେ ପ୍ରଭାବିତ କରୁନାହିଁ। ଧର୍ମଗୁରୁମାନେ କହନ୍ତି ଯେ ପରମେଶ୍ୱର ଅତୀତରେ କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ ବିଶ୍ୱ ସୃଷ୍ଟି କରିଥିଲେ। ସେ ଯେପରି ଭାବରେ ତିଆରି କରିଥିଲେ ଆଜି ମଧ୍ୟ ସେଇଭଳି ଅଛି। ଅର୍ଥାତ୍ ବିବର୍ତ୍ତନବାଦ ମିଛ। ବୋମା ବିସ୍ଫୋରଣ କରିବା ପାଇଁ ଯେପରି ବାଣୁଆଟିଏ ଦରକାର, ବିଗ୍‌ବ୍ୟାଙ୍ଗ ଭଳି ପ୍ରଚଣ୍ଡ ବିସ୍ଫୋରଣ ପଛରେ ପରମେଶ୍ୱର ଥିବେ। କିନ୍ତୁ ଥରେ ବାଣ ଫୁଟିଗଲେ ବାଣୁଆର ଭୂମିକା ସରିଯାଏ, ବିସ୍ଫୋରଣ ତା'ର ନିୟମ ଆନୁଯାୟୀ ବ୍ୟାପେ। ସେହିଭଳି ସୃଷ୍ଟି ପରେ ପରମେଶ୍ୱର ଆଉ କର୍ତ୍ତୃତ୍ୱ ଜାହିର କରୁନାହାନ୍ତି। ସବୁ ବିସ୍ଫୋରଣର ନିୟମ ଅନୁଯାୟୀ ଚାଲିଛି। ପଦାର୍ଥବିଦ୍ୟାର ନିୟମ ଅନୁଯାୟୀ ଆଦି ବିସ୍ଫୋରଣ (ବିଗ୍‌ବ୍ୟାଙ୍ଗ୍) ବିଚ୍ଛୁଡ଼ି ହୋଇ ଏ ଜଗତ ତିଆରି କରିଛି। ଏବେ ଯାହା କିଛି ଘଟୁଛି ତା' ବିଭିନ୍ନ ନିୟମ ଓ ରୀତିଦ୍ୱାରା ବୁଝାଇ ହେଉଛି। ବିଶ୍ୱର ବିଭିନ୍ନ ଘଟଣାବଳୀ ବିଷୟରେ ବୁଝିବା ଲାଗି ଯେଉଁ ପଦ୍ଧତି ଓ ପରୀକ୍ଷା କରାଯାଉଛି ତାକୁ ବିଜ୍ଞାନ କହନ୍ତି। ଯେଉଁ ପଦ୍ଧତି ବା ଘଟଣା ସହଜରେ ବୁଝାଇ ହୁଏ ନାହିଁ ତାକୁ ଧର୍ମ ଦ୍ୱାରା ବୁଝାଯାଏ, କିମ୍ବା ପୌରାଣିକ କାହାଣୀ ରୂପରେ ରଖି ନିଆଯାଏ। ମହାଜଗତରେ ପ୍ରତ୍ୟେକ ଜିନିଷ ଅନ୍ୟ ଜିନିଷ ଉପରେ ଏତେ ପରିମାଣରେ ନିର୍ଭରଶୀଳ ଯେ ଗୋଟିଏ ଗୋଟିଏ ଜିନିଷକୁ ଏକୁଟିଆ କରି ଦେଖି ହେବ ନାହିଁ। ପ୍ରତ୍ୟେକ ଜିନିଷର ସ୍ୱଭାବ ଜାଣିବା ଲାଗି ଗୋଟିଗୋଟି କରି ଦେଖାଯାଏ। ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ନିୟମ ଅନୁଯାୟୀ ଦୁଇଟି ବସ୍ତୁ ମଧ୍ୟରେ ପ୍ରତ୍ୟେକର ପିଣ୍ଡ ଉପରେ ନିର୍ଭର କରି ମାଧ୍ୟାକର୍ଷଣ ବଳ କାମ କରେ। ବସ୍ତୁଟି କେଉଁ ଜନିଷରେ ତିଆରି ତା' ଉପରେ ନିର୍ଭର କରେ ନାହିଁ। ଅର୍ଥାତ୍ ସୂର୍ଯ୍ୟ ଓ ଗ୍ରହମାନଙ୍କର କକ୍ଷପଥ ଗଣନା କଲାବେଳେ ସେମାନଙ୍କ ଉପାଦାନ ଓ ଆକାର ବିଷୟରେ ଜାଣିବା ଦରକାର ନାହିଁ। କେତୋଟି ଶକ୍ତି ବା ବଳ ପରସ୍ପର ପ୍ରତିକ୍ରିୟା କରୁଥିବାରୁ ଜଗତର ବିଭିନ୍ନ ବସ୍ତୁ ନିଜ ନିଜ ସ୍ଥାନରେ ରହିପାରୁଛନ୍ତି, ସବୁ ବସ୍ତୁକୁ ଦୁଇ ଭାଗରେ – ଗୋଟିଏ ପରମାଣୁଠାରୁ ବଡ଼ ଏବଂ ଅନ୍ୟଟି ପରମାଣୁଠାରୁ ଛୋଟ ଦେଖି ବୈଜ୍ଞାନିକମାନେ କହୁଛନ୍ତି ଆମକୁ ନିୟନ୍ତ୍ରଣ କରୁଥିବା ନିୟମ ପରମାଣୁଠାରୁ କ୍ଷୁଦ୍ରତର କଣିକାଗୁଡିକ ପାଇଁ ପ୍ରଯୁଜ୍ୟ ନୁହେଁ। ତେଣୁ ମଣିଷ ପରମାଣୁଠାରୁ ସୂକ୍ଷ୍ମ ଦୁନିଆ ସମ୍ବନ୍ଧରେ କିଛି ଜାଣିପାରୁନାହିଁ।

ଜ୍ୟୋତିର୍ବିଦ ଏଡ୍‌ୱିନ୍ ହବ୍‌ବଲ ପ୍ରମାଣ କଲେ ଯେ, ଆମ ଆକାଶଗଙ୍ଗା ଛାୟାପଥ ବିଶ୍ୱର ଗୋଟିଏ ମାତ୍ର ତାରକାମଣ୍ଡଳ ନୁହେଁ; ଏମିତି ଅନେକ ମଣ୍ଡଳ ଅଛି ଏବଂ ସେମାନଙ୍କ ଭିତରେ ଖାଲିଥିବା ସ୍ଥାନ ଅନ୍ଧକାର ଦିଶିଲେ ହେଁ ଅଦୃଶ୍ୟ କଣିକାରେ ଭର୍ତ୍ତି। ହବ୍‌ବଲ ତାରକା ମଣ୍ଡଳମାନଙ୍କ ଭିତରେ ଦୂରତା ମାପିବାର ଗୋଟିଏ ଗୌଣ ଉପାୟ ବାହାର କଲେ। ତାରକାର ଔଜ୍ଜ୍ୱଲ୍ୟ ଦୁଇଟି ଘଟଣା ଉପରେ ନିର୍ଭର କରେ: (୧) କେତେ ଆଲୋକ ବିକିରଣ କରୁଛି ଏବଂ (୨) ଆମଠାରୁ କେତେ ଦୂରରେ ଅଛି। ନିକଟତମ ତାରକା ସହିତ ତୁଳନା କଲେ ଆମେ ତା'ର ଦୂରତା ମାପି ପାରିବା। ଆମେ ଯେଉଁ ନକ୍ଷତ୍ରମଣ୍ଡଳ (ଛାୟାପଥ)ରେ ଅଛୁ, ତା' ଗୋଟିଏ ପଟରୁ ଅନ୍ୟ ପଟଯାଏ ଲକ୍ଷେ ଆଲୋକବର୍ଷ। ଆଲୋକ ସେକେଣ୍ଡକୁ ୩ ଲକ୍ଷ କିଲୋମିଟର ବେଗରେ ଯାଏ, ମିନିଟ୍‌କ ୬୦ ସେକେଣ୍ଡ, ଘଣ୍ଟାକ ୬୦ ମିନିଟ, ଦିନକ ୨୪ ଘଣ୍ଟା ଓ ବର୍ଷକ ତିନି ଶହ ପଞ୍ଚଷଠି ଦିନ, ଏମିତି ହିସାବ କଲେ ଆଲୋକବର୍ଷଟା କେତେ ବାଟ ଭାବିପାରୁଛନ୍ତି ତ! ପ୍ରତି ନକ୍ଷତ୍ରମଣ୍ଡଳ ନିଜର କେନ୍ଦ୍ର ଚାରିପଟେ ଘୂରୁଛି, ତା ଭିତରେ ଥିବା ପ୍ରତି ନକ୍ଷତ୍ର ନିଜ କେନ୍ଦ୍ର ଚାରିପଟେ ଏବଂ ପ୍ରତି ନକ୍ଷତ୍ରର ଗ୍ରହମାନେ ନକ୍ଷତ୍ର (ଯେଭଳି ସୂର୍ଯ୍ୟ) ଚାରିପଟେ ଏବେ ପ୍ରତି ଗ୍ରହ ନିଜ ଅକ୍ଷ ଚାରିପଟେ ଘୂରୁଛନ୍ତି। ଏହି ଘୂରନ୍ତା ପୃଥିବୀ ଉପରେ ଚଳାଚଳ କରୁଛୁ କାରଣ ଗ୍ରହର ମାଧ୍ୟାକର୍ଷଣ ଶକ୍ତି ଗ୍ରହର ପୃଷ୍ଠ କେନ୍ଦ୍ର ଆଡ଼କୁ ଟାଣୁଛି, ଗଛଲତା, ଜୀବଜନ୍ତୁ ସମସ୍ତଙ୍କୁ ବି। ତେଣୁ ଆମେ ଭୂପୃଷ୍ଠରେ ଚଳପ୍ରଚଳ ହେଉଛୁ। ପ୍ରତି ନକ୍ଷତ୍ରମଣ୍ଡଳ ପରସ୍ପରଠାରୁ ଅପସରି ଯାଉଛି, ଅର୍ଥାତ୍ ମହାବିଶ୍ୱ ବଢ଼ିବାରେ ଲାଗିଛି।

ବିଗ୍‌ବ୍ୟାଙ୍ଗ୍‌ଠାରୁ ପ୍ରକୃତ ସମୟ ଆରମ୍ଭ ହେଲା। ଯେଭଳି ବେଲୁନ୍ ଫୁଙ୍କିଲେ ଗୋଟିଏ ଗୋଟିଏ ଜାଗାରେ ଆଲୁଅ ଦିଶିଲା ଭଳି ଖୁବ୍ ପତଳା ଦେଖାଯାଏ ତ ଆଉ ଗୋଟିଏ ଗୋଟିଏ ଜାଗାରେ ମୋଟା ଅସ୍ପଷ୍ଟ ଦିଶେ, ସେମିତି ବିଶ୍ୱରେ ନଭୋଚାରୀର ଘନତା ଉପରେ ନିର୍ଭର କରି ଗ୍ରହ ସୃଷ୍ଟି ହୋଇଛି, ଗ୍ରହର କେନ୍ଦ୍ର ଆଡ଼କୁ ସବୁ କଣିକା ଆକର୍ଷିତ ହେଉଥିବାରୁ ତାହାର ପ୍ରସାରଣ ନ ଘଟି ସଙ୍କୋଚନ ଘଟିଥିବ। ମହାଜଗତର ପ୍ରସାରଣ ସମୟରେ ହିଁ ଯେଉଁ ସଂକୋଚନ ଘଟିଛି, ତା' ଜୀବନକୁ ଧାରଣ କରିବାର ପରିବେଶ ତିଆରି କରିଛି। ତେଣୁ ପ୍ରସାରଣ ଭିତରେ ସଂକୋଚନ, କ୍ୱାଣ୍ଟମ୍ ମେକାନିକ୍‌ସର ଅନିଶ୍ଚିତତା ଭିତରେ ଭୌତିକ ଜଗତର ନିଶ୍ଚିତତା ମିଶି ଆଜିର ବିଶ୍ୱକୁ ତିଆରି କରିଛି। ବିଶ୍ୱ ଜଟିଳ ମନେ ହେଉଥିଲେ ବି ଏହିପରି ନିୟମରେ ଚାଲିଛି। ନିୟମ କରିଦେଇଥିବା ଲୋକ ତ ସ୍ରଷ୍ଟା, ତାକୁ ଆମେ ଭଗବାନ କହୁଛୁ।

ନିୟମମାନ ତିଆରି କରି ଦେଇ ଭଗବାନ ଚୁପ୍ ହୋଇଯାଇଛନ୍ତି। ତୁମର ଜୀବନକାଳ ଏହି ନିୟମ ଦ୍ୱାରା ନିୟନ୍ତ୍ରିତ, ନିୟମ ନ ମାନିଲେ ତିଷ୍ଠି (ବଞ୍ଚି) ରହିପାରିବ ନାହିଁ, ତା ମାନେ ମୃତ୍ୟୁ। ଯେମିତି ପ୍ରତ୍ୟେକ ବସ୍ତୁର ତିଷ୍ଠି ରହିବାର ସ୍ଥାନ ଓ କାଳ ଅଛି, ତା' ଉପରେ ଆକ୍ରମଣ ହେଲେ ଅର୍ଥାତ୍ ତା' ସ୍ଥାନକୁ ସେ ତିଷ୍ଠିଥିବା ସମୟରେ ଆମେ ମାଡ଼ିଗଲେ ସେ ତ ଆମକୁ ଆକ୍ରମଣ କରିବ, ଧ୍ୱଂସ ହେବାଯାଏ ସେ ଆକ୍ରମଣ କରୁଥିବ। କରୋନା ଭାଇରସ୍ ଯେଉଁ ଜନ୍ତୁ ଦେହରେ ତିଷ୍ଠି ରହୁଥିଲା ତାକୁ ଆମେ ଖାଇଲୁ ତ ସେ ଆମ ଦେହରେ ପଶିଲା, ଜାଗା ଖୋଜିଲା ବସା ବାନ୍ଧିବାକୁ, ଆମ ଫୁସ୍‌ଫୁସ୍ ତାକୁ ବେଶ୍ ସୁହାଇଲା। ଅଜଣା ବା ବଣଜନ୍ତୁଙ୍କ ମାଂସରେ ରହୁଥିଲା, ସେ ଜନ୍ତୁଗୁଡ଼ାକ ତାକୁ ସମ୍ଭାଳୁଥିଲେ, ଯେମିତି ଆମ ଅନ୍ତଃନଳୀ ବହୁତ ପ୍ରକାରର ବ୍ୟାକ୍ଟେରିଆ ରଖିଛି ଓ ସେମାନେ ଆମର ହଜମ ପ୍ରକ୍ରିୟା ଚଳାଇଛନ୍ତି। ଆମ ଦେହରେ ଲକ୍ଷ ଲକ୍ଷ କୋଟି ବ୍ୟାକ୍ଟେରିଆ ଅଛନ୍ତି ଏବଂ ସେମାନେ ଆମକୁ ମଣିଷ ଭଳି ବିବେକୀ (ରେସନାଲ୍) ପ୍ରାଣୀ ହେବାରେ ସାହାଯ୍ୟ କରୁଛନ୍ତି। ବାହାରର ବ୍ୟାକ୍ଟେରିଆ ବା ଭାଇରସ୍ ଆମ ଦେହକୁ ଆସିଲେ ସେମାନେ ଲଢ଼େଇ କରି ପରାସ୍ତ କରନ୍ତି, ଏପରିକି ଆମ ଦେହରେ ଗୋଟିଏ ଜାଗାରେ ଥିବା ବ୍ୟାକ୍ଟେରିଆ ତା' ରହିବା ଜାଗାରୁ କୌଣସି ଉପାୟରେ ଆଉ ଗୋଟିଏ ଜାଗାକୁ ଗଲେ (ପ୍ରବାସୀ ପ୍ରବେଶ କଲେ) ଲଢ଼େଇ ଲାଗିଯାଏ। ମଳତ୍ୟାଗ ଜାଗାରେ ଥିବା ବ୍ୟାକ୍ଟେରିଆ ପରିସ୍ରା-ଛାଡୁଥିବା ଜାଗାକୁ ଆସିଗଲେ, ସମ୍ଭବତଃ ଆମେ ମଳ ଧୋଉଥିବା ହାତଟାକୁ ମୂତ୍ରଦ୍ୱାର ପର୍ଯ୍ୟନ୍ତ ନେଇଆସୁଥିବାରୁ, ମୂତ୍ରନଳୀର ରୋଗ (ୟୁରିନାରୀ ଟ୍ରାକ୍ଟ ଇନ୍‌ଫେକ୍ସନ୍, ୟୁଟିଆଇ) ହୁଏ। ମହିଳାମାନଙ୍କ କ୍ଷେତ୍ରରେ ୟୁଟିଆଇ ବେଶି ଏହି କାରଣରୁ, କାରଣ ମଳଦ୍ୱାର ଓ ମୂତ୍ରଦ୍ୱାର ଖୁବ୍ ପାଖାପାଖି। ସୃଷ୍ଟିର ନିୟମ ନ ମାନି ନିଜ ସ୍ଥାନ ଓ ସମୟ ଅତିକ୍ରମ କରି ଅନ୍ୟର ସ୍ଥାନ ଓ ସମୟ ଉପରେ ଅଧିକାର ଜାହିର କଲେ ତ ସ୍ରଷ୍ଟା (ଭଗବାନ)ଙ୍କ ନିୟମ ଆଗରେ ଆମେ ଅମାନିଆ। ଅମାନିଆଟିଏ ଯେତେ ଗୁହାରି କଲେ ଯଦି ପୋଲିସ ଛାଡୁନାହିଁ ଓ ଦଣ୍ଡ ଦେଉଛି ପ୍ରକୃତି କେମିତି ଛାଡ଼ିଦେବ ଆମେ ଯଦି ତା'ର ନିୟମ ନ ମାନିବା? ପ୍ରକୃତି ଦଣ୍ଡ ଦେବ, ରୋଗ ବା ମୃତ୍ୟୁ। ନିୟମ କରିଥିବା ସ୍ରଷ୍ଟାଙ୍କୁ ଡାକିଲେ ସେ କ'ଣ ନିୟମକୁ କୋହଳ କରିଦେବେ? ସେ ଯଦି ଭଲ କରିବେ ରୋଗ ତେବେ କାହିଁକି କ'ଣ ଲାଞ୍ଚ (ଭୋଗ) ଖାଇବା ପାଇଁ? ଭୂତାଣୁ ସୃଷ୍ଟିକରି ତାକୁ ମାରିଦେବାର ଉପାୟ କାଢ଼ିବାକୁ ତ ସ୍ରଷ୍ଟା ମଣିଷକୁ ବୁଦ୍ଧି ଦେଇଛନ୍ତି। ମାସ୍କ ପିନ୍ଧିବା, ହାତ ଧୋଇବା ଓ ସନ୍ଦିଗ୍ଧ ବା ଅଜଣା ଲୋକଠାରୁ ଦୂରରେ ରହିବା ତ ଏହି ଉପାୟ। ନିଜେ ଅମାନିଆ ହୋଇ ଭଗବାନଙ୍କ ନାଁରେ ମିଛ କହୁଛ।

sahadevas@yahoo.com

# ଟେକ୍ ରିପୋର୍ଟର

ବ୍ୟକ୍ତିତ୍ୱ



ମେଘା ରାଜଗୋପାଳନ୍

କେବଳ ଭାରତ ନୁହେଁ, ଏସିଆ ମହାଦେଶର ଅଧିକାଂଶ ମାତାପିତା ସେମାନଙ୍କ ପିଲାଙ୍କ ଭବିଷ୍ୟତ ଓ ବୃତ୍ତିଗତ ଜୀବନ ନେଇ ଯେଉଁ ଆକାଂକ୍ଷା ରଖିଥାଆନ୍ତି ସେଥିରେ ଡାକ୍ତର ଓ ଇଞ୍ଜିନିୟରଙ୍କ ଚିତ୍ର ସର୍ବଦା ଆଗରେ ରହିଆସିଛି। ଏହାର ସଦ୍ୟ ତଥା ମଧୁର ଉଦାହରଣ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଘଟଣାରୁ ଜଣାପଡ଼ିଛି। ଲଣ୍ଡନରେ ବାସ କରୁଥିବା ଭାରତୀୟ ବଂଶୋଦ୍ଭବ ସାମ୍ବାଦିକା ମେଘା ରାଜଗୋପାଳନ୍ ଆମେରିକାଭିତ୍ତିକ ଅନ୍ତର୍ଜାତୀୟ ମର୍ଯ୍ୟାଦାଜନକ ପୁଲିଜର ପୁରସ୍କାର ପାଇବେ ବୋଲି ଜୁନ୍ ୧୧ରେ ଘୋଷଣା ହେଲା। ଏହା ପରେ ପୃଥିବୀର କୋଣଅନୁକୋଣରୁ ମେଘାଙ୍କୁ ଶୁଭେଚ୍ଛା ବାର୍ତ୍ତା ଆସିବାରେ ଲାଗିଲା। ହେଲେ ସେ ତାଙ୍କ ପିତାଙ୍କ ସହ ମେସେଜ୍ ମାଧ୍ୟମରେ ଆଦାନପ୍ରଦାନ ହୋଇଥିବା ସ୍କ୍ରିନ୍‌ଶଟ୍‌କୁ ଟୁଇଟରରେ ଶେୟାର କରିଥିଲେ। ସେଥିରେ ଲେଖାଥିଲା–'କଙ୍ଗ୍ରାଚୁଲେଶନ୍ସ ମେଘା। ମମ୍ ଜଷ୍ଟ ଫରୱାର୍ଡେଡ୍ ମି। ପୁଲିଜର ପ୍ରାଇଜ୍। ୱେଲ୍ ଡନ୍।' ଏତକ ପୋଷ୍ଟ କରିବା ପରେ ମେଘା ଲେଖିଥିଲେ ପିତା ତାଙ୍କ ସଫଳତାରେ ଅତି ଖୁସି ହୋଇ ଗୋଟେ ଇମୋଜି ଦେଲେ ନା ଏକ ବିସ୍ମୟସୂଚକ ଚିହ୍ନଟିଏ ତାଙ୍କ ମେସେଜ୍‌ରୁ ଦେଖିବାକୁ ମିଳିଲା। ଭାରତୀୟ ବଂଶୋଦ୍ଭବ ହୋଇଥିବାରୁ ଅଲିଅଳୀ ଝିଅମାନେ ପିତାଙ୍କଠାରୁ ଆହୁରି କିଛି ଆଶା ରଖିବା ସ୍ୱାଭାବିକ। ନିଜର ସଫଳତାରେ ଆତ୍ମହରା ହୋଇଯାଉଥିବା ପ୍ରତ୍ୟେକ ବ୍ୟକ୍ତି ମେଘାଙ୍କ ଏଭଳି ଟୁଇଟ୍‌ରେ ନିଶ୍ଚିତ ବିସ୍ମିତ ହେଉଥିବେ। ମେଘାଙ୍କ ଏପରି ମେସେଜ୍ ସୋସିଆଲ୍ ମିଡିଆରେ ଚର୍ଚ୍ଚା ହେବା ପରେ ଅନେକେ ବିଭିନ୍ନ ଟିପ୍ପଣୀ ଦେଉଛନ୍ତି। କେତେକେ କହୁଛନ୍ତି ବୋଧେ ଝିଅ ନୋବେଲ ପାଇଥିଲେ ପିତା ଅଧିକ ଖୁସି ହୋଇଥାଆନ୍ତେ। ଆଉ କିଛି ମତ ରଖିଛନ୍ତି ଝିଅ ଡାକ୍ତର କିମ୍ବା ଇଞ୍ଜିନିୟର ହୋଇ ନ ପାରିବାରୁ ପିତା ମନ ଉଣା କରିଥିବେ। ଏଭଳି ଆଲୋଚନା ମଧ୍ୟରେ ଯେଉଁ ବିଷୟଟି ପିତାଙ୍କୁ ଅଧିକ ବ୍ୟଥିତ କରିଥିବ, ତାହା ହୁଏତ ଅନ୍ୟ ଏକ ଦିଗକୁ ଇଙ୍ଗିତ କରିପାରେ। ଅନୁସନ୍ଧାନମୂଳକ ସାମ୍ବାଦିକତା ବର୍ଗରେ ଝିଅ ନାମ ପୁଲିଜର ପୁରସ୍କାର ପାଇଁ ଘୋଷଣା ହୋଇଥିବାରୁ ପିତାଙ୍କ ମନରେ ଭୟ ଜାତ ହୋଇଥାଇପାରେ। କାଳେ କେହି ତାଙ୍କୁ ଟାର୍ଗେଟ୍ କରିବେ। ବିଭିନ୍ନ ଦେଶରେ ବାସ୍ତବ ଖବର ଲୋକଲୋଚନକୁ ଆଣୁଥିବା ସାମ୍ବାଦିକଙ୍କ ଜୀବନ ପ୍ରତି ବିପଦ ରହୁଥିବା ଖବର ପଢ଼ି ମେଘାଙ୍କ ପିତା ଅତି ଖୁସି ଦେଖେଇ ହୋଇ ନ ଥାଇପାରନ୍ତି। କିନ୍ତୁ ଏହା ଅନୁଭବ୍ୟ ଯେ ଝିଅର ସଫଳତାରେ ପିତା ନିଶ୍ଚିତ ଗର୍ବ ଅନୁଭବ କରୁଥିବେ।

ମେଘାଙ୍କ ବ୍ୟକ୍ତିଗତ ଜୀବନ ଓ କ୍ୟାରିୟର ବିଷୟରେ କେଉଁଠାରେ ବିଶେଷ ଉଲ୍ଲେଖ କରାଯାଇ ନାହିଁ। ସେ ତାମିଲ କନ୍ୟା ବୋଲି କେତେ ଜଣ ସୋସିଆଲ ମିଡିଆରେ ମନ୍ତବ୍ୟ ଦେଇଛନ୍ତି। ମାତ୍ର ତାଙ୍କ ସାମ୍ବାଦିକତା କ୍ୟାରିୟର ଦେଖିଲେ ଏକ ଅସମ୍ଭବ ରାଇଜକୁ ଯାଇ ସେ ସଂଗ୍ରହ କରିଥିବା ତଥ୍ୟ ତାଙ୍କୁ ଆଜି ସାହସୀ ସାମ୍ବାଦିକ ସ୍ଥାନରେ ବସାଇ ଦେଇଛି। କୋଭିଡ୍-୧୯ର ଜନ୍ମ ରାଷ୍ଟ୍ର ଚାଇନା ଯାଇ ସେ ଭୂତାଣୁର ଉତ୍ପତ୍ତି ବିଷୟରେ ଅନୁସନ୍ଧାନ କରି ନ ଥିଲେ। ବରଂ ଉଇଘୁର ମୁସଲମାନଙ୍କୁ ଚାଇନା ସରକାର କିଭଳି ଦମନ କରି ଅଧିକାଂଶଙ୍କୁ ଅଟକ ଶିବିରରେ ରଖି ଅକଥନୀୟ ଅତ୍ୟାଚାର ଚଳାଇଛି ତାହାର ବିବରଣୀ ବିଶ୍ୱ ସମ୍ମୁଖରେ ପ୍ରକାଶ କରି ମେଘା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିନ୍‌ଜିଆଙ୍ଗ ଅଞ୍ଚଳରେ ଚାଇନା ସରକାର ବନ୍ଦୀ ଜୀବନ କଟାଉଥିବା ଅସଂଖ୍ୟ ଉଇଘୁର ମୁସଲମାନଙ୍କୁ ଯେଭଳି ଭାବେ ଛପେଇ ରଖିଛି ଓ ସେହି ଭିତ୍ତିଭୂମିଗୁଡ଼ିକର ଚିତ୍ରକୁ ଉପଗ୍ରହ ମାଧ୍ୟମରେ ଉତ୍ତୋଳନ କରି ତାହାର ତଥ୍ୟକୁ ବିଶ୍ଲେଷଣ କରିବାରେ ଏହି ସାମ୍ବାଦିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଲଣ୍ଡନଭିତ୍ତିକ ଗଣମାଧ୍ୟମ ସଂସ୍ଥା 'ବଜ୍‌ଫିଡ୍ ନ୍ୟୁଜ୍'ରେ କାର୍ଯ୍ୟରତ ମେଘାଙ୍କୁ ଏହି କାର୍ଯ୍ୟରେ ଦୁଇ ଜଣ ଏଲିସନ୍ କିଲିଂ ଓ କ୍ରିଷ୍ଟୋ ବୁସ୍‌ଚେକ୍ ସାହାଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଲିସନ୍ ଉପଗ୍ରହ ଚିତ୍ର ବିଶ୍ଳେଷଣ କରିବାରେ ସିଦ୍ଧହସ୍ତ ଓ କ୍ରିଷ୍ଟୋ ପ୍ରୋଗ୍ରାମର୍ ଭାବେ ତଥ୍ୟ ଯୋଗାଇ ମେଘାଙ୍କ ଅନୁସନ୍ଧାନମୂଳକ ରିପୋର୍ଟିଂକୁ ପ୍ରମାଣସିଦ୍ଧ କରାଇପାରିଛନ୍ତି। ମେଘା ତାଙ୍କ ଦୁଇ ଟେକ୍ନୋ ପାରଙ୍ଗମ୍ ବ୍ୟକ୍ତିଙ୍କ ସହାୟତାରେ ଅନ୍‌ସେନ୍‌ସର୍ଡ ମ୍ୟାପିଂ ସଫ୍ଟୱେର ଜରିଆରେ ୫୦,୦୦୦ ତଥ୍ୟାବଳୀ ସାଇଟ୍ ଉପରେ ଅନୁଧ୍ୟାନ କରିବା ପରେ ୨୬୦ଟି ଅଟକ ଶିବିରକୁ ଚିହ୍ନଟ କରିଥିଲେ। ଏହି ତିନିହେଁ ଜିନ୍‌ଜିଆଙ୍ଗ ଅଞ୍ଚଳର ହଜାର ହଜାର ଉପଗ୍ରହ ଚିତ୍ର ବିଶ୍ଳେଷଣ କରିବା ପରେ ଜାଣିବାକୁ ପାଇଥିଲେ ଯେ, ପ୍ରାୟ ୧୦ ଲକ୍ଷ ଉଇଘୁର ମୁସଲମାନ, କାଜାଖ ଓ ଅନ୍ୟାନ୍ୟ ସ୍ଥାନର ସଂଖ୍ୟାଲଘୁଙ୍କ ଉପରେ ଚାଇନା ଅତ୍ୟାଚାର ଜାରି ରଖିଛି। ସମ୍ଭବତଃ ବର୍ତ୍ତମାନ ସମୟରେ ବିଶ୍ୱରେ ମାନବ ଅଧିକାର ଉଲ୍ଲଂଘନର ଏହା କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ଏଠାରେ ସ୍ମରଣ କରାଯାଇପାରେ ଯେ, ଚାଇନା ଏଭଳି ଅଟକ ଶିବିର ଥିବା ବିଷୟକୁ ବାରମ୍ବାର ଅସ୍ୱୀକାର କରିଥିଲା। ହେଲେ ମେଘା ପ୍ରଥମ ସାମ୍ବାଦିକା ଭାବେ ୨୦୧୭ରେ ଚାଇନାର ସମ୍ପୃକ୍ତ ଅଞ୍ଚଳକୁ ଯାଇ ତଥ୍ୟ ସଂଗ୍ରହ କରିବା ସହ କେତେ ଜଣ ଉଇଘୁର ମୁସଲମାନ୍‌ଙ୍କ ସାକ୍ଷାତ୍‌କାର ଆଣିବାରେ ସଫଳ ହୋଇଥିଲେ। ଏ ବିଷୟ ଜାଣିବା ପରେ ତାଙ୍କ ଭିଜାକୁ ରଦ୍ଦ କରିଦିଆଯାଇଥିଲା ଓ ତାଙ୍କୁ ଚାଇନାରୁ ବଳପୂର୍ବକ ବାହାର କରିଦିଆଯାଇଥିଲା।

ମେଘାଙ୍କ ସାମ୍ବାଦିକତା କ୍ୟାରିୟର ଦେଖିଲେ ଚାଇନା, ଥାଇଲାଣ୍ଡ ଓ ଆଫଗାନିସ୍ତାନ ସମେତ ୨୩ ଦେଶରେ ରିପୋର୍ଟିଂ କରିବାର ସୁଯୋଗ ପାଇଛନ୍ତି। ବଜ୍‌ଫିଡ୍‌ରେ ଟେକ୍ ରିପୋର୍ଟର ହେବା ପୂର୍ବରୁ ସେ ରଏଟରର ରାଜନୈତିକ ଖବରଦାତା ଭାବେ ନାମ କମାଇଥିଲେ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହରରେ ବେଙ୍ଗାଲୁରୁର ସତ୍ୟ ଶଙ୍କରନ୍‌ଙ୍କ କର୍ତ୍ତବ୍ୟନିଷ୍ଠା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ସେ ସାଇକେଲ ଚଳାଇ ବରିଷ୍ଠ ନାଗରିକ ଏବଂ କୋଭିଡ୍-୧୯ ପୀଡ଼ିତଙ୍କ ନିକଟରେ ଖାଦ୍ୟ, ଔଷଧ ଏବଂ ଅନ୍ୟ ଅତ୍ୟାବଶ୍ୟକ ଜିନିଷ ପହଞ୍ଚାଉଛନ୍ତି। ଏହି ଅଭିଯାନକୁ ବ୍ୟାପକ କରିବା ଲାଗି ସେ ଏକ ଟିମ୍ ଗଠନ କରିଛନ୍ତି। ଏଥିରେ ବିଭିନ୍ନ ସହରରୁ ୬୦୦ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି। ଏମାନଙ୍କୁ କୁହାଯାଉଛି ଭଲ୍ୟୁଣ୍ଟିୟର ସାଇକ୍ଲିଷ୍ଟ। ସତ୍ୟ ଏବଂ ତାଙ୍କ ଟିମ୍ ସାଇକେଲରେ ଦିନକୁ ୧୦୦ରୁ ଊର୍ଦ୍ଧ୍ୱ କୋଭିଡ୍ ରୋଗୀ ଓ ବରିଷ୍ଠ ନାଗରିକଙ୍କୁ ଜିନିଷ ଯୋଗାଉଛନ୍ତି। ସତ୍ୟଙ୍କ ଟିମ୍‌ର ଉକ୍ତ ରିଲିଫ୍ ରାଇଡର୍‌ମାନେ ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ମୁମ୍ବାଇ, ହୁବଲି-ଧରୱାଡ, ସିଲଭାସା, ଗୁଆହାଟୀ, ଗୁରୁଗ୍ରାମ, ଜୟପୁର ଏବଂ ବେଲାଗାଭି ଆଦି ୧୦ଟି ସହରରେ ଖାଦ୍ୟ, ଔଷଧ ଏବଂ ଅନ୍ୟ ଅତ୍ୟାବଶ୍ୟକ ଜିନିଷ ଯୋଗାଇ ଦେଉଛନ୍ତି। ସେମାନେ ଔଷଧ ଓ ଜିନିଷ ଡେଲିଭରି କରିବା ସମୟରେ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଉପରେ ଧ୍ୟାନ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜୁନ୍ ୧୯୯୬

- ବ୍ରାଜିଲର ସାଓ ପାଓଲୋଠାରେ ଏକ ଶପିଂ ସେଣ୍ଟରରେ ବିସ୍ଫୋରଣ ଯୋଗୁ ୩୯ ମୃତ।
- ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଏମ୍‌ପିମାନଙ୍କୁ ଏକାଧିକ କୋଟି ଟଙ୍କା ଲାଞ୍ଚ ଦିଆଯିବା ମାମଲାରେ ସିବିଆଇ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ, ବିଦ୍ୟା ଚରଣ ଶୁକ୍ଳା, ସତୀଶ ଶର୍ମାଙ୍କ ସମେତ ୮ଜଣଙ୍କ ନାମରେ ଏତଲା ଦାଖଲ କରିଛି।

## ଚିରନ୍ତନୀ

କେତେ ଢେଉ ଉଠେ ପଡ଼େ
ବିଶ୍ୱର ମାନବ-ପାରାବାରେ
କେତେ ଧ୍ୱନି କେତେ ଛନ୍ଦ
ମିଳାଏ ଯେ ଅସୀମର ପାରେ।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମାସ୍କ ଓ ସାମାଜିକ ଦୂରତା ଆବଶ୍ୟକ

ମହାଶୟ,

ଠିକ୍ ଭାବରେ ମାସ୍କ ପିନ୍ଧିବା ଦ୍ୱାରା ଆମକୁ ବିଶୋଧିତ ବାୟୁରୁ ଆବଶ୍ୟକ ପରିମାଣର ଅମ୍ଳଜାନ ମିଳିଥାଏ। ଅନାବଶ୍ୟକ କଥା ହେବାକୁ ଭଲ ଲାଗେ ନାହିଁ। ସାଧାରଣ ଚାପର ବାୟୁ ପ୍ରଶ୍ୱାସ ପାଇଁ ମିଳିଥାଏ। ସୁରକ୍ଷାର ଭାବନା ଆସେ। ଭୂତାଣୁ ବସ୍ତ୍ର ଅପେକ୍ଷା ଚର୍ମରୁ ଅଧିକ ଲମ୍ଫପ୍ରଦାନ କରିପାରେ ତେଣୁ ଗ୍ଲୋଭ୍ସ ବ୍ୟବହାର ଅଧିକ ଉତ୍ତମ। ସାମାଜିକ ଦୂରତ୍ୱ ରଖିବା ଦ୍ୱାରା ଭୂତାଣୁ ସଂସ୍ପର୍ଶରେ ଆସିବାର ସମ୍ଭାବନା କମ ହୋଇଥାଏ। ନିଜକୁ ପରିବେଶଠାରୁ ଦୂରେଇବା ସଙ୍ଗେ ନିଜ ପାଇଁ ଏକ ପରିବେଶ ସୃଷ୍ଟି ହୁଏ। ଏଣୁ ମାସ୍କ ବ୍ୟବହାର କରି ସାମାଜିକ ଦୂରତା ପାଳନ କଲେ ଆମେ ସହଜରେ କରୋନାକୁ ହରାଇବା ଲାଗି ସକ୍ଷମ ହୋଇପାରିବା।

– ଶୁଭାଶିଷ ସାହୁ, ଖୁଣ୍ଟଳ, ରାହାମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି ଫାର୍ମାସିଷ୍ଟ

ଦେବଗଡ,(ଡି.ଏନ.ଏ): କରୋନା ମହାମାରୀ ସମୟରେ ନିଜ ଜୀବନକୁ ପାଣି ଛଡାଇ କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟମାନଙ୍କୁ ସରକାର ଅଣଦେଖା କରୁଥିବା ଦର୍ଶାଇ ଏହାର ପ୍ରତିବାଦ ସହ ବିଭିନ୍ନ ଦାବିରେ ରାଜ୍ୟ ଫାର୍ମାସୀ ସେବା ସଂଘର ଆହ୍ୱାନ କ୍ରମେ ଦେବଗଡ ଜିଲା ଫାର୍ମାସୀ ସେବା ସଂଘ ପକ୍ଷରୁ ଗୁରୁବାରଠାରୁ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ ଆରମ୍ଭ ହୋଇଛି । ଫାର୍ମାସିଷ୍ଟଙ୍କର ଏହି ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଆଗାମୀ ୨୦ ତାରିଖ ମଧ୍ୟରେ ଯଦି ସେମାନଙ୍କର ଦାବିଗୁଡିକ ପୂରଣ ନ ହୁଏ, ତେବେ ସେମାନେ ଦୈନିକ ଔଷଧ ବିତରଣ ବ୍ୟତୀତ ଆଉ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ଜିଲା ଫାର୍ମାସୀ ସେବା ସଂଘର ସଭାପତି ଗୌର ଚନ୍ଦ୍ର ସାହୁ ଓ ସମ୍ପାଦକ ବିରେନ କୁମାର ପ୍ରଧାନ ଚେତାବନୀ ଦେଇଛନ୍ତି।

**ସଂକ୍ଷେପରେ**

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ଆହତ, ବାର୍‌ହା ମୃତ

ଦେବଗଡ ୧୨।୬ (ଡି.ଏନ.ଏ) -ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଆହତ ହୋଇଥିବା ବେଳେ ଏକ ବାର୍‌ହାର ମୃତ୍ୟୁ ଘଟିଛି। ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ କୁଣ୍ଡେଇଗୋଳା ଫରେଷ୍ଟ ସେକ୍ସନ କମାରପାଳ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଶୁକ୍ରବାର ସନ୍ଧ୍ୟାରେ ଏଭଳି ଏକ ଘଟଣା ଘଟିଛି। ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡାଧୁଆଁ ଗ୍ରାମର ବିକାଶ ବିଶ୍ୱାଳ(୨୩) ସନ୍ଧ୍ୟା ସମୟରେ ଉକ୍ତ ଜଙ୍ଗଲ ନିକଟକୁ ଶୌଚ ପାଇଁ ଯାଇଥିବାବେଳେ ଶିକାର ପାଇଁ ବିଛା ଯାଇଥିବା ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ଏନେଇ ବିକାଶ ବନବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ସ୍ଥାନୀୟ ବନପାଳ ପ୍ରୀତମ କୁମାର ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସମୟରେ ଜୀବନ୍ତ ବିଦ୍ୟୁତ୍ ତାରରେ ଲାଗି ଏକ ଜଙ୍ଗଲୀ ବାର୍‌ହାର ମୃତ୍ୟୁ ଘଟିଥିବା ଦେଖିବାକୁ ପାଇବା ପରେ ମୃତଦେହ ଜବତ କରିବା ସହ ଶିକାର ପାଇଁ ବିଛା ଯାଇଥିବା ତାର ଜବତ କରିଥିଲେ।

## ଜଙ୍ଗଲ ଜମିରୁ ମାଟି ଚାଲାଣ: ହାଇୱା ଜବତ

ଦେବଗଡ଼,୧୨।୬ (ଡି.ଏନ.ଏ): ଜଙ୍ଗଲ ଜମିରୁ ମାଟି ନେଉଥିବା ବେଳେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ହାଇୱା ଜବତ କରାଯାଇଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି। ୪୯ ନଂ.ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ସମ୍ପୃକ୍ତ ଠିକା କମ୍ପାନୀ ପକ୍ଷରୁ ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ନିକ୍ରିମାଳ ଗ୍ରାମ ନିକଟ ଜଙ୍ଗଲରୁ ମାଟି ନେଉଥିବା ଖବର ପାଇ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢାଉ ସମୟରେ ମାଟି ଚାଲାଣ କରୁଥିବା ହାଇୱା ଟିଆର ୦୮-୧୭୮୫ ଜବତ କରାଯାଇଛି।

# ଚାଷ କରିଛି ଆତ୍ମନିର୍ଭରଶୀଳ

କୁତ୍ରା, ୧୨।୬ (ଡି.ଏନ.ଏ)

ଚାଷ କରିଛି ସେମାନଙ୍କୁ ଆତ୍ମନିର୍ଭରଶୀଳ। ଆମ୍ବ, କାଜୁ, କଦଳୀ ବଗିଚା କରିଛନ୍ତି। ଏହା ସହ ମକା ଚାଷ ଓ ଅନ୍ୟାନ୍ୟ ପନିପରିବା ଚାଷ ପାଇଁ ଆଗ୍ରହୀ ଅଛନ୍ତି, କିନ୍ତୁ ପାଣି ହେଉଛି ମୁଖ୍ୟ ସମସ୍ୟା। ଚାଷ ପାଇଁ ବେଶ୍ ଆଗ୍ରହୀ ଥିବା ଏହି ଚାଷୀମାନେ ହେଲେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ଅନ୍ୟତମ ଅନୁନ୍ନତ ଗ୍ରାମପଞ୍ଚାୟତ ଭାବେ ପରିଚିତ ଆମ୍ବଗଭାର ଖୁଦାନପଡାର ଦେବାନନ୍ଦ ତରୁଆର, ଦୁଃଖୁ ତରୁଆର, ଗର୍ଭ ମିଞ୍ଜ, ଦୁଃଖୁ ବଡାଇକ, ନଗର ତରୁଆର, ମୁଖରାମ ମିଞ୍ଜ, ବିନୋଦ କୁଜୁର, ସୁଖର ମିଞ୍ଜ, ଫୁଲଜେମ୍ସ ମିଞ୍ଜ, ବନମାରି ମିଞ୍ଜ, ବାବୁଲାଲ ତରୁଆର। ଏମାନେ ଗତକିଛି ବର୍ଷ ଧରି ଆମ୍ବ, କାଜୁ, କଦଳୀ ଚାଷ କରି କିଛି ମାତ୍ରାରେ ଆତ୍ମନିର୍ଭରଶୀଳ ହୋଇଛନ୍ତି। ସେମାନଙ୍କର ଚାଷ ପ୍ରତି ଆଗ୍ରହ ବଢୁଥିବାବେଳେ ପ୍ରୋତ୍ସାହନ ମିଳୁନାହିଁ। ବିଶେଷକରି ଚାଷ ପାଇଁ ଠିକ୍ ଭାବେ ପାଣି ମିଳୁନାହିଁ। ଗଭୀର ନଳକୂପ ଖନନ ହେବା ସତ୍ତ୍ୱେ ପାଣି ନ ପାଇ ନିରାଶ ହୋଇଥିଲେ। କିନ୍ତୁ ତଥାପି ଆଶା ରଖିଛନ୍ତି ଗାଁଲୋକ। ଗ୍ରାମର ବାବୁଲାଲ ତରୁଆର ୧୦୦ ଟି ଆମ୍ବ ଗଛ




ଓ ୫୦ କାଜୁ ଗଛ ଲଗାଇଥିବାବେଳେ ଦେବାନନ୍ଦ ତରୁଆର ୫୫ଟି ଆମ୍ବ ଓ ୫୪ଟି କାଜୁ ଗଛ ଲଗାଇଛନ୍ତି। ୧୯୮୧ ରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଏକଗଡ଼ିଆ ଖୋଳା ଯାଇଥିଲା। କିନ୍ତୁ ତାହା ଏବେ କମ ଗଭୀର ଥିବା ଯୋଗୁ କେବଳ ବର୍ଷା ଦିନରେ କିଛି ମାତ୍ରାରେ ପାଣି ରହୁଛି। ଅନ୍ୟ ସମୟରେ ପାଣି ରହୁ ନ ଥିବାବେଳେ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗଡ଼ିଆକୁ ପୁନରୁଦ୍ଧାର କରାଯାଇ ସାମାନ୍ୟ କିଛି ଫୁଟ ଗଭୀର କରାଗଲେ ବର୍ଷ ସାରା ପାଣି ଗଚ୍ଛିତ ହୋଇ ରହିପାରିବ ଯାହାକି ଚାଷ କାର୍ଯ୍ୟରେ ବ୍ୟବହୃତ ହୋଇପାରିବ। ଏବାବଦରେ ବାରମ୍ବାର ସ୍ଥାନୀୟ ସରପଞ୍ଚ ଓ ଗ୍ରାମ ସଭାରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ନେଇ ଗ୍ରାମବାସୀ ଅତ୍ୟନ୍ତ ଦୁଃଖର ସହ ପ୍ରକାଶ କରିଛନ୍ତି। ଶେଷରେ ଗଣମାଧ୍ୟମ ନିକଟରେ ମୁହଁଖୋଲି ସେମାନଙ୍କ ସମସ୍ୟା ବିଷୟରେ ଜଣାଇଛନ୍ତି। ପଞ୍ଚାୟତର ସରପଞ୍ଚ, କୃଷି ବିଭାଗ ଏଦିଗରେ ତତ୍ପରତା ଦେଖାଇବା

**ଖୁଦାନପଡ଼ାର ଚାଷୀଙ୍କ ଚାଷ ପ୍ରତି ଆଗ୍ରହ ବଢୁଛି କିନ୍ତୁ ପାଣି ମୁଖ୍ୟ ସମସ୍ୟା**

ଆବଶ୍ୟକତା ରହିଛି। ଅତୀତରେ ନାବାର୍ଡ ସହାୟତାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଅଙ୍ଗନାର ମୁଖ୍ୟ ରିମିଶ ଏକ୍କାଙ୍କ ତତ୍ତ୍ୱାବଧାନରେ ଆମ୍ବ ବଗିଚାର ତତ୍ତ୍ୱାବଧାନ ଯୋଗୁ ଗତ କିଛି ବର୍ଷ ଧରି ପ୍ରଚୁର ପରିମାଣରେ ଆମ୍ବ ଉତ୍ପାଦନ ହୋଇପାରୁଛି। କୃଷି ଓ ଉଦ୍ୟାନ ବିଭାଗ ଏହି ସଫଳତାକୁ ଆଧାର କରି ଗତବର୍ଷଠାରୁ ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ସଙ୍ଗଠନ ମାଧ୍ୟମରେ ଆମ୍ବ ଓ କାଜୁ ଚାରା ରୋପଣକୁ ପ୍ରାଧାନ୍ୟ ଦେଇଛି। ଉଦାହରଣ ଆକାରରେ କୁତ୍ରା ଓ ତେଲିଘନାକୁ ନିଆଯାଇପାରେ। ଚଳିତବର୍ଷ କରୋନାରେ ଅକ୍ସିଜେନ ଅଭାବ ଦେଖାଯିବା ପରିପ୍ରେକ୍ଷୀରେ ପରିବେଶବିତ ମାନେ ବୃକ୍ଷ ରୋପଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଆଗକୁ ବର୍ଷା ଋତୁ। ବୃକ୍ଷ ରୋପଣ ପାଇଁ ଅନୁକୂଳ। ଏଥିପାଇଁ ପ୍ରଶାସନିକ ଓ ସମାଜିକ ସ୍ତରରେ ପ୍ରଚେଷ୍ଟା କରାଗଲେ ସମସ୍ତଙ୍କ ପାଇଁ ମଙ୍ଗଳ ହୁଅନ୍ତା ବୋଲି ସଧାରଣରେ ମତ ପ୍ରକାଶ ପାଇଛି।

ରିପୋର୍ଟ: ଦେବାଶିଷ ସାହୁ

# ସ୍ତ୍ରୀକୁ ଯୌନ ନିର୍ଯାତନା ଦେଇ ହତ୍ୟା: ସ୍ୱାମୀ ଗିରଫ

ଦେବଗଡ଼,୧୨।୬ (ଡି.ଏନ.ଏ)

ଦେବଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ଡ଼ାଲଖୋଲି ଗ୍ରାମରେ ସ୍ତ୍ରୀଙ୍କୁ ଯୌନ ନିର୍ଯାତନା ଦେବା, ତାଙ୍କ ଗୁପ୍ତାଙ୍ଗରେ କାଠଫାଳିଆ ଭର୍ତ୍ତିକରି ଗୁରୁତର କରିବା ଓ ପରେ ମୃତ୍ୟୁ ଘଟିଥିବା ଭଳି ଅଭାବନୀୟ ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଡ଼ାଲଖୋଲି ଗ୍ରାମରେ ଭ୍ରମର କିଷାନ ନିଜ ପ୍ରଥମ ସ୍ତ୍ରୀ ଥିବା ସତ୍ତ୍ୱେ ଉକ୍ତ ଗ୍ରାମର ଜଣେ ଜଣେ ଯୁବତୀଙ୍କୁ ଅପହରଣ କରି ନେଇ ବିବାହ କରିଥିଲେ। ସେମାନଙ୍କର ଦୁଇଟି ସନ୍ତାନ ଥିବାବେଳେ ଗତ କିଛି ବର୍ଷ ହେଲା ଝଗଡ଼ା ଯୋଗୁ ଉଭୟେ ଅଲଗା ହୋଇ ଚଳୁଥିଲେ। ନିକଟସ୍ଥ ଗ୍ରାମର ଆମ୍ବ ବଗିଚାରେ ଶ୍ରମିକ ଭାବେ କାମ କରି ମହିଳା ଜଣକ ନିଜ ଗୁଜୁରାଣ ମେଣ୍ଟାଉ ଥିଲେ। ଗତ ୬ତାରିଖ ସନ୍ଧ୍ୟାରେ ଆମ୍ବ ବଗିଚା କରିଥିବା କଣ୍ଢେଇ ଗ୍ରାମର ମହେଶ୍ୱର ସାମଲ ଉକ୍ତ ମହିଳାଙ୍କ ଘରକୁ ଆସି ବଳାତ୍କାର କରୁଥିବାବେଳେ ମହିଳାଙ୍କ ନାବାଳିକା ଝିଅ ଏହା ଦେଖିଥିଲେ। ପରେ ଏ କଥା ମହିଳାଙ୍କ ସ୍ୱାମୀ ଜାଣି ପାରିଥିଲେ। ରାତିରେ ସ୍ତ୍ରୀଙ୍କୁ ନିସ୍ତୁକ ପିଟିବା ସହ ଗୁପ୍ତାଙ୍ଗରେ ଏକ କାଠ ଫାଳିଆ ଭର୍ତ୍ତି କରିଦେଇଥିବା ସେମାନଙ୍କ ଶିଶୁ ପୁତ୍ର ଦେଖିଥିଲା । ତେବେ ୭ତାରିଖ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ଗୁଣ୍ଡୁରୀପୋଷିର ଡାକ୍ତରଙ୍କ ଠାରେ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ମାତ୍ର ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ବୁର୍ଲା ଡାକ୍ତରଖାନାରେ ଚିକିତ୍ସା ସମୟରେ ଗତ ୧୦ତାରିଖ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା । ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ପାଇ ବୁର୍ଲା ଫାଣ୍ଡି ପୋଲିସ ଏକ ମାମଲା ରୁଜୁ କରି ଦେବଗଡ଼ ଥାନା ପୋଲିସକୁ ସୂଚନା ଦେବା ସହ ମୃତଦେହ ବ୍ୟବଚ୍ଛେଦ କରିଥିଲା। ମୃତ୍ୟୁଖବର ଶୁଣି ମହିଳାଙ୍କ ବାପା ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ପିଲାଙ୍କୁ ପଚରାଉଚୁରା କରିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଶନିବାର ଏ ନେଇ ମହିଳାଙ୍କ ପିତା ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି।

# ଦନ୍ତା ଆକ୍ରମଣରେ ଯୁବକ ଗୁରୁତର

କୁତ୍ରା, ୧୨।୬(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ଅଞ୍ଚଳରେ କିଛିଦିନର ନିରବତା ପରେ ପୁଣି ହାତୀ ଆତଙ୍କ ଦେଖାଦେଇଛି। ଶନିବାର ସକାଳୁ ଏକ ଦନ୍ତା ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଯୁବକ ଜଣକ ହେଲେ କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ଗ୍ରାମର ଯଦୁମଣି ପ୍ରଧାନ (୪୫)। ଶନିବାର ସକାଳୁ ସେ ନିଜ ବାଡି ପଟେ ଯାଇଥିବା ବେଳେ ହଠାତ ଏକ ଦନ୍ତା ହାବୁଡ଼ରେ ପଡିଥିଲେ। ନିଜ ବୁଦ୍ଧି ଖଟେଇ କୌଣସି ମତେ ଖସି ଆସିବାକୁ ଚେଷ୍ଟା କରୁଥିବା ବେଳେ ହଠାତ ହାତୀ ଶୁଣ୍ଢରେ ଆକ୍ରମଣ କରିଥିଲା। ଯୁବକ ତଳେ ପଡିଯିବା ପରେ ଗାଁ ଲୋକ ପହଞ୍ଚି ଯାଇଥିଲେ। ଗାଁଲୋକ ପହଞ୍ଚିବା ପରେ ହାତୀକୁ ଘଉଡ଼ାଇବାରୁ ହାତୀଟି ମହାବୀର ପାହାଡ ଆଡ଼କୁ ଚାଲିଯାଇଥିଲା। ଘର ଲୋକେ ଜାଣିବା ପରେ ତାଙ୍କୁ ସେଠାରୁ ଉଦ୍ଧାର କରି କୁତ୍ରା ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ସୁନ୍ଦରଗ ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# କରୋନା ଯୋଦ୍ଧାଙ୍କୁ ଗାଳିଗୁଲଜ ଅଭିଯୋଗ

ସୁନ୍ଦରଗଡ,୧୨।୬(ଡି.ଏନ୍.ଏ)

ଘରଘର ବୁଲି କୋଭିଡ-୧୯ ସର୍ଭେ କାର୍ଯ୍ୟ କରିବାକୁ ଯାଇଥିବା ବେଳେ ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଫଳସାଢିପା ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ଜଣେ ଆଶା କର୍ମୀଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଙ୍ଗନୱାଡି କର୍ମୀ ସୁମିତ୍ରା ରାଉତ ଏନେଇ ଥାନାରେ କରିଥିବା ରିପୋର୍ଟ ଅନୁସାରେ ସୋମବାର ସକାଳ ପ୍ରାୟ ସାଢ଼େ ୭ଟା ବେଳେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ-୧୯ ସର୍ଭେ କାର୍ଯ୍ୟ ଘରକୁ ଘର ବୁଲି କରୁଥିଲେ। ଏହି ସମୟରେ ଗ୍ରାମର ରୋଜେଶ ରାଉତଙ୍କ ଘରକୁ ସର୍ଭେ ପାଇଁ ପହଞ୍ଚିବା ପରେ ତାଙ୍କ ସ୍ତ୍ରୀ ମିଥିଳା ରାଉତ ଓ ଶାଳୀ ମମତା ନାଏକ ମିଶି ଡାଆଣୀ କହି ଗାଳି କରିବା ସହ ଜୀବନରେ ମାରି ଦେବାର ଧମକ ଦେଇଥିଲେ। ଏତଲାକୁ ଗ୍ରହଣ କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

୧୫) ରେଖା ୧୫–୧୬ : ଏହି ରେଖା ବିନ୍ଦୁ–୧୫ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୧୬ ଠାରେ ଯାଇ ମିଶିଛି ।
୧୬) ରେଖା ୧୬–୧୭ : ଏହି ରେଖା ବିନ୍ଦୁ–୧୬ ରୁ ବାହାରି ଦକ୍ଷିଣ–ପଶ୍ଚିମ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୧୭ ଠାରେ ଯାଇ ମିଶିଛି ।
୧୭) ରେଖା ୧୭–୧୮ : ଏହି ରେଖା ବିନ୍ଦୁ–୧୭ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୧୮ ଠାରେ ଯାଇ ମିଶିଛି ।
୧୮) ରେଖା ୧୮–୧୯ : ଏହି ରେଖା ବିନ୍ଦୁ–୧୮ ରୁ ବାହାରି ଦକ୍ଷିଣ–ପଶ୍ଚିମ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୧୯ ଠାରେ ଯାଇ ମିଶିଛି ।
୧୯) ରେଖା ୧୯–୨୦ : ଏହି ରେଖା ବିନ୍ଦୁ–୧୯ ରୁ ବାହାରି ଦକ୍ଷିଣ–ପଶ୍ଚିମ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୨୦ ଠାରେ ଯାଇ ମିଶିଛି ।
୨୦) ରେଖା ୨୦–୨୧ : ଏହି ରେଖା ବିନ୍ଦୁ–୨୦ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୨୧ ଠାରେ ଯାଇ ମିଶିଛି ।
୨୧) ରେଖା ୨୧–୨୨ : ଏହି ରେଖା ବିନ୍ଦୁ–୨୧ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୨୨ ଠାରେ ଯାଇ ମିଶିଛି ।
୨୨) ରେଖା ୨୨–୨୩ : ଏହି ରେଖା ବିନ୍ଦୁ–୨୨ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୨୩ ଠାରେ ଯାଇ ମିଶିଛି ।
୨୩) ରେଖା ୨୩–୨୪ : ଏହି ରେଖା ବିନ୍ଦୁ–୨୩ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୨୪ ଠାରେ ଯାଇ ମିଶିଛି ।
୨୪) ରେଖା ୨୪–୨୫ : ଏହି ରେଖା ବିନ୍ଦୁ–୨୪ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୨୫ ଠାରେ ଯାଇ ମିଶିଛି ।
୨୫) ରେଖା ୨୫–୨୬ : ଏହି ରେଖା ବିନ୍ଦୁ–୨୫ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୨୬ ଠାରେ ଯାଇ ମିଶିଛି ।
୨୬) ରେଖା ୨୬–୨୭ : ଏହି ରେଖା ବିନ୍ଦୁ–୨୬ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ–୨୭ ଠାରେ ଯାଇ ମିଶିଛି ।
୨୭) ରେଖା ୨୭–୨୮ : ଏହି ରେଖା ବିନ୍ଦୁ–୨୭ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ତେନ୍ତୁଲୋଇ–କୋଡାସାହି ଗାଁର ବିନ୍ଦୁ–୨୮ ଠାରେ ଯାଇ ମିଶିଛି ।
୨୮) ରେଖା ୨୮–୨୯ : ଏହି ରେଖା ବିନ୍ଦୁ–୨୮ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ତେନ୍ତୁଲୋଇ–କୋଡାସାହି ଗାଁର ବିନ୍ଦୁ–୨୯ ଠାରେ ଯାଇ ମିଶିଛି ।
୨୯) ରେଖା ୨୯–୩୦ : ଏହି ରେଖା ବିନ୍ଦୁ–୨୯ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ତେନ୍ତୁଲୋଇ–କୋଡାସାହି ଗାଁର ବିନ୍ଦୁ–୩୦ ଠାରେ ଯାଇ ମିଶିଛି ।
୩୦) ରେଖା ୩୦–୩୧ : ଏହି ରେଖା ବିନ୍ଦୁ–୩୦ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ତେନ୍ତୁଲୋଇ–କୋଡାସାହି ଗାଁର ବିନ୍ଦୁ–୩୧ ଠାରେ ଯାଇ ମିଶିଛି ।
୩୧) ରେଖା ୩୧–୩୨ : ଏହି ରେଖା ବିନ୍ଦୁ–୩୧ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ତେନ୍ତୁଲୋଇ–କୋଡାସାହି ଗାଁର ବିନ୍ଦୁ–୩୨ ଠାରେ ଯାଇ ମିଶିଛି ।
୩୨) ରେଖା ୩୨–୩୩ : ଏହି ରେଖା ବିନ୍ଦୁ–୩୨ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ତେନ୍ତୁଲୋଇ–କୋଡାସାହି ଗାଁର ବିନ୍ଦୁ–୩୩ ଠାରେ ଯାଇ ମିଶିଛି ।
୩୩) ରେଖା ୩୩–୩୪ : ଏହି ରେଖା ବିନ୍ଦୁ–୩୩ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ତେନ୍ତୁଲୋଇ–କୋଡାସାହି ଗାଁର ବିନ୍ଦୁ–୩୪ ଠାରେ ଯାଇ ମିଶିଛି ।
୩୪) ରେଖା ୩୪–୩୫ : ଏହି ରେଖା ବିନ୍ଦୁ–୩୪ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ତେନ୍ତୁଲୋଇ–କୋଡାସାହି ଗାଁର ବିନ୍ଦୁ–୩୫ ଠାରେ ଯାଇ ମିଶିଛି ।
୩୫) ରେଖା ୩୫–୩୬ : ଏହି ରେଖା ବିନ୍ଦୁ–୩୫ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ତେନ୍ତୁଲୋଇ–କୋଡାସାହି ଜଙ୍ଗଲ ଗାଁର ବିନ୍ଦୁ–୩୬ ଠାରେ ଯାଇ ମିଶିଛି।
୩୬) ରେଖା ୩୬–୩୭ : ଏହି ରେଖା ବିନ୍ଦୁ–୩୬ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୩୭ ଠାରେ ଯାଇ ମିଶିଛି ।
୩୭) ରେଖା ୩୭–୩୮ : ଏହି ରେଖା ବିନ୍ଦୁ–୩୭ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୩୮ ଠାରେ ଯାଇ ମିଶିଛି ।
୩୮) ରେଖା ୩୮–୩୯ : ଏହି ରେଖା ବିନ୍ଦୁ–୩୮ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୩୯ ଠାରେ ଯାଇ ମିଶିଛି ।
୩୯) ରେଖା ୩୯–୪୦ : ଏହି ରେଖା ବିନ୍ଦୁ–୩୯ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୪୦ ଠାରେ ଯାଇ ମିଶିଛି ।
୪୦) ରେଖା ୪୦–୪୧ : ଏହି ରେଖା ବିନ୍ଦୁ–୪୦ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୪୧ ଠାରେ ଯାଇ ମିଶିଛି ।
୪୧) ରେଖା ୪୧–୪୨ : ଏହି ରେଖା ବିନ୍ଦୁ–୪୧ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୪୨ ଠାରେ ଯାଇ ମିଶିଛି ।
୪୨) ରେଖା ୪୨–୪୩ : ଏହି ରେଖା ବିନ୍ଦୁ–୪୨ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୪୩ ଠାରେ ଯାଇ ମିଶିଛି ।
୪୩) ରେଖା ୪୩–୪୪ : ଏହି ରେଖା ବିନ୍ଦୁ–୪୩ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୪୪ ଠାରେ ଯାଇ ମିଶିଛି ।
୪୪) ରେଖା ୪୪–୪୫ : ଏହି ରେଖା ବିନ୍ଦୁ–୪୪ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୪୫ ଠାରେ ଯାଇ ମିଶିଛି ।
୪୫) ରେଖା ୪୫–୪୬ : ଏହି ରେଖା ବିନ୍ଦୁ–୪୫ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୪୬ ଠାରେ ଯାଇ ମିଶିଛି ।
୪୬) ରେଖା ୪୬–୪୭ : ଏହି ରେଖା ବିନ୍ଦୁ–୪୬ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୪୭ ଠାରେ ଯାଇ ମିଶିଛି ।
୪୭) ରେଖା ୪୭–୪୮ : ଏହି ରେଖା ବିନ୍ଦୁ–୪୭ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୪୮ ଠାରେ ଯାଇ ମିଶିଛି ।
୪୮) ରେଖା ୪୮–୪୯ : ଏହି ରେଖା ବିନ୍ଦୁ–୪୮ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୪୯ ଠାରେ ଯାଇ ମିଶିଛି ।
୪୯) ରେଖା ୪୯–୫୦ : ଏହି ରେଖା ବିନ୍ଦୁ–୪୯ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୫୦ ଠାରେ ଯାଇ ମିଶିଛି ।
୫୦) ରେଖା ୫୦–୫୧ : ଏହି ରେଖା ବିନ୍ଦୁ–୫୦ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୫୧ ଠାରେ ଯାଇ ମିଶିଛି ।
୫୧) ରେଖା ୫୧–୫୨ : ଏହି ରେଖା ବିନ୍ଦୁ–୫୧ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୫୨ ଠାରେ ଯାଇ ମିଶିଛି ।
୫୨) ରେଖା ୫୨–୫୩ : ଏହି ରେଖା ବିନ୍ଦୁ–୫୨ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୫୩ ଠାରେ ଯାଇ ମିଶିଛି ।
୫୩) ରେଖା ୫୩–୫୪ : ଏହି ରେଖା ବିନ୍ଦୁ–୫୩ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲର ବିନ୍ଦୁ–୫୪ ଠାରେ ଯାଇ ମିଶିଛି ।
୫୪) ରେଖା ୫୪–୫୫ : ଏହି ରେଖା ବିନ୍ଦୁ–୫୪ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲର ବିନ୍ଦୁ–୫୫ ଠାରେ ଯାଇ ମିଶିଛି ।
୫୫) ରେଖା ୫୫–୫୬ : ଏହି ରେଖା ବିନ୍ଦୁ–୫୫ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲର ବିନ୍ଦୁ–୫୬ଠାରେ ଯାଇ ମିଶିଛି ।
୫୬) ରେଖା ୫୬–୫୭ : ଏହି ରେଖା ବିନ୍ଦୁ–୫୬ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୫୭ ଠାରେ ଯାଇ ମିଶିଛି ।
୫୭) ରେଖା ୫୭–୫୮ : ଏହି ରେଖା ବିନ୍ଦୁ–୫୭ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୫୮ ଠାରେ ଯାଇ ମିଶିଛି ।
୫୮) ରେଖା ୫୮–୫୯ : ଏହି ରେଖା ବିନ୍ଦୁ–୫୮ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୫୯ ଠାରେ ଯାଇ ମିଶିଛି ।
୫୯) ରେଖା ୫୯–୬୦ : ଏହି ରେଖା ବିନ୍ଦୁ–୫୯ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୬୦ ଠାରେ ଯାଇ ମିଶିଛି ।
୬୦) ରେଖା ୬୦–୬୧ : ଏହି ରେଖା ବିନ୍ଦୁ–୬୦ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୬୧ ଠାରେ ଯାଇ ମିଶିଛି ।
୬୧) ରେଖା ୬୧–୬୨ : ଏହି ରେଖା ବିନ୍ଦୁ–୬୧ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୬୨ ଠାରେ ଯାଇ ମିଶିଛି ।
୬୨) ରେଖା ୬୨–୬୩ : ଏହି ରେଖା ବିନ୍ଦୁ–୬୨ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୬୩ ଠାରେ ଯାଇ ମିଶିଛି ।
୬୩) ରେଖା ୬୩–୬୪ : ଏହି ରେଖା ବିନ୍ଦୁ–୬୩ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୬୪ ଠାରେ ଯାଇ ମିଶିଛି ।
୬୪) ରେଖା ୬୪–୬୫ : ଏହି ରେଖା ବିନ୍ଦୁ–୬୪ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୬୫ ଠାରେ ଯାଇ ମିଶିଛି ।
୬୫) ରେଖା ୬୫–୬୬ : ଏହି ରେଖା ବିନ୍ଦୁ–୬୫ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୬୬ ଠାରେ ଯାଇ ମିଶିଛି ।
୬୬) ରେଖା ୬୬–୬୭ : ଏହି ରେଖା ବିନ୍ଦୁ–୬୬ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୬୭ ଠାରେ ଯାଇ ମିଶିଛି ।
୬୭) ରେଖା ୬୭–୬୮ : ଏହି ରେଖା ବିନ୍ଦୁ–୬୭ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୬୮ ଠାରେ ଯାଇ ମିଶିଛି ।
୬୮) ରେଖା ୬୮–୬୯ : ଏହି ରେଖା ବିନ୍ଦୁ–୬୮ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୬୯ ଠାରେ ଯାଇ ମିଶିଛି ।
୬୯) ରେଖା ୬୯–୭୦ : ଏହି ରେଖା ବିନ୍ଦୁ–୬୯ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୭୦ ଠାରେ ଯାଇ ମିଶିଛି ।
୭୦) ରେଖା ୭୦–୭୧ : ଏହି ରେଖା ବିନ୍ଦୁ–୭୦ ରୁ ବାହାରି ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୭୧ ଠାରେ ଯାଇ ମିଶିଛି ।
୭୧) ରେଖା ୭୧–୭୨ : ଏହି ରେଖା ବିନ୍ଦୁ–୭୧ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୭୨ ଠାରେ ଯାଇ ମିଶିଛି ।
୭୨) ରେଖା ୭୨–୭୩ : ଏହି ରେଖା ବିନ୍ଦୁ–୭୨ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୭୩ ଠାରେ ଯାଇ ମିଶିଛି ।
୭୩) ରେଖା ୭୩–୭୪ : ଏହି ରେଖା ବିନ୍ଦୁ–୭୩ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୭୪ ଠାରେ ଯାଇ ମିଶିଛି ।
୭୪) ରେଖା ୭୪–୭୫ : ଏହି ରେଖା ବିନ୍ଦୁ–୭୪ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୭୫ ଠାରେ ଯାଇ ମିଶିଛି ।
୭୫) ରେଖା ୭୫–୭୬ : ଏହି ରେଖା ବିନ୍ଦୁ–୭୫ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୭୬ ଠାରେ ଯାଇ ମିଶିଛି ।
୭୬) ରେଖା ୭୬–୭୭ : ଏହି ରେଖା ବିନ୍ଦୁ–୭୬ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୭୭ ଠାରେ ଯାଇ ମିଶିଛି ।
୭୭) ରେଖା ୭୭–୭୮ : ଏହି ରେଖା ବିନ୍ଦୁ–୭୭ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୭୮ ଠାରେ ଯାଇ ମିଶିଛି ।
୭୮) ରେଖା ୭୮–୭୯ : ଏହି ରେଖା ବିନ୍ଦୁ–୭୮ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୭୯ ଠାରେ ଯାଇ ମିଶିଛି ।
୭୯) ରେଖା ୭୯–୮୦ : ଏହି ରେଖା ବିନ୍ଦୁ–୭୯ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୮୦ ଠାରେ ଯାଇ ମିଶିଛି ।
୮୦) ରେଖା ୮୦–୮୧ : ଏହି ରେଖା ବିନ୍ଦୁ–୮୦ ରୁ ବାହାରି ଦକ୍ଷିଣ–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୮୧ ଠାରେ ଯାଇ ମିଶିଛି ।
୮୧) ରେଖା ୮୧–୮୨ : ଏହି ରେଖା ବିନ୍ଦୁ–୮୧ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୮୨ ଠାରେ ଯାଇ ମିଶିଛି ।
୮୨) ରେଖା ୮୨–୮୩ : ଏହି ରେଖା ବିନ୍ଦୁ–୮୨ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୮୩ ଠାରେ ଯାଇ ମିଶିଛି ।
୮୩) ରେଖା ୮୩–୮୪ : ଏହି ରେଖା ବିନ୍ଦୁ–୮୩ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୮୪ ଠାରେ ଯାଇ ମିଶିଛି ।
୮୪) ରେଖା ୮୪–୮୫ : ଏହି ରେଖା ବିନ୍ଦୁ–୮୪ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୮୫ ଠାରେ ଯାଇ ମିଶିଛି ।
୮୫) ରେଖା ୮୫–୮୬ : ଏହି ରେଖା ବିନ୍ଦୁ–୮୫ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୮୬ ଠାରେ ଯାଇ ମିଶିଛି ।
୮୬) ରେଖା ୮୬–୮୭ : ଏହି ରେଖା ବିନ୍ଦୁ–୮୬ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୮୭ ଠାରେ ଯାଇ ମିଶିଛି ।
୮୭) ରେଖା ୮୭–୮୮ : ଏହି ରେଖା ବିନ୍ଦୁ–୮୭ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୮୮ ଠାରେ ଯାଇ ମିଶିଛି ।
୮୮) ରେଖା ୮୮–୮୯ : ଏହି ରେଖା ବିନ୍ଦୁ–୮୮ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୮୯ ଠାରେ ଯାଇ ମିଶିଛି ।
୮୯) ରେଖା ୮୯–୯୦ : ଏହି ରେଖା ବିନ୍ଦୁ–୮୯ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୯୦ ଠାରେ ଯାଇ ମିଶିଛି ।
୯୦) ରେଖା ୯୦–୯୧ : ଏହି ରେଖା ବିନ୍ଦୁ–୯୦ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୯୧ ଠାରେ ଯାଇ ମିଶିଛି ।
୯୧) ରେଖା ୯୧–୯୨ : ଏହି ରେଖା ବିନ୍ଦୁ–୯୧ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୯୨ ଠାରେ ଯାଇ ମିଶିଛି ।
୯୨) ରେଖା ୯୨–୯୩ : ଏହି ରେଖା ବିନ୍ଦୁ–୯୨ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୯୩ ଠାରେ ଯାଇ ମିଶିଛି ।
୯୩) ରେଖା ୯୩–୯୪ : ଏହି ରେଖା ବିନ୍ଦୁ–୯୩ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୯୪ ଠାରେ ଯାଇ ମିଶିଛି ।
୯୪) ରେଖା ୯୪–୯୫ : ଏହି ରେଖା ବିନ୍ଦୁ–୯୪ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୯୫ ଠାରେ ଯାଇ ମିଶିଛି ।
୯୫) ରେଖା ୯୫–୯୬ : ଏହି ରେଖା ବିନ୍ଦୁ–୯୫ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୯୬ ଠାରେ ଯାଇ ମିଶିଛି ।
୯୬) ରେଖା ୯୬–୯୭ : ଏହି ରେଖା ବିନ୍ଦୁ–୯୬ ରୁ ବାହାରି ଉତ୍ତର–ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୯୭ ଠାରେ ଯାଇ ମିଶିଛି ।
୯୭) ରେଖା ୯୭–୯୮ : ଏହି ରେଖା ବିନ୍ଦୁ–୯୭ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୯୮ ଠାରେ ଯାଇ ମିଶିଛି ।
୯୮) ରେଖା ୯୮–୯୯ : ଏହି ରେଖା ବିନ୍ଦୁ–୯୮ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୯୯ ଠାରେ ଯାଇ ମିଶିଛି ।
୯୯) ରେଖା ୯୯–୧୦୦ : ଏହି ରେଖା ବିନ୍ଦୁ–୯୯ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୧୦୦ ଠାରେ ଯାଇ ମିଶିଛି ।
୧୦୦) ରେଖା ୧୦୦–୧୦୧ : ଏହି ରେଖା ବିନ୍ଦୁ–୧୦୦ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୧୦୧ ଠାରେ ଯାଇ ମିଶିଛି ।
୧୦୧) ରେଖା ୧୦୧–୧୦୨ : ଏହି ରେଖା ବିନ୍ଦୁ–୧୦୧ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୧୦୨ ଠାରେ ଯାଇ ମିଶିଛି ।
୧୦୨) ରେଖା ୧୦୨–୧୦୩ : ଏହି ରେଖା ବିନ୍ଦୁ–୧୦୨ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୧୦୩ ଠାରେ ଯାଇ ମିଶିଛି ।
୧୦୩) ରେଖା ୧୦୩–୧୦୪ : ଏହି ରେଖା ବିନ୍ଦୁ–୧୦୩ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୧୦୪ ଠାରେ ଯାଇ ମିଶିଛି ।
୧୦୪) ରେଖା ୧୦୪–୧୦୫ : ଏହି ରେଖା ବିନ୍ଦୁ–୧୦୪ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୧୦୫ ଠାରେ ଯାଇ ମିଶିଛି ।
୧୦୫) ରେଖା ୧୦୫–୧୦୬ : ଏହି ରେଖା ବିନ୍ଦୁ–୧୦୫ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୧୦୬ ଠାରେ ଯାଇ ମିଶିଛି ।
୧୦୬) ରେଖା ୧୦୬–୧୦୭ : ଏହି ରେଖା ବିନ୍ଦୁ–୧୦୬ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ–୧୦୭ ଠାରେ ଯାଇ ମିଶିଛି ।
୧୦୭) ରେଖା ୧୦୭–୧୦୮ : ଏହି ରେଖା ବିନ୍ଦୁ–୧୦୭ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୦୮ ଠାରେ ଯାଇ ମିଶିଛି ।
୧୦୮) ରେଖା ୧୦୮–୧୦୯ : ଏହି ରେଖା ବିନ୍ଦୁ–୧୦୮ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୦୯ ଠାରେ ଯାଇ ମିଶିଛି ।
୧୦୯) ରେଖା ୧୦୯–୧୧୦ : ଏହି ରେଖା ବିନ୍ଦୁ–୧୦୯ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୧୦ ଠାରେ ଯାଇ ମିଶିଛି ।
୧୧୦) ରେଖା ୧୧୦–୧୧୧ : ଏହି ରେଖା ବିନ୍ଦୁ–୧୧୦ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୧୧ ଠାରେ ଯାଇ ମିଶିଛି ।
୧୧୧) ରେଖା ୧୧୧–୧୧୨ : ଏହି ରେଖା ବିନ୍ଦୁ–୧୧୧ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୧୨ ଠାରେ ଯାଇ ମିଶିଛି ।
୧୧୨) ରେଖା ୧୧୨–୧୧୩ : ଏହି ରେଖା ବିନ୍ଦୁ–୧୧୨ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୧୩ ଠାରେ ଯାଇ ମିଶିଛି ।
୧୧୩) ରେଖା ୧୧୩–୧୧୪ : ଏହି ରେଖା ବିନ୍ଦୁ–୧୧୩ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୧୪ ଠାରେ ଯାଇ ମିଶିଛି ।
୧୧୪) ରେଖା ୧୧୪–୧୧୫ : ଏହି ରେଖା ବିନ୍ଦୁ–୧୧୪ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୧୫ ଠାରେ ଯାଇ ମିଶିଛି ।
୧୧୫) ରେଖା ୧୧୫–୧୧୬ : ଏହି ରେଖା ବିନ୍ଦୁ–୧୧୫ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୧୬ ଠାରେ ଯାଇ ମିଶିଛି ।
୧୧୬) ରେଖା ୧୧୬–୧୧୭ : ଏହି ରେଖା ବିନ୍ଦୁ–୧୧୬ ରୁ ବାହାରି ଦକ୍ଷିଣ–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୧୭ ଠାରେ ଯାଇ ମିଶିଛି ।
୧୧୭) ରେଖା ୧୧୭–୧୧୮ : ଏହି ରେଖା ବିନ୍ଦୁ–୧୧୭ ରୁ ବାହାରି ଦକ୍ଷିଣ–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୧୮ ଠାରେ ଯାଇ ମିଶିଛି ।
୧୧୮) ରେଖା ୧୧୮–୧୧୯ : ଏହି ରେଖା ବିନ୍ଦୁ–୧୧୮ ରୁ ବାହାରି ଦକ୍ଷିଣ–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୧୯ ଠାରେ ଯାଇ ମିଶିଛି ।
୧୧୯) ରେଖା ୧୧୯–୧୨୦ : ଏହି ରେଖା ବିନ୍ଦୁ–୧୧୯ ରୁ ବାହାରି ଦକ୍ଷିଣ–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୨୦ ଠାରେ ଯାଇ ମିଶିଛି ।
୧୨୦) ରେଖା ୧୨୦–୧୨୧ : ଏହି ରେଖା ବିନ୍ଦୁ–୧୨୦ ରୁ ବାହାରି ଦକ୍ଷିଣ–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୨୧ ଠାରେ ଯାଇ ମିଶିଛି ।
୧୨୧) ରେଖା ୧୨୧–୧୨୨ : ଏହି ରେଖା ବିନ୍ଦୁ–୧୨୧ ରୁ ବାହାରି ଦକ୍ଷିଣ–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୨୨ ଠାରେ ଯାଇ ମିଶିଛି ।
୧୨୨) ରେଖା ୧୨୨–୧୨୩ : ଏହି ରେଖା ବିନ୍ଦୁ–୧୨୨ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୨୩ ଠାରେ ଯାଇ ମିଶିଛି ।
୧୨୩) ରେଖା ୧୨୩–୧୨୪ : ଏହି ରେଖା ବିନ୍ଦୁ–୧୨୩ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୨୪ ଠାରେ ଯାଇ ମିଶିଛି ।
୧୨୪) ରେଖା ୧୨୪–୧୨୫ : ଏହି ରେଖା ବିନ୍ଦୁ–୧୨୪ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୨୫ ଠାରେ ଯାଇ ମିଶିଛି ।
୧୨୫) ରେଖା ୧୨୫–୧୨୬ : ଏହି ରେଖା ବିନ୍ଦୁ–୧୨୫ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୨୬ ଠାରେ ଯାଇ ମିଶିଛି ।
୧୨୬) ରେଖା ୧୨୬–୧୨୭ : ଏହି ରେଖା ବିନ୍ଦୁ–୧୨୬ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୨୭ ଠାରେ ଯାଇ ମିଶିଛି ।
୧୨୭) ରେଖା ୧୨୭–୧୨୮ : ଏହି ରେଖା ବିନ୍ଦୁ–୧୨୭ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୨୮ ଠାରେ ଯାଇ ମିଶିଛି ।
୧୨୮) ରେଖା ୧୨୮–୧୨୯ : ଏହି ରେଖା ବିନ୍ଦୁ–୧୨୮ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧୨୯ ଠାରେ ଯାଇ ମିଶିଛି ।
୧୨୯) ରେଖା ୧୨୯–୧ : ଏହି ରେଖା ବିନ୍ଦୁ–୧୨୯ ରୁ ବାହାରି ଉତ୍ତର–ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ–୧ ଠାରେ ଯାଇ ମିଶିଛି ।

ଧରିତ୍ରୀ
DHARITRI
Sunday, 13 June, 2021



## ୯୦୦ ମିଲିୟନ ଛୁଇଁବ ସକ୍ରିୟ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା

**ନୂଆଦିଲ୍ଲୀ,୧୨।୬:** ୨୦୨୫ ସୁଦ୍ଧା ଦେଶରେ ସକ୍ରିୟ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୪୫% ବୃଦ୍ଧି ପାଇ ୯୦୦ ନିୟୁତକୁ ବୃଦ୍ଧି ହେବାର ସମ୍ଭାବନା ରହିଛି ବୋଲି ଏଇ ନିକଟରେ ପ୍ରକାଶିତ ଆଇ.କେ କ୍ୟୁବ ରିପୋର୍ଟରେ କୁହାଯାଇଛି। ତେବେ ଏହି ସଂଖ୍ୟା ଗତବର୍ଷ ୬୨୨ ନିୟୁତ ଥିଲା ଯାହା ୨୦୨୫ ସୁଦ୍ଧା ସହରାଞ୍ଚଳ କେନ୍ଦ୍ର ତୁଳନାରେ ଗ୍ରାମୀଣ ଭାରତରେ ଅଧିକ ସଂଖ୍ୟକ ଇଣ୍ଟରନେଟ୍ ବ୍ୟବହାରକାରୀ ରହିପାରନ୍ତି ବୋଲି ରିର୍ପୋଟରେ ପ୍ରକାଶ ପାଇଛି। ଫଳରେ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ଡିଜିଟାଲ ଇଣ୍ଡିଆ ଓ ଗ୍ରାମୀଣ ଡିଜିଟାଲ ଭାରତ ଏହା ମାଧମରେ ବେଶ୍ ଲାଭବାନ୍ ହେବ। ଇଣ୍ଟରନେଟ୍ ବ୍ୟବହାର ଦ୍ୱାରା ପିଲାମାନେ ସେମାନଙ୍କର ଆବଶ୍ୟକତା ପୂରଣ ସହ ଡିଜିଟାଲ ଦୁନିଆ ସହିତ ସଠିକ୍ ଭାବରେ ଯୋଡ଼ି ହୋଇପାରିବେ ବୋଲି କୁହାଯାଇଛି।

# ୧୩୪ କୋଟିର ବ୍ୟାଙ୍କ ଠକେଇ

ନୂଆଦିଲ୍ଲୀ,୧୨।୬




କରୋନା ମହାମାରୀ ସମୟରେ ଗୁଜରାଟରେ ଏକ ବଡ଼ ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଛି। ଏକ ଘରୋଇ ଆଇଟି କମ୍ପାନୀ ଓ ଏହାର ୬ଜଣ ବରିଷ୍ଠ ଅଧିକାରୀ (ନିର୍ଦ୍ଦେଶକ) ଗୁଜରାଟର କଚ୍ଛ ଅଞ୍ଚଳର ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ରୁ ୧୩୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଆକାରରେ ନେଇ ଠକେଇ କରିଥିବା ଜଣାପଡ଼ିଛି। ଶୁକ୍ରବାର ଏନେଇ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ(ସିବିଆଇ) ଉକ୍ତ ମାମଲାରେ ଗୁଜରାଟର ଗାନ୍ଧୀଧାମ ଅଞ୍ଚଳରେ ରହିଥିବା ଆଇଟି କମ୍ପାନୀ ହାଇ ପ୍ରେସର ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଏହାର ୬ ନିର୍ଦ୍ଦେଶକଙ୍କ ବିରୋଧରେ ମାମଲା ରୁଜୁ କରିଛି। ମିଳିଥିବା ସୂଚନା ଅନୁସାରେ ୟୁବିଆଇରୁ ୧୩୪.୪୩ କୋଟି ଟଙ୍କା ବିଭିନ୍ନ ଜାଲ୍ କାଗଜପତ୍ର ଦେଇ ଠକି ନେଇଛି ଏହି ଘରୋଇ କମ୍ପାନୀ। ସିବିଆଇ ଏହି ଘରୋଇ ଆଇଟି କମ୍ପାନୀ ଏବଂ ଏହାର ନିର୍ଦ୍ଦେଶକମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। ବ୍ୟାଙ୍କ ପକ୍ଷରୁ ଏ ନେଇ ସିବିଆଇ ନିକଟରେ କମ୍ପାନୀ ଏବଂ ଏହାର ନିର୍ଦ୍ଦେଶକମାନଙ୍କ ବିରୋଧରେ ୟୁବିଆଇରୁ ୧୩୪.୪୩ କୋଟି ଟଙ୍କା ହଡ଼ପ କରିବା ନେଇ ଏକ ଅଭିଯୋଗ ହୋଇଛି। ଏହି ମାମଲାରେ ସିବିଆଇ ଟିମ୍ ମୁମ୍ବାଇର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ଜଣାପଡ଼ିଛି। ଦେଶରେ ବ୍ୟାଙ୍କ ଠକେଇ ଭଳି ଘଟଣାକୁ ଆଖି ଆଗରେ ରଖି କମ୍ପାନୀ ଏବଂ ଏହାର ଅଧିକାରୀ ବ୍ୟାଙ୍କରୁ କୋଟି କୋଟି ଟଙ୍କା ଋଣ ନେଇଥିଲେ। ମନ୍ଦ ଉଦ୍ଦେଶ୍ୟ ରଖି ସେମାନେ ଏହି ଋଣ ଟଙ୍କାକୁ ବ୍ୟବହାର କରିଥିବା ସିବିଆଇ ପକ୍ଷରୁ କୁହାଯାଇଛି। ବ୍ୟାଙ୍କର ଅଭିଯୋଗକ୍ରମେ ସିବିଆଇ ଏଫ୍ଆଇଆର୍ ରୁଜୁ କରି ଏକ ତଦନ୍ତକାରୀ ଟିମ୍ ଜରିଆରେ କମ୍ପାନୀ ଏବଂ ଏହାର ନିର୍ଦ୍ଦେଶକଙ୍କ ସନ୍ଧାନରେ ରହିଛି। ଅନ୍ୟପକ୍ଷରେ ମୁମ୍ବାଇର ୬ଟି ଭିନ୍ନ ଭିନ୍ନ ସ୍ଥାନରେ ଆଉ ଏକ ଟିମ୍ ଏକା ସଙ୍ଗେ ଚଢ଼ାଉ କରିଛି। ୟୁନିୟନ ବ୍ୟାଙ୍କ ପକ୍ଷରୁ ଏନେଇ ଅଭିଯୋଗ ପାଇବା ପରେ ସିବିଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କମ୍ପାନୀ ଏବଂ ନିର୍ଦ୍ଦେଶକ ବ୍ୟାଙ୍କରୁ ଟଙ୍କା ହଡ଼ପ କରି ଏହାକୁ ଅସତ ଉପାୟରେ ବ୍ୟବହାର କରିଛନ୍ତି ବୋଲି ୟୁନିୟନ ବ୍ୟାଙ୍କ ପକ୍ଷରୁ ଅଭିଯୋଗ ହୋଇଥିବା ଜଣାପଡ଼ିଛି।



ଧ-୨୦୮୭୬



ଧ-୨୦୮୮୩

## ଅରୁନ୍ଧତୀ ପକ୍ଷରୁ 'ରଜପରୀ' ସିଜିନ-୩

ଭୁବନେଶ୍ୱର,୧୨।୬

ରାଜ୍ୟର ଅଗ୍ରଣୀ ସୁନା ଅଳଙ୍କାର ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରଜପର୍ବ ଅବସରରେ 'ରଜପରୀ' ସିଜିନ-୩ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ସରକାରଙ୍କ କୋଭିଡ୍ କଟକଣାକୁ ଆଖି ଆଗରେ ରଖି ଏ ବର୍ଷ ପ୍ରତିଯୋଗିତାକୁ ଭର୍ଚୁଆଲ ଜରିଆରେ ଆୟୋଜନ କରାଯାଉଛି। 'ରଜପରୀ' ସିଜିନ-୩ ରେ ଭାଗନେବା ପାଇଁ ପ୍ରତିଯୋଗୀମାନେ ଅରୁନ୍ଧତୀ ଜୁଏଲର୍ସର ଅଫିସିଆଲ ଫେସ୍‌ବୁକ୍ ପେଜ୍‌ରେ ଲଗ୍‌ଇନ୍ କରିପାରିବେ କିମ୍ବା ୭୯୭୮୯୦୧୨୫୯ରେ ଫୋନ କରିପାରିବେ ଏବଂ ହ୍ୱାଟ୍ସଆପ୍ ଜରିଆରେ ମଧ ରେଜିଷ୍ଟ୍ରେଶନ କୋଡ୍ ସହ ଅଡିସନ ପ୍ରକ୍ରିୟାର ସୂଚନାବଳୀ ପାଇପାରିବେ ବୋଲି କୁହାଯାଇଛି। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ପ୍ରତିଯୋଗୀମାନେ ମାଗଣାରେ ପଞ୍ଜୀକରଣ କରିପାରିବେ। ପ୍ରତିଯୋଗିତାରେ ଭାଗନେବାର ଶେଷ ତାରିଖ ୧୪ଜୁନ୍ ୨୦୨୧ ରଖାଯାଇଛି। 'ରଜପରୀ' ସିଜିନ-୩ର ଟପ୍ ୩ ବିଜେତାଙ୍କୁ ଟ୍ରଫି ସହ ସୁନା ଓ ରୁପା ଗହଣାର ଆକର୍ଷଣୀୟ ଉପହାର ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାର ବିଚାରକମାନେ ହେଲେ ସୁନାମ ଧନ୍ୟ ଗୀତିକାର ଅରୁଣ ମନ୍ତ୍ରୀ, ଲୋକପ୍ରିୟ ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀ ଓ ବୁଲ୍‌ବୁଲି ଶୋଭନା ମିଶ୍ରଙ୍କ ଦ୍ୱାରା ଦିଆଯାଇଥିବା ମାର୍କ ଏବଂ ଫେସ୍‌ବୁକ୍‌ରେ ପ୍ରତିଯୋଗୀମାନେ ପାଇଥିବା ଦର୍ଶକଙ୍କ ଭୋଟ ମାଧ୍ୟମରେ ବିଜେତା ଚୟନ କରାଯିବ। ପ୍ରତ୍ୟେକ ପର୍ବପର୍ବାଣି ଓ ଉତ୍ସବରେ ଓଡ଼ିଶାର ଲୁକ୍କାୟିତ ପ୍ରତିଭାମାନଙ୍କୁ ଉପଯୁକ୍ତ ପ୍ଲାଟ୍‌ଫର୍ମ ଯୋଗାଇଦେବା ଏବଂ ତାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ହେଉଛି ଆମର ଏକ ପ୍ରୟାସ ବୋଲି ଅରୁନ୍ଧତୀ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିବା ସହ ସର୍ବଦା ଗ୍ରାହକମାନଙ୍କ ପ୍ରତ୍ୟେକ ପର୍ବପର୍ବଣି, ଉତ୍ସବରେ ଯୋଡ଼ିହୋଇ ଗ୍ରାହକ ବନ୍ଧୁଙ୍କର ଖୁସିକୁ ବହୁଗୁଣିତ କରିବାକୁ ଭରପୂର ପ୍ରୟାସ କରୁଥିବା ପ୍ରକାଶ କରିଛନ୍ତି ।




## କାନାରା ବ୍ୟାଙ୍କ ପକ୍ଷରୁ ଖାଦ୍ୟ ବଣ୍ଟନ



ଭୁବନେଶ୍ୱର,୧୨।୬

କରୋନା ମହାମାରୀ ସମୟରେ କାନାରା ବ୍ୟାଙ୍କର ସର୍କଲ ଅଫିସ, ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ଜଗମରା-ପୋଖରୀପୁଟ ଅଞ୍ଚଳରେ କୋଭିଡ୍ ସାମଗ୍ରୀ ଓ ଖାଦ୍ୟ ବଣ୍ଟନ କରାଯାଇଥିଲା। ବ୍ୟାଙ୍କର ମହାପ୍ରବନ୍ଧକ ତଥା ସର୍କଲ ହେଡ୍ ବି.ଏଲ୍. ମୀନାଙ୍କ ନେତୃତ୍ୱରେ ସଫଳତାର ସହ ଏଭଳି ଏକ ସିଏସ୍ଆର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେ ଅଞ୍ଚଳ କାର୍ଯ୍ୟାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ମିଶି ନିକଟରେ ରହୁଥିବା ଗରିବ ଏବଂ ଅଭାବୀ ଲୋକମାନଙ୍କୁ ମାସ୍କ, ସାନିଟାଇଜର ଏବଂ ଖାଦ୍ୟପୁଡିଆ ବଣ୍ଟନ କରିଥିଲେ। ବ୍ୟାଙ୍କର ଏଭଳି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଏବଂ ଲାଭାର୍ଥୀମାନେ ଉଚ୍ଚ ପ୍ରଶଂସା କରିଥିଲେ। କାନାରା ବ୍ୟାଙ୍କ ନିଜର ସାମାଜିକ ଦାୟିତ୍ୱକୁ ଠିକ୍ ଭାବେ ପରିଚାଳନାକରି ଉଚ୍ଚ ପ୍ରଶଂସା ପାଇଛି ବୋଲି ମୀନା କହିଥିଲେ। ସେହିଭଳି କରୋନା ମହାମାରୀ ସମୟରେ କାନାରା ବ୍ୟାଙ୍କ ଦ୍ୱାରା ଏହିପରି ସାମାଜିକ କାର୍ଯ୍ୟକ୍ରମମାନ ଜାରି ରହିବ। ବ୍ୟାଙ୍କର ଉପ ମହାପ୍ରବନ୍ଧକ (ଡି) ଜି.ଏନ୍. ମୂର୍ତ୍ତି, ସହକାରୀ ମହାପ୍ରବନ୍ଧକ କେ.ଏସ୍. ଗୁପ୍ତା, ପ୍ରକାଶ ପ୍ରଧାନ, ସୁଶୀଲ କୁମାର, ମଣ୍ଡଳ ପ୍ରବନ୍ଧକ କୁମାର ସଞ୍ଜୀବ, ଆର୍.କେ. ସିହ୍ନା, ଦିବ୍ୟଲୋଚନ ସ୍ୱର ଏବଂ ଅଞ୍ଚଳ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭି କ୍ଲାଉଡ୍ ଫାୟାରୱାଲ୍ ସଲ୍ୟୁସନ୍ସର ଶୁଭାରମ୍ଭ

ଭୁବନେଶ୍ୱର,୧୨।୬

ଭୋଡାଫୋନ୍ ଆଇଡିଆର ଶାଖା ଭି ବିଜ୍‌ନେସ୍ ପକ୍ଷରୁ ସୁରକ୍ଷା ପୋର୍ଟଫୋଲିଓକୁ ସୁଦୃଢ଼ କରି ଭି ପରବର୍ତ୍ତୀ ପିଢ଼ିର କ୍ଲାଉଡ୍ ଫାୟାରୱାଲ୍ ସଲ୍ୟୁସନ୍ସକୁ ସଂସ୍ଥାଗୁଡ଼ିକ ଲାଗି ଉନ୍ମୋଚନ କରାଯାଇଛି। ଡିଜିଟାଲ ବ୍ୟବସ୍ଥାରେ ଉନ୍ନତି, ୱାର୍କ ଫ୍ରମ୍ ହୋମ୍ ଓ କ୍ଲାଉଡ୍‌କୁ ଅଧିକ କାମ ରୂପାନ୍ତରିତ ହୋଇଥିବାରୁ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଲାଗି ସୁରକ୍ଷା ସମାଧାନକୁ ସୁଦୃଢ଼ କରିବା ଜରୁରୀ ହୋଇପଡ଼ିଛି। ଏହାର ପ୍ରମୁଖ ସୁବିଧାଗୁଡ଼ିକ ହେଉଛି ପରବର୍ତ୍ତୀ ପିଢ଼ିର ଫାୟାରୱାଲ୍, ଗେଟ୍‌ୱେ ଆଣ୍ଟି ଭାଇରସ୍, ଆଣ୍ଟି ସ୍ପାମ୍, ଜିରୋ ଡେ ଏପିଟି ସୁରକ୍ଷା, ବିପଦ ପ୍ରତିରୋଧ, ବଟ୍‌ନେଟ୍ ଓ ଆଇପି ଡୋମେନ୍ ସୁରକ୍ଷା ଏବଂ ଆପ୍ଲିକେଶନ ଓ ବ୍ୟବହାରକାରୀ ପରିଚୟ ନିୟନ୍ତ୍ରଣ। ସଂସ୍ଥାଗୁଡିକର ଆଇଟି ସୁରକ୍ଷା ଦକ୍ଷତାକୁ ଧ୍ୟାନରେ ରଖି ପଦକ୍ଷେପ ଗ୍ରହଣ କରାଯାଇଥିବା ଭୋଡାଫୋନ ଆଇଡିଆ ଲିମିଟେଡ୍‌ର ଚିଫ୍ ଏଣ୍ଟରପ୍ରାଇଜ ବିଜ୍‌ନେସ ଅଫିସର ଅଭିଜିତ କିଶୋର କହିଛନ୍ତି।

## ମାଲାବାର ପକ୍ଷରୁ ସିଏସ୍ଆର୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୨।୬

କୋଭିଡ୍‌ରେ ପ୍ରଭାବିତ ନିରାଶ୍ରୟ ଓ ଅସହାୟଙ୍କୁ ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ଶନିବାର ଶୁଖିଲା ଖାଦ୍ୟପୁଡିଆ ବଣ୍ଟନ କରାଯାଇଛି। ସଂସ୍ଥାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଜରିଆରେ ଏହି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ବିଏମ୍‌ସିର ବରିଷ୍ଠ ଅଧିକାରୀ ତଥା ଜୋନାଲ କମିଶନର ଅଂଶୁମାନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠାନର ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସଂସ୍ଥାର ଭୁବନେଶ୍ୱର ଷ୍ଟୋର ହେଡ୍ ମିଃ ଅସନାଫ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ କହିଥିଲେ, ସାରା ଦେଶ ଓ ବିଶ୍ୱରେ ସଂସ୍ଥାର ୨୬୦ଟି ଷ୍ଟୋର ରହିଛି। ଏପରିକି ପ୍ରତିଷ୍ଠାନ ୧୦ଟି ରାଷ୍ଟ୍ରରେ ନିଜର ବ୍ୟବସାୟିକ କାର୍ଯ୍ୟ କରୁଛି। ଏକ ଦାୟିତ୍ୱବାନ ସଂସ୍ଥା ଭାବେ ସ୍ଥାନୀୟ ଅଞ୍ଚଳଗୁଡିକରେ କିଛି ନା କିଛି ସିଏସ୍ଆର୍ କାର୍ଯ୍ୟକ୍ରମ ସବୁ ସମୟରେ କରିଆସିଛି। ସଂସ୍ଥାର ସିଏସ୍ଆର୍ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ରାମକୃଷ୍ଣ ଲେପ୍ରସି କଲୋନି, ଗୋପବନ୍ଧୁ ଲେପ୍ରସି କଲୋନି (ବୁଦ୍ଧନଗର), ଲିଙ୍ଗରାଜ ଲେପ୍ରସି କଲୋନି (ପଳାସପଲ୍ଲୀ), ଗୋଖି ବାବା ଲେପ୍ରସି କଲୋନି (ଲିଙ୍ଗରାଜ ଷ୍ଟେଶନ) ଆଦି ଅଞ୍ଚଳରେ ବସବାସ କରୁଥିବା ପରିବାର ଓ ନିରାଶ୍ରୟଙ୍କୁ ମାଲାବାର ପକ୍ଷରୁ ୫୦୦ ଜରୁରୀ ପୁଡିଆ ବଣ୍ଟନ କରାଯାଇଥିବା ସେ ମତବ୍ୟକ୍ତ କରିଥିଲେ।

## ଫୁରସତ୍

# ସମୁଦ୍ର ଘାସରେ ଘର

କୋପେନ୍‌ହାଗେନ୍



ବିଶ୍ୱତାପନ ଯୋଗୁ ପୃଥିବୀ ଭିତରେ ଗତି କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ଭୂକମ୍ପ ଏବଂ ବନ୍ୟା ପରି ଅନେକ ପ୍ରାକୃତିକ ବିପର୍ଯ୍ୟୟ ସାମ୍ନାକୁ ଆସୁଛି। ବର୍ତ୍ତମାନ ଏହି ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ବିଶେଷଜ୍ଞମାନେ ଭିନ୍ନ ଧରଣର ଏକ ଘର ତିଆରି ଉପରେ ଗୁରୁତ୍ୱ ଦେଉଛନ୍ତି। ଯେଉଁଥିରେ କି ଲୁହା ଏବଂ ସିମେଣ୍ଟର କମ ବ୍ୟବହାର କରାଗଲେ ମଧ୍ୟ ଏହା ଅଧିକ ସ୍ଥାୟୀ ହୋଇପାରିବ। ଏହି ଘରଗୁଡ଼ିକ ପରିବେଶ ପ୍ରତି ମଧ୍ୟ କ୍ଷତି ପହଞ୍ଚାଇ ନ ଥାଏ। ଡେନମାର୍କର ଲାଇସୋ ଦ୍ୱୀପପୁଞ୍ଜରେ ଏପରି ସ୍ୱତନ୍ତ୍ର ଧରଣର ଘର ସାମୁଦ୍ରିକ ଗୁଳ୍ମ ଏଲ୍‌ଗ୍ରାସରେ ତିଆରି କରାଯାଇଛି। ଏହି ଘରେ କେବେ କଳଙ୍କି ଲାଗିବ ନାହିଁ କି କୀଟପତଙ୍ଗର ଭୟ ମଧ୍ୟ ରହିବ ନାହିଁ। ଭୂକମ୍ପ ପରି ବିପର୍ଯ୍ୟୟକୁ ଏହା ସାମ୍ନା କରିବାରେ ସକ୍ଷମ ହେବ। ଡେନମାର୍କର ଲାଇସୋ ଦ୍ୱୀପରେ ଏପରି ଅନେକ ଘର ଅଛି। ଯାହାକି ସାମୁଦ୍ରିକ ଘାସ ବ୍ୟବହାର କରାଯାଇ ନିର୍ମିତ ହୋଇଛି। ଏହି ଘରଗୁଡ଼ିକ ଅନେକ ପିଢ଼ି ପର୍ଯ୍ୟନ୍ତ ରହିଥାଏ। ୧୭ତମ ଶତାବ୍ଦୀରୁ ଏହିପରି ସ୍ୱତନ୍ତ୍ର ଘର ନିର୍ମାଣ କରାଯାଉଛି। ଏହି ସାମୁଦ୍ରିକ ଘାସକୁ ସ୍ୱତନ୍ତ୍ର ବିବେଚନା କରାଯାଏ। କାରଣ ଏହା ନିଆଁକୁ ଆୟତ୍ତ କରିପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଲଗ୍ରାସ କାର୍ବନ ଡାଇଅକ୍ସାଇଡ ମଧ୍ୟ ଅବଶୋଷଣ କରିଥାଏ। ଏହି ଉପାୟରେ ଘରେ ରହୁଥିବା ଲୋକଙ୍କୁ କୌଣସି ବାୟୁ ବିଶୋଧକ ଆବଶ୍ୟକ କରନ୍ତି ନାହିଁ। ଏହି ଘରୁ ପ୍ରଚୁର ପରିମାଣର ଅମ୍ଳଜାନ ମିଳିଥାଏ।

## ଲଡ୍ଡୁରେ ଶିବଲିଙ୍ଗ ଶୃଙ୍ଗାର



**ଡେରାଡୁନ୍:** ଶିବଲିଙ୍ଗରେ ଲଡୁ ଚଢ଼ାଇ ଶୃଙ୍ଗାର ଫଟୋ ସୋସିଆଲ ମିଡିଆରେ ଚର୍ଚ୍ଚିତ ହୋଇଛି। ଋଷିକେଶର ଯମକେଶ୍ୱର ପ୍ରଖଣ୍ଡରେ ଥିବା ନୀଳକଣ୍ଠ ମନ୍ଦିରରେ ଶିବଲିଙ୍ଗକୁ ଶୃଙ୍ଗାର କରାଯାଇଛି କେବଳ ବେସନ ଲଡୁରେ। ଜଣେ ଶ୍ରଦ୍ଧାଳୁ ତାଙ୍କର ମନସ୍କାମନା ପୂରଣ ପରେ ଭଗବାନ ଶିବଙ୍କ ପାଖରେ ୩୦୦ କିଲୋଗ୍ରାମର ବେସନ ଲଡୁ ଦେବା ପାଇଁ ଚାହିଁଥିଲେ। ପୂଜକ ଲଡୁକୁ ଭୋଗ ଲଗାଇବା ପରେ ଲଡୁରେ ଶିବଲିଙ୍ଗର ଶୃଙ୍ଗାର କରାଇଥିଲେ। ଲଡୁରେ ଶୃଙ୍ଗାର କରିବା ପରେ ଏତେ ସୁନ୍ଦର ଦେଖାଯାଇଥିଲା ଯେ ସେହି ସମୟର ଫଟୋକୁ ପୂଜକ ଜଣକ ଶେୟାର କରିଥିଲେ। ଏହି ମନ୍ଦିରରେ ଶ୍ରାବଣ ମାସରେ ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଲାଗିଥାଏ। ଲକ୍ଷ ଲକ୍ଷ ଭକ୍ତ ଏଠି ଶିବଙ୍କ ପାଖରେ ଜଳଲାଗି କରିବା ପାଇଁ ଆସନ୍ତି। ଏଠାରେ ନୀଳକଣ୍ଠଙ୍କ ପାଖରେ ମାନସିକ କଲେ ସବୁ ଇଚ୍ଛା ପୂର୍ଣ୍ଣ ହୋଇଥାଏ ବୋଲି ଶ୍ରଦ୍ଧାଳୁମାନେ ବିଶ୍ୱାସ କରିଥାନ୍ତି। ତେଣୁ ଏଠାରେ ଭକ୍ତମାନେ ମାନସିକ କରି ବହୁ ସମୟରେ ଏଭଳି ଭୋଗରାଗ କରିଥା'ନ୍ତି।




## ଶିଳ୍ପାଙ୍କୁ ବଦନାମ ପାଇଁ ଚକ୍ରାନ୍ତ ହୋଇଥିଲା


ରାଜ କୁନ୍ଦ୍ରା –ଶିଳ୍ପା ସେଟ୍ଟୀ

**ମୁମ୍ବାଇ:** ବଲିଉଡ୍‌ର ପରଫେକ୍ଟ ଯୋଡ଼ିଙ୍କ ମଧ୍ୟରୁ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ-ରାଜ କୁନ୍ଦ୍ରା ଅନ୍ୟତମ। ପ୍ରଥମ ସ୍ତ୍ରୀଙ୍କଠାରୁ ଅଲଗା ହେବା ପରେ ଶିଳ୍ପାଙ୍କ ହାତ ଧରିଥିଲେ ରାଜ। ହେଲେ ଉଭୟଙ୍କ ବିବାହ ସେତେଟା ସହଜ ନ ଥିଲା। ମାନସିକ ଭାବେ ଆଘାତ ପାଇବା ପରେ ଉଭୟ ଉଭୟଙ୍କ ସହ ବନ୍ଧୁ ଭାବେ ରହିଥିଲେ। ଧିରେ ଧିରେ ଏହା ପ୍ରେମରେ ପରିଣତ ହୋଇଥିଲା। ପ୍ରଥମ ସ୍ତ୍ରୀ କବିତା ରାଜଙ୍କ ଭିଣୋଇଙ୍କ ପ୍ରେମରେ ପଡ଼ିଥିଲେ। ଏହା ଜଣାପଡ଼ିବା ପରେ ଉଭୟ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ଛାଡ଼ପତ୍ର ପରେ ଝିଅଙ୍କ କଷ୍ଟଡି ପାଇଁ ରାଜ ପୁଣି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହି ସମୟରେ ଶିଳ୍ପାଙ୍କୁ ଭେଟିଥିଲେ ସେ। ଏହାକୁ ଜାଣିପାରି କବିତା ଶିଳ୍ପାଙ୍କ ନାମରେ ଏଣୁତେଣୁ ଛାପିଥିଲେ। ବ୍ରିଟେନର ଏକ ଖବରକାଗଜରେ ଶିଳ୍ପାଙ୍କ ବିରୁଦ୍ଧରେ ଲେଖିବା ପାଇଁ ହଜାର ହଜାର ପାଉଣ୍ଡ ଖର୍ଚ୍ଚ କରିଥିଲେ ବୋଲି ରାଜ କହିଛନ୍ତି।

## ମନ୍ଦିରରେ କରୋନା ପୂଜା

**ପ୍ରତାପଗଡ଼:** କରୋନାରୁ ଦୂରେଇ ରହିବା ପାଇଁ ଉତ୍ତରପ୍ରଦେଶ ପ୍ରତାପଗଡ଼ରେ ଲୋକେ କରୋନା ମାତାଙ୍କ ମନ୍ଦିର ନିର୍ମାଣ କରିଛନ୍ତି। ସାଙ୍ଗିପୁର ଥାନା ଶୁକ୍ଲପୁର ଗାଁରେ କରୋନା ମାତାଙ୍କ ମନ୍ଦିରରେ ପୂଜା ଲାଗି ଲୋକଙ୍କ ଭିଡ଼ ହେବାରେ ଲାଗିଛି। ତେବେ ମନ୍ଦିରରେ ମାସ୍କ ପିନ୍ଧି ସାମାଜିକ ଦୂରତା ବଜାୟ ରଖି ପୂଜା କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏ ସମ୍ପର୍କରେ ମନ୍ଦିର ନିକଟ କାନ୍ଥରେ ଲିଖିତ ଭାବେ ସୂଚିତ ହୋଇଛି। 'କରୋନା ମାତା' ଲାଲ ଶାଢ଼ି ସହ ମାସ୍କ ପିନ୍ଧିଥିବା ଦେଖିବାକୁ ମିଳିଛି। ମାତାଙ୍କ ପାଖରେ ହଳଦିଆ ଫୁଲ, ଫଳ, ବସ୍ତ୍ର,ମିଠାଇ, ଘଣ୍ଟା ଆଦି ଲାଗି କରିବାକୁ ମଧ୍ୟ ସୂଚନା କାନ୍ଥରେ ଉଲ୍ଲେଖ କରାଯାଇଛି। ଗ୍ରାମବାସୀମାନେ ଚାନ୍ଦା କରି ମନ୍ଦିର ନିର୍ମାଣ କରିଛନ୍ତି। ଏହି ମନ୍ଦିର ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି।






# ଲକ୍‌ଡାଉନ୍ ରଜ

ଆଜି ସଜବାଜ, ଆଉ ଆସନ୍ତାକାଲି ପହିଲି ରଜ। ହେଲେ ଏହାକୁ ନେଇ କାହାରି ମନରେ ନାହିଁ ପୂର୍ବ ଭଳି ଉତ୍କଣ୍ଠା । ଗତବର୍ଷଠାରୁ କରୋନା ମହାମାରୀ ଯେମିତି ଏଇ ଖୁସିରେ ଗ୍ରହଣ ଲଗାଇ ଦେଇଛି। ତେବେ କରୋନା କଟକଣା ନିୟମାନୁଯାୟୀ ଘରର ଚାରିକାନ୍ଥ ଭିତରେ ରହି କିପରି ପାଳିବେ ରଜ, ସେ ସମ୍ପର୍କରେ କ'ଣ କୁହନ୍ତି ଏମାନେ...













### ଏଥର ଅନ୍‌ଲାଇନ୍‌ରେ ଡ୍ରେସ୍‌କିଣା

ପିଲାବେଳୁ ରଜପର୍ବ ଆସିଲେ ମନରେ ଉତ୍କଣ୍ଠା ବଢ଼ିଯାଏ। କାରଣ କେବଳ ସଜବାଜ ଆଉ ନୂଆ ଡ୍ରେସ୍‌ପିନ୍ଧା ନୁହେଁ ପୋଡ଼ପିଠା, ପାନଖିଆ ସାଙ୍ଗକୁ ସାଙ୍ଗମାନଙ୍କ ସହ ଦୋଳିଖେଳର ଚାର୍ମ ଅଲଗା। ହେଲେ ଗତବର୍ଷ ଏସବୁର ମଜା ଫିକା ପଡ଼ିଯାଇଥିଲା କରୋନା ପାଇଁ। ଅପେକ୍ଷା ଥିଲା ଏବର୍ଷକୁ। କିନ୍ତୁ, ଏବର୍ଷ ବି ସମାନ ପରିସ୍ଥିତି। ଲକ୍‌ଡାଉନ୍‌ରେ ମାର୍କେଟ୍ ବନ୍ଦ ଥିବାରୁ ଅନ୍‌ଲାଇନ୍‌ରେ ଡ୍ରେସ୍ କିଣିଛି। ବାହାରକୁ ଯାଇ ବୁଲାବୁଲି କରିବା, ହୋଟେଲରେ ଖାଇବା, ଫିଲ୍ମ ଯିବା ଆଦି ଏଥର ରଜରେ ହୋଇ ପାରିବନି। ତେଣୁ ଯଥାସମ୍ଭବ ଘରେ ରହି ନିରାପଦ ଭାବେ ଏହି ପର୍ବର ମଜା ନେବାକୁ ପ୍ଲାନିଂ କରିଛି।

**– ବିଶ୍ୱରୂପା ସାହୁ**
(ରାଜା ମଧୁସୂଦନଦେବ କଲେଜ, ପଟିଆ, ଭୁବନେଶ୍ୱର)

### ପୁଣି ଥରେ ସବୁ ଫସର ଫାଟିଗଲା

ଆମ ଅଞ୍ଚଳରେ ରଜପର୍ବର ଅନୁଭୂତି ନିଆରା। କାରଣ ଏଠାରେ କେବଳ ଝିଅମାନେ ନୁହନ୍ତି, ପୁଅମାନେ ଭରପୂର ମଜା ଉଠାନ୍ତି ଏହି ପର୍ବରେ। ଭଳିକି ଭଳି ଖାଦ୍ୟ ସହିତ ସ୍ପେଶାଲ ରଜପାନ ଏବଂ ବାଉଁଶ ଦୋଳିର ବେଶ୍ ଆସର ଜମେ। ଏହାଛଡ଼ା ତାସ୍, ଲୁଡୁ ଏବଂ ବିଶେଷକରି କବାଡ଼ି ଖେଳ ଏକ ଅପୂର୍ବ ଆନନ୍ଦ ଦିଏ। କିଛି ବର୍ଷ ହେବ ରଜରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରତିଯୋଗିତାମାନ ଆୟୋଜନ କରାଯାଉଥିଲା, ଯାହାକି ଏହି ପର୍ବର ମୁଖ୍ୟ ଆକର୍ଷଣ ଥିଲା। ତେଣୁ ଗାଁର ସମସ୍ତେ ଏହି ସମୟରେ ଏକାଠି ହେଉ। ଏପରିକି ବାହାରେ ଚାକିରି କରୁଥିବା ଲୋକେ ବି ଛୁଟିରେ ଆସି ତିନିଦିନ ଗାଁରେ ରୁହନ୍ତି। ତେଣୁ ରଜକୁ ଆମ ସମସ୍ତଙ୍କ ଲାଗି ଏକ ଭାଇଚାରାର ପୂର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। ହେଲେ ଦୁଃଖର ବିଷୟ, କରୋନା ଲାଗି ଗତବର୍ଷ ଏସବୁ ବନ୍ଦ ହେଲା। ଏବର୍ଷକୁ ଉତ୍କଣ୍ଠାର ସହ ଚାହିଁ ରହିଥିଲେ ହେଁ ପୁଣିଥରେ ସବୁ ଫସର ଫାଟିଗଲା। ଏବର୍ଷ ଘରେ ହିଁ ଯାହା ପାଳନ ହେବ।

**– ଅଶୋକ ବିଶ୍ୱାଳ**
(ତେଲକୋଇ, କେନ୍ଦୁଝର)

### ସରକାରଙ୍କ କରୋନା କଟକଣାକୁ ସମ୍ମାନ ଦେବି

ଆମ ଓଡ଼ିଆଙ୍କ ପାଇଁ ରଜ ହେଉଛି ଏକ ବଡ଼ ପର୍ବ। ଏହାର ମଜା ଅନ୍ୟ ସବୁ ପର୍ବଠାରୁ ଅଲଗା। ଏଥିପାଇଁ ପ୍ରାୟ ୧୫ ଦିନ ପୂର୍ବରୁ କିପରି ରଜଦୋଳି ଖେଳିବି, କେଉଁ ସାଙ୍ଗମାନଙ୍କ ସହିତ ରଜପର୍ବର ମଜା ନେବି, କେମିତିକା ଡ୍ରେସ୍ କରିବି ଆଦି ପ୍ଲାନିଂ ଆରମ୍ଭ ହୋଇଯାଏ। ହେଲେ ଗତବର୍ଷ ଭଳି ଏଥର ବି କରୋନା ମହାମାରୀ ରଜର ମଜା ଛଡ଼ାଇ ନେଇଛି। ସରକାରଙ୍କ କରୋନା କଟକଣାକୁ ସମ୍ମାନ ଦେବା ଦିଗରେ ସଚେତନ ଅଛି। ତେଣୁ ବାହାରକୁ ନ ଯାଇ ଘରେ ଥାଇ ସମସ୍ତ ପ୍ରକାର ନିତିନିୟମ ମାନିବି। ନୂଆ ପିନ୍ଧିବା, ବୋଉ, ଭାଉଜ କରିଥିବା ପିଠାପଣା ଖାଇବା, ସ୍ପେଶାଲ ରଜପାନ ନିଜେ ଖାଇବା ସହ ଘରଲୋକଙ୍କୁ ଖୁଆଇବାର ମଜା ନେବି। ଏହା ବ୍ୟତୀତ ଘରେ ଦୋଳି ଲଗାଇ ଖେଳିବି ଏବଂ ସାଙ୍ଗମାନଙ୍କ ସହ ଫୋନ୍‌ରେ ଭିଡିଓକଲିଂ କରି କଥା ହେବି। ତେବେ ସର୍ବୋପରି ପହିଲି ରଜରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏ ପୃଥିବୀରୁ କରୋନା ମହାମାରୀ ଦୂର କରିବାକୁ ନିଶ୍ଚିତ ପ୍ରାର୍ଥନା କରିବି।

**– ମୋନାଲିସା ମହାନ୍ତି** (କୁଶୁପୁର, ଗୋପ, ପୁରୀ)

### ସର୍ବପ୍ରଥମେ ସୁରକ୍ଷା

ପ୍ରତିଥର ରଜ ପାଖେଇ ଆସିଲେ ଜୋରସୋର୍ ପ୍ରସ୍ତୁତି ଆରମ୍ଭ ହୋଇଯାଏ। ମାର୍କେଟ୍‌କୁ କ'ଣ ସବୁ ନୂଆ ଡ୍ରେସ୍ କଲେକ୍ସନ ଆସିଛି ବୁଲି ବୁଲି କିଣା ଚାଲେ। ତା'ଛଡା ସାଙ୍ଗମାନେ ମିଶି କେଉଁ ଆଡ଼େ ବୁଲିବାକୁ ଯିବୁ, କ'ଣ ସବୁ ମଜାମସ୍ତି କରିବୁ ଆଦିକୁ ନେଇ ବି ପ୍ଲାନିଂ ହୁଏ। ରଜ ତିନି ଦିନର ଭରପୂର ଆନନ୍ଦ ଆମେ ଉଠାଉ। ହେଲେ ଗତବର୍ଷଠାରୁ କରୋନା ମହାମାରୀ ଯେମିତି ଏଇ ଖୁସିରେ ଗ୍ରହଣ ଲଗାଇ ଦେଇଛି। ଚାରିଆଡ଼େ କରୋନାର ଆତଙ୍କ ଏକ ଭୟଙ୍କର ବାତାବରଣ ଖେଳାଇ ଦେଇଛି। ନିଜ ଅଭିଭାବକ ଏବଂ ପରିବାରର ଅନ୍ୟ କେତେଜଣ ସଦସ୍ୟ ଏହି ରୋଗରେ ଆକ୍ରାନ୍ତ ହେବା ପରେ ଆମମାନଙ୍କ ପରିସ୍ଥିତି କିପରି ଥିଲା ତାହା ଅଙ୍ଗେ ନିଭେଇଛି। ତେଣୁ ରଜର ମଜା ନେବା ଆଳରେ ବିପଦକୁ ନିମନ୍ତ୍ରଣ ନ କରି ସୁରକ୍ଷାକୁ ପ୍ରାଥମିକତା ଦେବି। କାରଣ ସୁରକ୍ଷିତ ରହିଲେ ରଜ ତ ପ୍ରତିବର୍ଷ ଆସିବ ହେଲେ ଜୀବନ ନୁହେଁ।

**– ଅଲିଶା ପ୍ରିୟଦର୍ଶିନୀ**
(ଭୁବନେଶ୍ୱର)


ଅଶୋକ


ମୋନାଲିସା


ବିଶ୍ୱରୂପା


ଅଲିଶା

## ଏ ସପ୍ତାହର ପ୍ରଶ୍ନ

୧– ଭାରତୀୟ ନୌସେନା ପକ୍ଷରୁ ଏମ୍‌ଏଚ୍–୬୦ ରୋମିଓ ହେଲିକପ୍ଟର...... ଦେଶରୁ ଅଣାଯାଇଛି ?
୨– ୟୁନାଇଟେଡ୍ ନେଶନ୍ସ ଇକୋନୋମିକ୍ ଆଣ୍ଡ ସୋସିଆଲ୍ କାଉନ୍‌ସିଲ୍‌ର ସଦସ୍ୟ ସଂଖ୍ୟା............ ?
୩– ...........କୁ ସାଧାରଣତଃ ଆଜ୍‌ବେଷ୍ଟସ୍ ବୋଲି କୁହାଯାଇଥାଏ ?
୪– ଆଇସ୍ ହକି କମ୍ପିଟିଶନ୍‌କୁ............... କୁହାଯାଏ ?
୫– 'ପିଏମ୍‌ଏୱାଇ'ର ଫୁଲ୍‌ଫର୍ମ .................... ?

## ଗତ ଥରର ଉତ୍ତର

୧ ଶ୍ରୀନଗର
୨ ଇଣ୍ଟରନ୍ୟାଶନାଲ୍ ଆଷ୍ଟ୍ରୋନୋମିକାଲ୍ ୟୁନିୟନ
୩ ଚାଇନା
୪ ରୁଦ୍ରମ୍
୫ ପାରୁଳ୍ଳ ଘସି

## ଉତ୍ତରଦାତା


ଧର୍ମପଦ ତ୍ରିପାଠୀ
ଭୁବନେଶ୍ୱର


ନିତ୍ୟାଶା ବିଜୟିନୀ
ଭୁବନେଶ୍ୱର


ହିମାଂଶୁ ଶେଖର ଦାସ
ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଲମ୍ବା ରେଲୱେ ନେଟ୍‌ୱର୍କ

୧– ଆମେରିକା ରେଲ୍ ନେଟ୍‌ୱର୍କ...........................................୨୫୦,୦୦୦ କିମି.
୨– ଚାଇନା................................................ ୧୦୦, ୦୦୦ କିମି.
୩– ରୁଷିଆ................................................ ୮୫, ୫୦୦ କିମି.
୪– ଇଣ୍ଡିଆ................................................ ୬୫, ୦୦୦ କିମି.
୫– କାନାଡ଼ା................................................ ୪୮,୦୦୦ କିମି.
୬– ଜର୍ମାନୀ ................................................ ୪୧,୦୦୦କିମି.
୭– ଅଷ୍ଟ୍ରେଲିଆ................................................ ୪୦, ୦୦୦ କିମି.
୮– ଆର୍ଜେଣ୍ଟିନା................................................ ୩୬, ୦୦୦ କିମି.
୯– ଫ୍ରାନ୍ସ................................................ ୨୯,୦୦୦ କିମି.
୧୦ – ବ୍ରାଜିଲ୍................................................ ୨୮, ୦୦୦କିମି.



## ଜାଣନ୍ତୁ ଦୁନିଆ

### ଅଜବ ଗାଁ

**ପୃଥିବୀରେ ଏମିତି ଅନେକ ବିସ୍ମୟକର ଗାଁ ରହିଛି, ଯାହା ସମ୍ପର୍କରେ ଜାଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ ନିଶ୍ଚୟ। ଆସନ୍ତୁ ଜାଣିବା ଏଭଳି କିଛି ନିଆରା ଗାଁ ସମ୍ପର୍କରେ...**

**ଚପଲ ପିନ୍ଧିବା ମନା:** ସାଧାରଣତଃ ପାଦର ସୁରକ୍ଷା ଲାଗି ସମସ୍ତେ ଚପଲ ପିନ୍ଧିଥା'ନ୍ତି। ତା'ଛଡ଼ା ବର୍ତ୍ତମାନ ଡ୍ରେସ୍ ସହ ମ୍ୟାଚିଂ ହେଉଥିବା ଭଳି ବିଭିନ୍ନ ଡିଜାଇନ୍‌ର ଚପଲ ବି ଅନେକଙ୍କ ପାଇଁ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି। ତେବେ କେବଳ ମନ୍ଦିର କିମ୍ବା କୌଣସି ପବିତ୍ର ସ୍ଥାନକୁ ଗଲେ ଚପଲ ପିନ୍ଧିବା ମନା ଥାଏ। ହେଲେ କେବେ ଭାବିଛନ୍ତି, ଆଜିର ଏହି ଆଧୁନିକ ଯୁଗରେ ଏମିତିବି ଏକ ଗାଁ ରହିଛି, ଯେଉଁଠି ଚପଲ ପିନ୍ଧିବା ମନା। କଥାଟି ମିଛ ଭଳି ଲାଗୁଥିଲେ ବି ସତ। ତାମିଲନାଡୁର ମଦୁରାଇଠାରୁ ପ୍ରାୟ ୨୦ କିମି. ଦୂରରେ ଥିବା କାଲିମାୟାନ ଗାଁର ଗ୍ରାମବାସୀ କେବେ ଚପଲ ପିନ୍ଧନ୍ତି ନାହିଁ। କୁହାଯାଏ, ସେହି ଗାଁର ଲୋକେ ଅପାଚ୍ଛି ନାମକ ଦେବତାଙ୍କୁ ପୂଜା କରିଥା'ନ୍ତି, ଆଉ ସେମାନଙ୍କର ବିଶ୍ୱାସ ଯେ, ଗାଁ ଭିତରେ ଚପଲ ପିନ୍ଧିଲେ ଦେବତା ରାଗିବେ। ତେଣୁ ଦେବତାଙ୍କୁ ସମ୍ମାନ ଦେବା ଲାଗି ସେମାନେ ଏପରି କରିଥା'ନ୍ତି। ଗ୍ରାମରୁ ବାହାରକୁ ଯାଉଥିବା ଲୋକେ ଗ୍ରାମ ସୀମା ସରିବା ଯାଏ ଖାଲିପାଦରେ ଯିବା ପରେ ବାହାରେ ଚପଲ ପିନ୍ଧିଥା'ନ୍ତି। ଏମିତିକି ଯଦି କେହି ଗ୍ରାମ ଭିତରେ ଭୁଲରେ ଚପଲ ପିନ୍ଧିଥିବାର ଦେଖାଯାଏ, ତେବେ ତାଙ୍କୁ କଠୋର ଦଣ୍ଡ ଦିଆଯାଇଥାଏ।

**ଦୀର୍ଘଦିନ ଭାଙ୍ଗେନି ନିଦ:** ଏମିତି ଏକ ଗାଁ ରହିଛି, ଯେଉଁଠାରେ ଗ୍ରାମବାସୀ ଦୀର୍ଘ ସମୟ ଧରି ଅର୍ଥାତ୍ କେତେ ଘଣ୍ଟାରୁ ସପ୍ତାହ ସପ୍ତାହ ପର୍ଯ୍ୟନ୍ତ ଶୋଇ ରୁହନ୍ତି ; ଯେପରି କି ସେମାନଙ୍କୁ କୌଣସି ନିଦ ଔଷଧ ଦିଆଯାଇଛି। ଏମିତିକି ଘର ଭିତରେ ନୁହେଁ, ଯାହାକୁ ଯେଉଁଠାରେ ନିଦ ଆସେ ; ରାସ୍ତା କଡ଼ ହେଉ ଅଥବା ଯେକୌଣସି ସ୍ଥାନ ସେ ସେହିଠାରେ ହିଁ ଶୋଇଥିବା ଦେଖିବାକୁ ମିଳେ। ଆଉ ଏହି ନିଦ କେବେ ଭାଙ୍ଗିବ ତାହାର କୌଣସି ନିର୍ଦ୍ଦିଷ୍ଟ ସମୟ ନ ଥାଏ। ଏହି ଗାଁଟି ରହିଛି କାଜାଖସ୍ତାନର ରାଜଧାନୀ ଆସ୍ତାନାଠାରୁ ପଶ୍ଚିମରେ ୩୦୦ ମାଇଲ୍ ଦୂରରେ। କାଲାଚି ନାମକ ଏହି ସୁନ୍ଦର ପାହାଡ଼ିଆ ଗାଁକୁ ପୃଥିବୀର ଏକ ବିସ୍ମୟ ସ୍ଥାନ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଆଜିର ଅତ୍ୟାଧୁନିକ ଜ୍ଞାନକୌଶଳ ଯୁଗରେ ଡାକ୍ତରଙ୍କଠାରୁ ଆରମ୍ଭ କରି ବୈଜ୍ଞାନିକଙ୍କ ପର୍ଯ୍ୟନ୍ତ କେହି ଏହି ରହସ୍ୟର ଠିକ କାରଣ ଖୋଜି ପାଇ ପାରିନାହାନ୍ତି। ଯେଉଁଥିପାଇଁ ଏହାର ନାମ ସ୍ଲିପିଂ ଏପିଡେମିକ୍ ବା ନିଦ୍ରା ମହାମାରୀ ବୋଲି ରଖାଯାଇଛି। ତେବେ ଆଶ୍ଚର୍ଯ୍ୟର କଥା, ଉକ୍ତ ଗାଁ ନିକଟରେ ଥିବା ଅନ୍ୟ ଗାଁରେ ଏହାର କୌଣସି ପ୍ରଭାବ ନାହିଁ।



## ୟୁଥ୍ ଫ୍ୟାଶନ

# ମଲ୍ଟିକଲର ଟ୍ରେଣ୍ଡ



ବର୍ତ୍ତମାନ ମଲ୍ଟିକଲର ଆଉଟ୍‌ଫିଟ୍ ଯୁବପିଢ଼ିଙ୍କ ଲାଗି ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଛି। ଯେଉଁଥିପାଇଁ ସେମାନେ ନା କେବଳ ବିଭିନ୍ନ କଲରଫୁଲ୍ ଡ୍ରେସ୍ ପସନ୍ଦ କରୁଛନ୍ତି ବରଂ ତା' ସହ ମଲ୍ଟି କଲର ଜୁଏଲେରୀ ଠାରୁ ଆରମ୍ଭ କରି ସୁଜ୍ ଏବଂ ଅନ୍ୟାନ୍ୟ ଆସେସରିଜ୍ ବ୍ୟବହାର କରିବାକୁ ବି ପଛାଉ ନାହାନ୍ତି...

- ବର୍ତ୍ତମାନ ଉଭୟ ଯୁବତୀଯୁବକ ମଲ୍ଟିକଲର ଡ୍ରେସ୍ ପିନ୍ଧୁଥିବା ଦେଖିବାକୁ ମିଳୁଛି। ଯୁବକମାନେ କାଜୁଆଲ୍ ଏବଂ ଟ୍ରେଣ୍ଡି ଲୁକ୍ ପାଇଁ ଜିନ୍ସ ସହିତ ମଲ୍ଟିକଲର ଶାର୍ଟ ପିନ୍ଧୁଛନ୍ତି।
- ସେହିପରି ଯୁବତୀମାନେ ଆଇକ୍ୟାଚି ଲୁକ୍ ପାଇଁ ବ୍ଲାକ୍, ହ୍ୱାଇଟ୍, ୟେଲୋ ଭଳି ପ୍ଲେନ୍ କଲର କୁର୍ତ୍ତି ବା ଡ୍ରେସ୍ ସହିତ ମଲ୍ଟିକଲର ଦୁପଟା ବିଶେଷକରି ରେନ୍‌ବୋ ଦୁପଟା ଏବଂ ଷ୍ଟୋଲ୍ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।
- ଡିଜାଇନର୍ ସିଙ୍ଗ୍‌ଲ କଲର ଟପ୍ସ ସହିତ ମଲ୍ଟିକଲର ସ୍କର୍ଟ ବର୍ତ୍ତମାନ ଖୁବ୍ ଡିମାଣ୍ଡରେ ଅଛି। ବିଶେଷକରି ଲଙ୍ଗ୍ ଅମ୍ବ୍ରେଲା ମଲ୍ଟିକଲର ସ୍କର୍ଟ୍ ନା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁଛି ବରଂ ଯେକୌଣସି କଲରର ଟପ୍ସ ସହିତ ଏହାକୁ ପେୟାର କଲେ ଫ୍ୟାଶନେବଲ୍ ଲାଗୁଛି।
- ସେହିପରି ଡିଜାଇନର ରେନ୍‌ବୋ ଟପ୍ସ, କୁର୍ତ୍ତି, ଲଙ୍ଗ୍ ଗାଉନ୍, କ୍ୟାପ୍ ଏବଂ ଶାଢ଼ିକୁ ମଧ୍ୟ ଅନେକେ ବ୍ୟବହାର କରୁଛନ୍ତି।
- କେବଳ ଡ୍ରେସ୍ ନୁହେଁ, ବର୍ତ୍ତମାନ ମଲ୍ଟିକଲର ବା ରେନ୍‌ବୋ କଲର ଆସେସରିଜ୍ ବି ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଛି। ଏଭଳି କଲର ବ୍ୟାଣ୍ଡ ଥିବା ରିଷ୍ଟୱାଚ୍ ହେଉ କିମ୍ବା ବ୍ରେସ୍‌ଲେଟ୍ ୟୁନିସେକ୍ସ ଷ୍ଟାଇଲ୍ ହୋଇଛି।
- ସେହିପରି ଯୁବତୀମାନେ ମଲ୍ଟିକଲର କଲରର ଇୟରିଂ ହୁପ୍ସ, ନେକ୍‌ଲେସ୍, ଚୁଡ଼ି, ବ୍ୟାଗ୍, କ୍ଲଚ୍ ଏବଂ ଜୋତା ଆଦି ବ୍ୟବହାର କରୁଥିବା ମଧ୍ୟ ଦେଖିବାକୁ ମିଳୁଛି।



# କ୍ରେଜିକୋଭାଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ୍

**ପ୍ୟାରିସ୍,୧୨।୬**

ଫ୍ରେଞ୍ଚ୍ ଓପନ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଚେକ୍ ଗଣରାଜ୍ୟର ବାର୍ବୋରା କ୍ରେଜିକୋଭା ଚାମ୍ପିୟନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଅଣସିଡ୍ ୨୫ ବର୍ଷୀୟ କ୍ରେଜିକୋଭା ୬-୧, ୨-୬, ୬-୪ ସେଟ୍‌ରେ ୩୧ତମ ସିଡ୍ ରୁଷିଆର ଆନାସ୍ତାସିଆ

## ଫ୍ରେଞ୍ଚ୍ ଓପନ ଟେନିସ୍

ପାଭଲ୍ୟୁଚେଙ୍କୋଭାଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଏଥିସହ କ୍ରେଜିକୋଭା ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ୧୯୮୧ ପରେ ସେ ପ୍ରଥମ ଚେକ୍ ଖେଳାଳିଭାବେ ଫ୍ରେଞ୍ଚ୍ ଓପନ ଜିତିଛନ୍ତି। ପୂର୍ବରୁ ହାନା ମାଡିଲକୋଭା ଏହି ସଫଳତା ହାସଲ କରିଥିଲେ। କ୍ରେଜିକୋଭା ସେମିଫାଇନାଲରେ ୧୭ତମ ସିଡ୍ ଗ୍ରୀସ୍‌ର ମାରିଆ ସାକାରିଙ୍କୁ ୭-୫, ୪-୬, ୯-୭ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ପାଭଲ୍ୟୁଚେଙ୍କୋଭା ସ୍ଲୋଭେନିଆର ତାମରା ଜିଡାନସେକଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ ଫାଇନାଲକୁ ଉଠିଥିଲେ।



ଟ୍ରଫି ସହ ବାର୍ବୋରା କ୍ରେଜିକୋଭା।

**ଜୋକୋଭିଚ୍- ସିଚିପାସ୍ ଫାଇନାଲ**

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ରବିବାର ଫାଇନାଲରେ ଟପ୍ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍ ଓ ପଞ୍ଚମ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିଚିପାସ ପରସ୍ପରକୁ ଭେଟିବେ। ପ୍ରଥମ ସେମିରେ ସିଚିପାସ ମାରାଥନ ୬-୩, ୬-୩, ୪-୬, ୪-୬, ୬-୩ ସେଟ୍‌ରେ ଷଷ୍ଠ ସିଡ୍ ଖେଳାଳି ଜର୍ମାନୀର ଆଲେକଜାଣ୍ଡର ଜେଭରେଭଙ୍କୁ ହରାଇ ଫାଇନାଲକୁ ଉଠିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲରେ କ୍ଲେ କୋର୍ଟର ରାଜା କୁହାଯାଉଥିବା ରାଫାଲ ନାଡାଲ ଆଶ୍ଚର୍ଯ୍ୟଜନକ ଭାବେ ଜୋକୋଭିଚ୍‌ଙ୍କଠାରୁ ପରାସ୍ତ ହୋଇ ବିରଳ ବିଫଳତାର ସମ୍ମୁଖୀନ ହୋଇଥିଲେ। ଜୋକୋଭିଚ୍ ୪ ଘଣ୍ଟାରେ ୩-୬, ୬-୩, ୭-୬, ୬-୨ ସେଟ୍‌ରେ ବିଜୟୀ ହୋଇ ଫାଇନାଲକୁ ଉଠିଥିଲେ।

**ନାଡାଲ ନିରାଶ**

ଫ୍ରେଞ୍ଚ୍ ଓପନ୍‌ରେ ନାଡାଲ ରେକର୍ଡ ୧୩ଥର ଟାଇଟଲ ଜିତିଥିଲେ ଓ ଏହି ଟୁର୍ନାମେଣ୍ଟ ଅପ୍ରତିଦ୍ୱନ୍ଦ୍ୱୀ ମନେ ହେଉଥିଲେ। ତେବେ ଏହି ପରାଜୟ ତାଙ୍କ ପାଇଁ ଭିନ୍ନ ଅନୁଭୂତି ଆଣି ଦେଇଛି। ଏହି କ୍ଲେ କୋର୍ଟ ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ ନାଡାଲ ସେମି ପରେ ପରାସ୍ତ ହୋଇଛନ୍ତି। ମୋଟ ଉପରେ ଟୁର୍ନାମେଣ୍ଟରେ ସେ ୩ଥର ପରାସ୍ତ ହୋଇଛନ୍ତି ଓ ୨ଥର ସେ ଜୋକୋଭିଚ୍‌ଙ୍କଠାରୁ ହାରିଛନ୍ତି। ଗତ ୪ଟି ସଂସ୍କରଣରେ ସେ ଟାଇଟଲ ହାସଲ କରିଥିଲେ। ମୋଟ ଉପରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ନାଡାଲ ରୋଜର ଫେଡରରଙ୍କ ସମକକ୍ଷ ହୋଇଛନ୍ତି। ଅନ୍ୟପଟେ ଜୋକୋଭିଚ୍ ପଞ୍ଚମଥର ପାଇଁ ଫ୍ରେଞ୍ଚ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ୨୦୧୬ରେ ଥରେ ମାତ୍ର ସେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ନାଡାଲଙ୍କୁ ହରାଇବା ପରେ ଜୋକୋଭିଚ୍ ଖୁସି ଜାହିର କରିଛନ୍ତି। ମାଉଣ୍ଟ ଏଭରେଷ୍ଟ ଚଢ଼ିବା ଭଳି ମନେ ହେଉଥିବା ସେ ବିଜୟ ପରେ କହିଛନ୍ତି। ସେ କ୍ୟାରିୟରର ୨୯ତମ ଗ୍ରାଣ୍ଡସ୍ଲାମ ଫାଇନାଲରେ ଅବତୀର୍ଣ୍ଣ ହେବେ।

# ଦ୍ୱିତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ଦୃଢ଼

**ବର୍ମିଂହାମ,୧୨।୬**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସ୍ଥିତି ଆହୁରି ଦୃଢ଼ କରିଛି। ପ୍ରଥମ ଇନିଂସରେ ଇଂଲଣ୍ଡକୁ ୩୦୩ ରନ୍‌ରେ ଅଲ୍‌ଆଉଟ କରିବା ପରେ ନ୍ୟୁଜିଲାଣ୍ଡ ୧୧୯.୧ ଓଭରରେ ୩୮୮ ରନ୍‌କରି ଅଲ୍‌ଆଉଟ ହୋଇଛି। ଫଳରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୮୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ଶନିବାର ତୃତୀୟ ଦିବସରେ ଖବର ନେବାବେଳକୁ ୨୨ ଓଭରରେ ୫ ଉଇକେଟ ହରାଇ ୭୧ ରନ ସଂଗ୍ରହ କରିଛି। ୫ ଉଇକେଟ ହାତରେ ଥାଇ ଇଂଲଣ୍ଡ ୧୪ ରନ ପଛରେ ପଡିଛି। ଅଧିନାୟକ ଜୋ ରୁଟ୍ ୯ ଓ ଜେମ୍ସ ବ୍ରାକେ ୮ ରନ କରି ବ୍ୟାଟିଂ ଜାରି ରଖିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୯/୩ରୁ ନ୍ୟୁଜିଲାଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ରସ୍ ଟେଲର ୪୬ ରନରୁ ଖେଳ ଆରମ୍ଭ କରି ୮୦ ରନକରି ଆଉଟ ହୋଇଥିଲେ। ଏହାପରେ ଟମ୍ ବ୍ଲଣ୍ଡେଲ ୩୪, ଏଜାଜ୍ ପଟେଲ ୨୦ ରନକରି ଆଉଟ ହୋଇଥିଲେ ଓ ଅନ୍ୟମାନେ ଭଲ ପ୍ରଦର୍ଶନ କରି ନ ଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଷ୍ଟୁଆର୍ଟ ବ୍ରଡ୍ ୪, ମାର୍କ ଉଡ୍ ଓ ଓଲି ଷ୍ଟୋନ ୨ଟି ଲେଖାଏ, ଜେମ୍ସ ଆଣ୍ଡରସନ ଓ ଡାନ ଲରେନ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସ: ୧୦୧ ଓଭରରେ ୩୦୩ । ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୧୯.୧ ଓଭରରେ ୩୮୮। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୨ ଓଭରରେ ୭୧/୫।




# ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଟାଲୀର ବିଜୟ



ଗୋଲ୍ ସ୍କୋର କରିବା ପରେ ଉଲ୍ଲସିତ ଇଟାଲୀ ଦଳର ଖେଳାଳିମାନେ।

**ରୋମ୍,୧୨।୬(ଏପି)**

ସ୍ଥାନୀୟ ଷ୍ଟାଡିଓ ଅଲିମ୍ପିକୋରେ ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ମୁକାବିଲାରେ ଇଟାଲୀ ବୃହତ୍ ୩-୦ ଗୋଲରେ ତୁର୍କୀକୁ ପରାସ୍ତ କରିଛି। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ୩ଟି ଯାକ ଗୋଲ ସ୍କୋର ହୋଇଥିଲା। ସାରା ମ୍ୟାଚ୍‌ରେ ଇଟାଲୀ ପ୍ରଭାବ ବିସ୍ତାର କରି ଖେଳିଥିଲା।

୨୦୧୮ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରି ନ ପାରି ଇଟାଲୀ ବେଶ୍ ସମାଲୋଚିତ ହୋଇଥିଲା। ତେବେ ଏହି ମ୍ୟାଚରେ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଏହାପୂର୍ବରୁ କ୍ୱାଲିଫାଇଂରେ ଇଟାଲୀ ୧୦ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟ ହାସଲ କରିଥିଲା। ଗତ ୫ ବର୍ଷ ମଧ୍ୟରେ କୋଚ୍ ରୋବେର୍ଟୋ ମାନସିନିଙ୍କ ଇଟାଲୀ ଦଳ ପ୍ରଥମଥର ପାଇଁ ୩-୦ରେ ବିଜୟ ହାସଲ କରି ଜବରଦସ୍ତ ବିଜୟ ହାସଲ କରିଛି। ପ୍ରଥମାର୍ଦ୍ଧରେ ଇଟାଲୀ ୧୩ଟି ପ୍ରୟାସ ଓ ତୁର୍କୀ କୌଣସି ପ୍ରୟାସ କରି ନ ଥିଲା। ସମ୍ପୂର୍ଣ୍ଣ ମ୍ୟାଚ୍‌ରେ ଇଟାଲୀ ୨୪ ଓ ତୁର୍କୀ ୩ଟି ପ୍ରୟାସ କରିଥିଲା। ତୁର୍କୀର ଖେଳ ରକ୍ଷଣାତ୍ମକ ଥିଲା ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ତୁର୍କୀ ସେଣ୍ଟରବ୍ୟାକ୍ ମୋରି ଡେମିରାଲ ୫୩ତମ ମିନିଟ୍‌ରେ ଆତ୍ମଘାତୀ ଗୋଲ କରିଥିଲେ। ଫଳରେ ଇଟାଲୀ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ୬୬ତମ ମିନିଟ୍‌ରେ ସିରୋ ଇମୋବାଇଲ ଓ ୭୯ତମ ମିନିଟ୍‌ରେ ଲୋରେଞ୍ଜୋ ଇନ୍‌ସିଗ୍ନେ ଗୋଲ ଦେଇ ଇଟାଲୀକୁ ଜିତାଇଥିଲେ। ଶନିବାର ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ସୁଇଜରଲାଣ୍ଡ ଓ ୱେଲ୍ସ ପରସ୍ପରକୁ ଭେଟିଥିଲେ ଓ ଏହା ୧-୧ ଗୋଲରେ ଅମୀମାଂସିତ ରହିଛି।

# ପନ୍ତଙ୍କ ଅପରାଜିତ ଶତକ, ଶୁବମନ ୮୫

**ସାଉଥାମ୍ପଟନ, ୧୨।୬ (ପି.ଟି.)**

ଏଠାରେ ଭାରତୀୟ କ୍ରିକେଟ ଦଳର ଇଣ୍ଟ୍ରା-ସ୍କ୍ୱାର୍ଡ ମ୍ୟାଚ୍‌ରେ ରିଷଭ ପନ୍ତ ଅପରାଜିତ ଶତକ ହାସଲ କରିଥିବାବେଳେ ଓପନର ଶୁବମନ ଗିଲ ଆକର୍ଷଣୀୟ ୮୫ରନ ସହ ଭଲରୂପେ ୱାର୍ମ ଅପ୍ ହୋଇଛନ୍ତି। ବିରାଟ କୋହଲି ଓ କେଏଲ୍ ରାହୁଲ ଦୁଇଟି ଦଳର ନେତୃତ୍ୱ ନେଇଥିଲେ। ପ୍ରଥମ ଦଳରେ ଭଲ ବ୍ୟାଟ୍ସମ୍ୟାନ ଓ ନିୟମିତ ବୋଲର ରହିଥିଲେ। ଅନ୍ୟଟିରେ ରାହୁଲ, ରିଦ୍ଧିମାନ ଓ ହନୁମା ବିହାରୀଙ୍କ ଭଳି ରିଜର୍ଭ ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ଫର୍ମରେ ଥିବା ପନ୍ତ ସ୍ପିନରଙ୍କ ସମେତ ସମସ୍ତ ବୋଲରଙ୍କୁ ପ୍ରହାର କରିଥିଲେ। ସେ ୯୪ ବଲ୍‌ରୁ ୧୨୧ ରନ କରି ଅପରାଜିତ ରହିଥିଲେ। ରୋହିତ ଶର୍ମାଙ୍କ ସହ ଓପନିଂ କରି ଗିଲ୍ ୧୩୫ ବଲ୍‌ରୁ ୮୫ ରନ କରିଥିଲେ। କୋହଲିଙ୍କ ଟିମ୍‌କୁ କେବଳ ଅଡୁଆରେ ପକାଇଥିଲେ ଭେଟେରାନ ପେସ୍ ବୋଲର ଈଶାନ୍ତ ଶର୍ମା। ସେ ୩୬ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ।

# ଶକିବ ୩ ମ୍ୟାଚରୁ ସସ୍‌ପେଣ୍ଡ

**ଢାକା, ୧୨।୬ (ପି.ଟି.)**

ମହମ୍ମଡ଼ାନ ସ୍ପୋର୍ଟିଂ ବନାମ ଆବାହନୀ ଲିମିଟେଡ୍ ମ୍ୟାଚ୍ ବେଳେ ପଡ଼ିଆରେ ଅଶୋଭନୀୟ ଆଚରଣ ପାଇଁ ବାଂଲାଦେଶର ଷ୍ଟାର କ୍ରିକେଟର ଶକିବ ଅଲ୍ ହସନ ଢାକା ଟି୨୦ ପ୍ରିମିୟର ଲିଗ୍ (ଡିପିଏଲ୍)ର ୩ଟି ମ୍ୟାଚ୍‌ରୁ ସସ୍‌ପେଣ୍ଡ ହୋଇଛନ୍ତି। ସେ ଡିପିଏଲ୍‌ର ୮ମ, ୯ମ ଓ୧୦ମ ରାଉଣ୍ଡ ଗେମ୍ ଖେଳିପାରିବେ ନାହିଁ। ଏଥିସହିତ ତାଙ୍କୁ ୫ଲକ୍ଷ ଟାକା (୫୮୦୦ ଆମେରିକୀୟ ଡଲାର) ଜରିମାନା କରାଯାଇଛି। ମ୍ୟାଚଟିରେ ଶକିବଙ୍କ ନେତୃତ୍ୱାଧୀନ ମହମ୍ମଡ଼ାନ ଡିଏଲ୍‌ଏସ୍ ପଦ୍ଧତିରେ ବିଜୟ ଲାଭ କରିଥିଲା। ମ୍ୟାଚବେଳେ ଶକିବ ଦୁଇଥର କ୍ରୋଧାନ୍ୱିତ ହୋଇପଡ଼ିଥିଲେ।

# ମୀରାବାଈଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ନୂଆଦିଲ୍ଲୀ, ୧୨।୬ (ପି.ଟି.)**

ଟୋକିଓ ଅଲିମ୍ପିକ୍ସ ମହିଳା ୪୯କେଜି କାଟେଗୋରି ପାଇଁ ଭାରତର ଭାରୋତ୍ତୋଳିକା ମୀରାବାଈ ଚାନୁ ଯୋଗ୍ୟତା ଅର୍ଜନ କରିଥିବା ଇଣ୍ଟରନ୍ୟାଶନାଲ ୱେଟ୍‌ଲିଫ୍ଟିଂ ଫେଡେରେଶନ(ଆଇଡବ୍ଲ୍ୟୁଏଫ୍) ଶନିବାର ସ୍ପଷ୍ଟ କରିଛି। ୨୦୧୭ ବିଶ୍ୱ ୱେଟ୍‌ଲିଫ୍ଟିଂ ଚାମ୍ପିୟନ ଚାନୁ ଗତ ଏପ୍ରିଲରେ ତାସ୍‌କେଣ୍ଟଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ କ୍ଲିନ ଓ ଜର୍କରେ ବିଶ୍ୱ ରେକର୍ଡ କରିବା ସହ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ମଣିପୁରର ଏହି ୨୬ ବର୍ଷୀୟ ଭାରୋତ୍ତୋଳିକା ଆଇଡବ୍ଲ୍ୟୁଏଫ୍‌ର ଆବ୍‌ସଲ୍ୟୁଟ୍ ର୍‍ୟାଙ୍କିଂ ତାଲିକାରେ ତାଙ୍କ ଷ୍ଟାଣ୍ଡିଂଭିତ୍ତିରେ ଯୋଗ୍ୟତା ଅର୍ଜନ କରିଛନ୍ତି। ଚାନୁ ୪୯କେଜି କାଟେଗୋରିରେ ୪୧୩୩,୬୧୭୨ ପଏଣ୍ଟ ଅର୍ଜନ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଚାନୁ ପୂର୍ବରୁ ର୍‍ୟାଙ୍କିଂ ତାଲିକାର ଚତୁର୍ଥ ସ୍ଥାନରେ ରହିଥିଲେ। କିନ୍ତୁ ଉତ୍ତର କୋରିଆ ଅଲିମ୍ପିକ୍ସରୁ ଓହରିଯିବା ଯୋଗୁ ସେ ଦ୍ୱିତୀୟ ସ୍ଥାନକୁ ପଦୋନ୍ନତି ପାଇଛନ୍ତି। ମହିଳା ୪୯କେଜି କାଟେଗୋରିରେ ଚାଇନାର ହୋଉ ଝିହୁଇ ୪୯୨୬,୪୪୨୨ ପଏଣ୍ଟ ସହ ର୍‍ୟାଙ୍କିଂ ତାଲିକାର ଶୀର୍ଷରେ ରହିଛନ୍ତି। ଚାନୁ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ପୁରୁଷ ବିଭାଗ ୬୭କେଜି କାଟେଗୋରି ର୍‍ୟାଙ୍କିଂ ତାଲିକାର ୧୨ତମ ତାଲିକାରେ ରହିଥିବା ଭାରତର ଜେରେମି ଲାଲରିନୁଙ୍ଗା କୋରିଆର ହାକ୍ ମିୟଙ୍ଗମକ୍‌ଠାରୁ କଣ୍ଟିନେଣ୍ଟାଲ କୋଟା ହରାଇଛନ୍ତି। କିନ୍ତୁ ଏହି ୧୮ବର୍ଷୀୟ ଭାରୋତ୍ତୋଳକଙ୍କ ପାଇଁ ତଥାପି ସୁଯୋଗ ରହିଛି। ଚୂଡ଼ାନ୍ତ ତାଲିକା ଜୁନ୍ ୨୫ରେ ପ୍ରକାଶ ପାଇବ। ଆଇଡବ୍ଲ୍ୟୁଏଫ୍ ନିୟମାନୁସାରେ ୧୪ଟି ଓଜନ କାଟେଗୋରିରୁ ପ୍ରତିଟି କାଟେଗୋରିରେ ଶ୍ରେଷ୍ଠ ୮ ଲିଫ୍ଟରଙ୍କ ମଧ୍ୟରେ ପ୍ରତିଯୋଗିତା ହେବ।



ମୀରାବାଈ ଚାନୁ




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ଶତପଥୀ

## କାର୍ ସହ ୨୩୫ ଲିଟର ଦେଶୀ ମଦ ଜବତ

ଉଲୁଣ୍ଡା(ଡି.ଏନ.ଏ): ଉଲୁଣ୍ଡା ଥାନା ଅଞ୍ଚଳରେ ଶନିବାର ଏକ କାରରେ ଦେଶୀ ମଦ ଚୋରାଚାଲାଣ ହେଉଥିବା ବେଳେ ବିନିକା ଭାଟି କର୍ମଚାରୀ ଚଢ଼ାଉ କରି କାର ସହ ମଦ ଏବଂ ଅଭିଯୁକ୍ତଙ୍କୁ ଧରି ଉଲୁଣ୍ଡା ପୋଲିସ ଜିମା ଦେଇଥିଲେ। ଅଭିଯୁକ୍ତ ଜଣକ ହେଲେ ବିନିକା ବ୍ଲକ ଆଖିଦାଦରର ଲମ୍ବୋଦର ବେହେରା। ଶନିବାର ସକାଳେ ଦୁଇ ଜଣ ମଦବେପାରୀ ଉଲୁଣ୍ଡା ଥାନା ନିକଟ ଝାରବାହାଲିଠାରୁ ଏକ କାର ଓଆର୧୫ଆର୫୦୭୫ ଯୋଗେ ଦେଶୀ ମଦ ଧରି ଭେଡେନ ଅଭିମୁଖେ ଯାଉଥିଲେ। ବିନିକାର ଭାଟି କର୍ମଚାରୀ ପାଇ ମାନପୁର ଛକଠାରେ କାରକୁ ଅଟକାଇଥିଲେ। ସେଠାରୁ ଗାଡି ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପଛରେ ବସିଥିବା ଲମ୍ବୋଦରଙ୍କୁ କାବୁ କରିଥିଲେ। କାରରେ ୨୩୫ ଲିଟର ମଦଥିଲା।

**ସଂକ୍ଷେପରେ**

## ଦବିଗଲା କଂକ୍ରିଟ ରାସ୍ତା

ଅତାବିରା,୧୨।୬ (ଡି.ଏନ.ଏ): ବରଗଡ ଜିଲା ଅତାବିରା ବ୍ଲକ କାଦୋବାହାଲ ପଞ୍ଚାୟତର ନାଇକେନପାଲି-ଶ୍ରୀରାମନଗର କଂକ୍ରିଟ ରାସ୍ତାର ବିଭିନ୍ନ ସ୍ଥାନ ଦବିଯାଇଛି। ଫଳରେ ଯାନବାହନ ଯିବାଆସିବାରେ ଅସୁବିଧା ହେଉଛି। ନିମ୍ନମାନର କାମ ଯୋଗୁ ଏଭଳି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା କଂକ୍ରିଟକରଣ ପାଇଁ ୩ ଲକ୍ଷ ଟଙ୍କା ୨୦୧୮-୧୯ ବର୍ଷରେ ବ୍ୟୟ କରାଯାଇଥିଲା। ନିର୍ମାଣର ୨ବର୍ଷ ପରେ ରାସ୍ତା ମରଣଯନ୍ତା ପାଲଟିଛି । ଏ ନେଇ ବିଡିଓ ବିଶ୍ୱନାଥ ସାହୁଙ୍କୁ ପଚରାଯିବାରୁ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଡ୍ରେନ୍ ସମସ୍ୟା ନେଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ବଲାଙ୍ଗୀର ଅଫିସ, ୧୨।୬:** ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି ପକ୍ଷରୁ ସହରର ଡ୍ରେନ ସମସ୍ୟାକୁ ନେଇ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସହରର ଡ୍ରେନଗୁଡିକ ଆବର୍ଜନାରେ ପୋତି ହୋଇଯାଇଛି। ଦୁଇଦିନ ତଳ ପ୍ରବଳ ବର୍ଷାରେ ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ବିଭିନ୍ନ ପଡାରେ ଲୋକଙ୍କ ଘରେ ପଶିଯାଇଥିଲା। ରାସ୍ତା ମଝିରେ ଆଣ୍ଠୁଏ ପାଣି ଛୁଟୁଥିଲା। ଡ୍ରେନ୍ ଅବ୍ୟବସ୍ଥା କାରଣରୁ ସହରରେ କୃତ୍ରିମ ବନ୍ୟାସ୍ଥିତି ଦେଖାଯାଇଥିଲା। ପୌର ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ । ଏହି ସମସ୍ୟାର ସମାଧାନ ପାଇଁ କମିଟି ପକ୍ଷରୁ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଧାରଣା କାର୍ଯ୍ୟକ୍ରମରେ କମିଟି ସଭାପତି ବିନୋଦ କାଲସାଏ, ରିଲୁ ରଥ, ପ୍ରଶାନ୍ତ ମହାକୁର, ରାଜେନ୍ଦ୍ର ସେଠୀ, ସଞ୍ଜୟ ସାହୁ, ଟୁଲୁ ସେନ ଓ କ୍ରିଷ୍ଣା ପାତ୍ର ସାମିଲ ହୋଇଥିଲେ। ପୌର ନିର୍ବାହୀ ଅଧିକାରୀ ବିପିନ ଦୀପ ଧାରଣାକାରୀଙ୍କ ପାଖକୁ ଆସି ଶୀଘ୍ର ଡ୍ରେନ ସଫେଇ କାମ କରାଯିବ ବୋଲି କହିଥିଲେ।

# ଟାର୍ଗେଟ୍ ନାହିଁ, ଚାଷୀଙ୍କୁ ବର୍ଷା ଭୟ

■ ମଣ୍ଡିରେ ପଡି ରହିଛି ଧାନ
■ କଟ୍‌ନି ଛଟ୍‌ନି ନହେଲେ ଧାନ ଉଠୁନି



ଡୁଙ୍ଗୁରିପାଲି ବ୍ଲକ ସହଲା ମଣ୍ଡିରେ ଖୋଲା ଆକାଶ ତଳେ ଧାନ ବସ୍ତା ପଡିରହିଛି ।

**ସୋନପୁର,୧୨।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ରବି ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ସରକାରଙ୍କ ଟୋକନ୍ ଅବଧି ହ୍ରାସ, ଲାମ୍ପ ପରେ ଧାନ ବିକ୍ରି ପାଇଁ ଚାଷୀଙ୍କୁ ଆଉ ସୁଯୋଗ ନ ମିଳିବା ସମସ୍ୟା ସୃଷ୍ଟି କରିଛି। ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଚାଷ କରିଥିବା ଯୋଗ୍ୟ ଚାଷୀ ଧାନ ବିକିପାରୁନି। ଯେଉଁ ଚାଷୀ ଗତ ରବିରେ ୨୦୦କୁଇଣ୍ଟାଲ ଧାନ ବିକ୍ରି କରିଥିଲେ ଚଳିତ ଥର ମାତ୍ର ୨୦କୁଇଣ୍ଟାଲ ବିକ୍ରି କରିବାକୁ ଟୋକନ୍ ଆସିଛି। ତଦନ୍ତ ପରେ ଚାଷୀ ପଞ୍ଜୀକରଣ ସମୟର ତ୍ରୁଟି ସଂଶୋଧନ ପାଇଁ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କ ନିକଟକୁ ଚିଠି ଲେଖୁଥିଲେ ହେଁ ଗ୍ରହଣୀୟ ହେଉନି। ସୋନପୁର, ତରଭା, ଉଲୁଣ୍ଡା, ବୀରମହାରାଜପୁର ବ୍ଲକ ଚାଷୀଙ୍କ ଭଳି ଡୁଙ୍ଗୁରିପାଲି ଓ ବିନିକା ବ୍ଲକ ଅଞ୍ଚଳର ଚାଷୀଙ୍କର ମଧ୍ୟ ସମାନ ଅବସ୍ଥା।

ଜିଲାସ୍ତରୀୟ ଧାନ ସଂଗ୍ରହ କ୍ରୟ କମିଟି ବୈଠକରେ ଚାଷୀ ଯେମିତି ବିନା କଟ୍‌ନି ଛଟ୍‌ନିରେ ଧାନ ବିକ୍ରି କରି ପାରିବେ ସେଥିପ୍ରତି ପ୍ରଶାସନ ଯତ୍ନବାନ ହେବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଓଲଟା। ରବି ଧାନ ବିକ୍ରି ପାଇଁ ୩୦ହଜାର ୨୨ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଚାଷୀଙ୍କୁ ଅନଲାଇନ ଟୋକନ ବ୍ୟବସ୍ଥା ଅନୁଯାୟୀ ଶନିବାର ସନ୍ଧ୍ୟା ସୁଦ୍ଧା ୨୪ହଜାର ଚାଷୀଙ୍କଠାରୁ ୧୯ଲକ୍ଷ ୨୭ହଜାର ୧୬୮କୁଇଣ୍ଟାଲ ଧାନ କ୍ରୟ କରାଗଲାଣି। ତେବେ ପୂର୍ବବର୍ଷ ଭଳି ଜିଲାରେ ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନକିଣା। ଇଚ୍ଛା ଅନୁସାରେ ସେମାନେ ମଣ୍ଡି ଚୟନ କରୁଛନ୍ତି ଓ ଟ୍ରକ୍ ପଠାଉଛନ୍ତି। ଏଫଏକ୍ୟୁ ଆଳ ଦେଖାଇ କୁଇଣ୍ଟାଲ ପ୍ରତି ୩ରୁ ୪ କେଜି ଧାନ କାଟି ନେଉଛନ୍ତି। ଯେଉଁଠି ଚାଷୀ କଟ୍‌ନିକୁ ବିରୋଧ କରୁଛନ୍ତି ସେହି ମଣ୍ଡିରୁ ଧାନ ଉଠୁନି। ଟ୍ରକ୍ ଓ ଶ୍ରମିକର ଅଭାବ ଥିବା ଆଳ ଦେଖାଯାଉଛି। ଅନ୍ୟପକ୍ଷେ ଚାଷୀଙ୍କ ଟୋକନ୍ ଅବଧିର ଶେଷ ସମୟରେ ଯୋଗାଣ ବିଭାଗ ମିଲର୍ସଙ୍କୁ ଟାର୍ଗେଟ୍ ଦେଉଛି। ସେଥିପାଇଁ ଚାଷୀଙ୍କ ଧାନ ଉଠାଣରେ ବିଳମ୍ବ ହେଉଥିବା ଓ ମଣ୍ଡିରେ ଭିଜୁଥିବା ପ୍ୟାକ୍ସ ଓ ଏସ୍‌ଏଚ୍‌ଜି ପକ୍ଷରୁ ଅଭିଯୋଗ ହେଉଛି। ଜିଲାର ଦିଗଶିରା, ବଡକର୍ଲେ, ରାମପୁର, ସହଲା, ମାୟାବାର୍ହା, ସାରସମାଲ, ସିଣ୍ଢୋଲ, ଚଢେଇପଙ୍କ, କଳାପଥର, ହିଲୁଙ୍ଗ ଓ ବିନିକା ବ୍ଲକର ବିଭିନ୍ନ ମଣ୍ଡିରୁ ଧାନ ଉଠି ପାରୁନି। ମୌସୁମୀ ବର୍ଷା ଯୋଗୁଁ ହିଲୁଙ୍ଗ, ଚଢେଇପଙ୍କ, ସହଲା ଓ ଦିଗଶିରା ମଣ୍ଡିରେ ଧାନ ଓଦା ହେଲାଣି। ବିଳମ୍ବିତ ଟାର୍ଗେଟ୍ ପାଇଁ ହିଲୁଙ୍ଗରେ ଧାନ ଗଜା ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହି ଜିଲାକୁ ୪ଟି ପର୍ଯ୍ୟାୟରେ ୨୨ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ପାଇଁ ସରକାର ଟାର୍ଗେଟ୍ ଦେଇଛନ୍ତି। ମୌସୁମୀ ବର୍ଷା ପୂର୍ବରୁ ଧାନ କ୍ରୟ କରିବା ପାଇଁ ଚାଷୀ ସଂଗଠନଗୁଡିକ ଦାବି କରିଛନ୍ତି। ଜିଲା ଯୋଗାଣ ଅଧିକାରୀ ପବିତ୍ର ସାହୁ କୁହନ୍ତି, ଧାନ ଶୀଘ୍ର ଉଠାଇବା ଉଦ୍ୟମ କରୁଛୁ। ମିଲର୍ସଙ୍କୁ ନୂତନ ଟାର୍ଗେଟ୍ ଦିଆଯାଇଛି। ଧାନ ସଂଗ୍ରହ ଏବେ ଆହୁରି ତ୍ୱରାନ୍ୱିତ ହେବ।

# ଦେବକୁମାର ହତ୍ୟା ଘଟଣା: ୨ ଗିରଫ

**ନୂଆପଡା ଅଫିସ, ୧୨।୬**

ନୂଆପଡା ଜିଲା ଧରମବନ୍ଧା ଥାନା ଡୁର୍ଲା ଗାଁରେ ଦେବ କୁମାର ଉଜିରଙ୍କ ହତ୍ୟା ମାମଲାର ପର୍ଦ୍ଦାଫାସ ହୋଇଛି। ଏହି ମାମଲାରେ ମୃତ ଦେବ କୁମାରଙ୍କ ଦୁଇ ଭାଇ ଦେବାନନ୍ଦ ଉଜିର (୩୨) ଓ ହିରୋ ଉଜିର (୨୮)ଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ଅନୁସାରେ, ଗତ ୫ ତାରିଖରେ ଆମାନାରା ଖଜୁରୀନାଳା ଜଙ୍ଗଲ ପାଖରୁ ଦେବକୁମାରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିଲା। ଏସ୍‌ପି ରାହୁଲ ଜୈନଙ୍କ ନେତୃତ୍ୱରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ଖରିଆର ରୋଡ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ଧରମବନ୍ଧା ଥାନାଧିକାରୀ ସଂଯୁକ୍ତା ବାର୍ଲା ଘଟଣାର ତଦନ୍ତ କରିଥିଲେ। ଏଥିରେ ଉକ୍ତ ଦୁଇ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ଉଭୟଙ୍କୁ ପୋଲିସ ଗିରଫ କରିଥିଲା। ଗତ ୪ ତାରିଖରେ ଖାଇପିଇ ଘରର ଛାତ ଉପରେ ଶୋଇଥିବା ସମୟରେ ଦେବାନନ୍ଦ ଓ ହିରୋ କୌଣସି କାରଣରୁ ଦେବ କୁମାରଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ସେମାନେ ମୃତଦେହକୁ ଏକ ବାଇକ୍ (ନଂ. ଓଡ଼ି୨୬ବି/୯୩୧୨) ଯୋଗେ କୋଟେନ ଗାଁର ଏକ ନାଳାକୁ ନେଇଥିଲେ। ସେଠାରେ ମୃତଦେହରେ କିରୋସିନ ଢ଼ାଳି ଜାଳି ଦେଇଥିଲେ ବୋଲି ଉଭୟେ ସ୍ୱୀକାର କରିଥିବା ପୋଲିସ କହିଛି।

# ଔଷଧ ଦୋକାନରେ ଚଢ଼ାଉ



ବରଗଡ଼ ସହରର ଏକ ଔଷଧ ଦୋକାନରେ ଡ୍ରଗ୍ସ ସ୍କ୍ୱାଡ୍‌ର ଚଢ଼ାଉ।

**ବରଗଡ଼ ଅଫିସ୍,୧୨।୬**

କଟକ ଜିଲାରୁ ବରଗଡ଼ର ବିଭିନ୍ନ ଔଷଧ ଦୋକାନକୁ ନକଲି ଔଷଧ ଆସିଥିବା ଖବର ପାଇ ଶନିବାର ଡ୍ରଗ୍ସ ସ୍କ୍ୱାଡ୍ ପକ୍ଷରୁ ଧରପଗଡ଼ ଆରମ୍ଭ ହୋଇଛି। ଏହି କ୍ରମରେ ବରଗଡ଼ ସହରର ଏକ ନିର୍ଦ୍ଦିଷ୍ଟ ଔଷଧ ଦୋକାନରେ ଚଢ଼ାଉ ହୋଇଥିଲା। ସେଠାରୁ ବିଭିନ୍ନ କିସମର ଔଷଧ ଜବତ ହୋଇଥିବା ସୂଚନା ମିଳିଛି। ଚଢ଼ାଉ ଜାରି ରହିଥିବାରୁ ଏ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିନାହିଁ। ସ୍ଥାନୀୟ ଡ୍ରଗ୍ସ ଇନ୍ସପେକ୍ଟର ସସ୍ମିତା ଦେହେରୀ ଓ ପୋଲିସ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

# ହୋମଗାର୍ଡଙ୍କ ସମେତ ୩ ଗିରଫ

**ବୋଲେରୋ ଲୁଟ୍ ଘଟଣା**

**ବରଗଡ଼ ଅଫିସ,୧୨।୬(ଡି.ଏନ.ଏ)**

ବରଗଡ଼ ଜିଲା ସୋହେଲା ଥାନା ଲୁହୁରାଚଟି ନିକଟରେ ବୋଲେରୋ ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁରର ଜଣେ ପୋଲିସ ହୋମଗାର୍ଡ଼ ତରୁଣ ସୁରଜାଲ, ରବି ଯାଦବ ଏବଂ ମୋହିତ ଅଗ୍ରୱାଲ। ସେମାନଙ୍କ ପାଖରୁ ଲୁଟ୍ ବୋଲେରୋ ଜବତ ସହ ୩ଟି ମୋବାଇଲ ଜବତ ହୋଇଛି । ପ୍ରକାଶଥାଉକି, ଗତ ୮ତାରିଖରେ ବିଜେପୁର ଥାନା ଏମ.ଗଣ୍ଡପାଲି ଗ୍ରାମର ଦୀପକ ପାଣିଗ୍ରାହୀଙ୍କ ବୋଲେରୋ (ନଂ.ଓଡ଼ି୧୭ପି ୬୫୪୧)କୁ ତାଙ୍କ ଡ୍ରାଇଭର ଘନଶ୍ୟାମ ବନଛୋର ଧରି ଆସୁଥିବାବେଳେ ୨ଜଣ ଲୁହୁରାଚଟି ନିକଟରୁ ତାଙ୍କୁ ଧମକଚମକ ଦେଇ ବୋଲେରୋକୁ ଲୁଟି ନେଇଥିଲେ। ଏ ନେଇ ଏତଲା ହେବା ପରେ ପୋଲିସ ଏକ ମାମଲା (ନଂ.୯୭/୨୧) ରୁଜୁ କରି ତଦନ୍ତ କରୁଥିଲା ।

## ଶ୍ରମିକ ମୃତ୍ୟୁ ଘଟଣାରେ ମାମଲା ରୁଜୁ

**କେସିଙ୍ଗା,୧୨।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା କେନ୍ଦୁପଡା ସ୍ଥିତ ଅର୍ଣ୍ଣପୂର୍ଣ୍ଣା ରାଇସ୍ ମିଲ୍‌ର ଗୋଦାମ ଗୃହ ଆଜବେଷ୍ଟସ ଉପରୁ ଖସିପଡିବାରୁ ଜଣେ ଶ୍ରମିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି । ମୃତକ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଗ୍ରାମର କର୍ଣ୍ଣରାଜ ମଲ୍ଲିକ (୨୩)। ଏହି ଘଟଣାରେ କେସିଙ୍ଗା ଥାନାରେ ଏକ ମାମଲା (ନଂ.୨୨୬/୨୧) ରୁଜୁ ହୋଇଛି। ମିଲ ମାଲିକ ଓ ଠିକାଦାର ଉଭୟେ ଫେରାର ଅଛନ୍ତି। ଏ ନେଇ କେସିଙ୍ଗା ଆଇଆଇସି ସତ୍ୟ କୁମାର ନନ୍ଦଙ୍କୁ ପଚାରିବାରୁ ମିଲ୍ ମାଲିକ ଓ ଠିକାଦାରଙ୍କ ନାମରେ ମାମଲା ରୁଜୁ ହୋଇଛି ବୋଲି ପ୍ରକାଶ କରିଛନ୍ତି ।

---

୧୫) ରେଖା ୧୫-୧୬ : ଏହି ରେଖା ବିନ୍ଦୁ-୧୫ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୧୬ ଠାରେ ଯାଇ ମିଶିଛି ।
୧୬) ରେଖା ୧୬-୧୭ : ଏହି ରେଖା ବିନ୍ଦୁ-୧୬ ରୁ ବାହାରି ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୧୭ ଠାରେ ଯାଇ ମିଶିଛି ।
୧୭) ରେଖା ୧୭-୧୮ : ଏହି ରେଖା ବିନ୍ଦୁ-୧୭ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୧୮ ଠାରେ ଯାଇ ମିଶିଛି ।
୧୮) ରେଖା ୧୮-୧୯ : ଏହି ରେଖା ବିନ୍ଦୁ-୧୮ ରୁ ବାହାରି ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୧୯ ଠାରେ ଯାଇ ମିଶିଛି ।
୧୯) ରେଖା ୧୯-୨୦ : ଏହି ରେଖା ବିନ୍ଦୁ-୧୯ ରୁ ବାହାରି ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୨୦ ଠାରେ ଯାଇ ମିଶିଛି ।
୨୦) ରେଖା ୨୦-୨୧ : ଏହି ରେଖା ବିନ୍ଦୁ-୨୦ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୨୧ ଠାରେ ଯାଇ ମିଶିଛି ।
୨୧) ରେଖା ୨୧-୨୨ : ଏହି ରେଖା ବିନ୍ଦୁ-୨୧ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୨୨ ଠାରେ ଯାଇ ମିଶିଛି ।
୨୨) ରେଖା ୨୨-୨୩ : ଏହି ରେଖା ବିନ୍ଦୁ-୨୨ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୨୩ ଠାରେ ଯାଇ ମିଶିଛି ।
୨୩) ରେଖା ୨୩-୨୪ : ଏହି ରେଖା ବିନ୍ଦୁ-୨୩ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୨୪ ଠାରେ ଯାଇ ମିଶିଛି ।
୨୪) ରେଖା ୨୪-୨୫ : ଏହି ରେଖା ବିନ୍ଦୁ-୨୪ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୨୫ ଠାରେ ଯାଇ ମିଶିଛି ।
୨୫) ରେଖା ୨୫-୨୬ : ଏହି ରେଖା ବିନ୍ଦୁ-୨୫ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୨୬ ଠାରେ ଯାଇ ମିଶିଛି ।
୨୬) ରେଖା ୨୬-୨୭ : ଏହି ରେଖା ବିନ୍ଦୁ-୨୬ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ହାଣ୍ଡିଗୋଡା ଗାଁର ବିନ୍ଦୁ-୨୭ ଠାରେ ଯାଇ ମିଶିଛି ।
୨୭) ରେଖା ୨୭-୨୮ : ଏହି ରେଖା ବିନ୍ଦୁ-୨୭ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ତେନ୍ତୁଳୋଇ-କୋଡାସାହି ଗାଁର ବିନ୍ଦୁ-୨୮ ଠାରେ ଯାଇ ମିଶିଛି ।
୨୮) ରେଖା ୨୮-୨୯ : ଏହି ରେଖା ବିନ୍ଦୁ-୨୮ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ତେନ୍ତୁଳୋଇ-କୋଡାସାହି ଗାଁର ବିନ୍ଦୁ-୨୯ ଠାରେ ଯାଇ ମିଶିଛି ।
୨୯) ରେଖା ୨୯-୩୦ : ଏହି ରେଖା ବିନ୍ଦୁ-୨୯ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ତେନ୍ତୁଳୋଇ-କୋଡାସାହି ଗାଁର ବିନ୍ଦୁ-୩୦ ଠାରେ ଯାଇ ମିଶିଛି ।
୩୦) ରେଖା ୩୦-୩୧ : ଏହି ରେଖା ବିନ୍ଦୁ-୩୦ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ତେନ୍ତୁଳୋଇ-କୋଡାସାହି ଗାଁର ବିନ୍ଦୁ-୩୧ ଠାରେ ଯାଇ ମିଶିଛି ।
୩୧) ରେଖା ୩୧-୩୨ : ଏହି ରେଖା ବିନ୍ଦୁ-୩୧ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ତେନ୍ତୁଳୋଇ-କୋଡାସାହି ଗାଁର ବିନ୍ଦୁ-୩୨ ଠାରେ ଯାଇ ମିଶିଛି ।
୩୨) ରେଖା ୩୨-୩୩ : ଏହି ରେଖା ବିନ୍ଦୁ-୩୨ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ତେନ୍ତୁଳୋଇ-କୋଡାସାହି ଗାଁର ବିନ୍ଦୁ-୩୩ ଠାରେ ଯାଇ ମିଶିଛି ।
୩୩) ରେଖା ୩୩-୩୪ : ଏହି ରେଖା ବିନ୍ଦୁ-୩୩ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ତେନ୍ତୁଳୋଇ-କୋଡାସାହି ଗାଁର ବିନ୍ଦୁ-୩୪ ଠାରେ ଯାଇ ମିଶିଛି ।
୩୪) ରେଖା ୩୪-୩୫ : ଏହି ରେଖା ବିନ୍ଦୁ-୩୪ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ତେନ୍ତୁଳୋଇ-କୋଡାସାହି ଗାଁର ବିନ୍ଦୁ-୩୫ ଠାରେ ଯାଇ ମିଶିଛି ।
୩୫) ରେଖା ୩୫-୩୬ : ଏହି ରେଖା ବିନ୍ଦୁ-୩୫ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ତେନ୍ତୁଳୋଇ-କୋଡାସାହି ଜଙ୍ଗଲ ଗାଁର ବିନ୍ଦୁ-୩୬ ଠାରେ ଯାଇ ମିଶିଛି।
୩୬) ରେଖା ୩୬-୩୭ : ଏହି ରେଖା ବିନ୍ଦୁ-୩୬ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୩୭ ଠାରେ ଯାଇ ମିଶିଛି ।
୩୭) ରେଖା ୩୭-୩୮ : ଏହି ରେଖା ବିନ୍ଦୁ-୩୭ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୩୮ ଠାରେ ଯାଇ ମିଶିଛି ।
୩୮) ରେଖା ୩୮-୩୯ : ଏହି ରେଖା ବିନ୍ଦୁ-୩୮ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୩୯ ଠାରେ ଯାଇ ମିଶିଛି ।
୩୯) ରେଖା ୩୯-୪୦ : ଏହି ରେଖା ବିନ୍ଦୁ-୩୯ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୪୦ ଠାରେ ଯାଇ ମିଶିଛି ।
୪୦) ରେଖା ୪୦-୪୧ : ଏହି ରେଖା ବିନ୍ଦୁ-୪୦ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୪୧ ଠାରେ ଯାଇ ମିଶିଛି ।
୪୧) ରେଖା ୪୧-୪୨ : ଏହି ରେଖା ବିନ୍ଦୁ-୪୧ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୪୨ ଠାରେ ଯାଇ ମିଶିଛି ।
୪୨) ରେଖା ୪୨-୪୩ : ଏହି ରେଖା ବିନ୍ଦୁ-୪୨ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୪୩ ଠାରେ ଯାଇ ମିଶିଛି ।
୪୩) ରେଖା ୪୩-୪୪ : ଏହି ରେଖା ବିନ୍ଦୁ-୪୩ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୪୪ ଠାରେ ଯାଇ ମିଶିଛି ।
୪୪) ରେଖା ୪୪-୪୫ : ଏହି ରେଖା ବିନ୍ଦୁ-୪୪ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୪୫ ଠାରେ ଯାଇ ମିଶିଛି ।
୪୫) ରେଖା ୪୫-୪୬ : ଏହି ରେଖା ବିନ୍ଦୁ-୪୫ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୪୬ ଠାରେ ଯାଇ ମିଶିଛି ।
୪୬) ରେଖା ୪୬-୪୭ : ଏହି ରେଖା ବିନ୍ଦୁ-୪୬ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୪୭ ଠାରେ ଯାଇ ମିଶିଛି ।
୪୭) ରେଖା ୪୭-୪୮ : ଏହି ରେଖା ବିନ୍ଦୁ-୪୭ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୪୮ ଠାରେ ଯାଇ ମିଶିଛି ।
୪୮) ରେଖା ୪୮-୪୯ : ଏହି ରେଖା ବିନ୍ଦୁ-୪୮ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୪୯ ଠାରେ ଯାଇ ମିଶିଛି ।
୪୯) ରେଖା ୪୯-୫୦ : ଏହି ରେଖା ବିନ୍ଦୁ-୪୯ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୫୦ ଠାରେ ଯାଇ ମିଶିଛି ।
୫୦) ରେଖା ୫୦-୫୧ : ଏହି ରେଖା ବିନ୍ଦୁ-୫୦ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୫୧ ଠାରେ ଯାଇ ମିଶିଛି ।
୫୧) ରେଖା ୫୧-୫୨ : ଏହି ରେଖା ବିନ୍ଦୁ-୫୧ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୫୨ ଠାରେ ଯାଇ ମିଶିଛି ।
୫୨) ରେଖା ୫୨-୫୩ : ଏହି ରେଖା ବିନ୍ଦୁ-୫୨ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୫୩ ଠାରେ ଯାଇ ମିଶିଛି ।
୫୩) ରେଖା ୫୩-୫୪ : ଏହି ରେଖା ବିନ୍ଦୁ-୫୩ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲର ବିନ୍ଦୁ-୫୪ ଠାରେ ଯାଇ ମିଶିଛି ।
୫୪) ରେଖା ୫୪-୫୫ : ଏହି ରେଖା ବିନ୍ଦୁ-୫୪ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲର ବିନ୍ଦୁ-୫୫ ଠାରେ ଯାଇ ମିଶିଛି ।
୫୫) ରେଖା ୫୫-୫୬ : ଏହି ରେଖା ବିନ୍ଦୁ-୫୫ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲର ବିନ୍ଦୁ-୫୬ଠାରେ ଯାଇ ମିଶିଛି ।
୫୬) ରେଖା ୫୬-୫୭ : ଏହି ରେଖା ବିନ୍ଦୁ-୫୬ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୫୭ ଠାରେ ଯାଇ ମିଶିଛି ।
୫୭) ରେଖା ୫୭-୫୮ : ଏହି ରେଖା ବିନ୍ଦୁ-୫୭ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୫୮ ଠାରେ ଯାଇ ମିଶିଛି ।
୫୮) ରେଖା ୫୮-୫୯ : ଏହି ରେଖା ବିନ୍ଦୁ-୫୮ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୫୯ ଠାରେ ଯାଇ ମିଶିଛି ।
୫୯) ରେଖା ୫୯-୬୦ : ଏହି ରେଖା ବିନ୍ଦୁ-୫୯ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୬୦ ଠାରେ ଯାଇ ମିଶିଛି ।
୬୦) ରେଖା ୬୦-୬୧ : ଏହି ରେଖା ବିନ୍ଦୁ-୬୦ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୬୧ ଠାରେ ଯାଇ ମିଶିଛି ।
୬୧) ରେଖା ୬୧-୬୨ : ଏହି ରେଖା ବିନ୍ଦୁ-୬୧ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୬୨ ଠାରେ ଯାଇ ମିଶିଛି ।
୬୨) ରେଖା ୬୨-୬୩ : ଏହି ରେଖା ବିନ୍ଦୁ-୬୨ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୬୩ ଠାରେ ଯାଇ ମିଶିଛି ।
୬୩) ରେଖା ୬୩-୬୪ : ଏହି ରେଖା ବିନ୍ଦୁ-୬୩ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୬୪ ଠାରେ ଯାଇ ମିଶିଛି ।
୬୪) ରେଖା ୬୪-୬୫ : ଏହି ରେଖା ବିନ୍ଦୁ-୬୪ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୬୫ ଠାରେ ଯାଇ ମିଶିଛି ।
୬୫) ରେଖା ୬୫-୬୬ : ଏହି ରେଖା ବିନ୍ଦୁ-୬୫ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୬୬ ଠାରେ ଯାଇ ମିଶିଛି ।
୬୬) ରେଖା ୬୬-୬୭ : ଏହି ରେଖା ବିନ୍ଦୁ-୬୬ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୬୭ ଠାରେ ଯାଇ ମିଶିଛି ।
୬୭) ରେଖା ୬୭-୬୮ : ଏହି ରେଖା ବିନ୍ଦୁ-୬୭ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୬୮ ଠାରେ ଯାଇ ମିଶିଛି ।
୬୮) ରେଖା ୬୮-୬୯ : ଏହି ରେଖା ବିନ୍ଦୁ-୬୮ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୬୯ ଠାରେ ଯାଇ ମିଶିଛି ।
୬୯) ରେଖା ୬୯-୭୦ : ଏହି ରେଖା ବିନ୍ଦୁ-୬୯ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୭୦ ଠାରେ ଯାଇ ମିଶିଛି ।
୭୦) ରେଖା ୭୦-୭୧ : ଏହି ରେଖା ବିନ୍ଦୁ-୭୦ ରୁ ବାହାରି ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୭୧ ଠାରେ ଯାଇ ମିଶିଛି ।
୭୧) ରେଖା ୭୧-୭୨ : ଏହି ରେଖା ବିନ୍ଦୁ-୭୧ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୭୨ ଠାରେ ଯାଇ ମିଶିଛି ।
୭୨) ରେଖା ୭୨-୭୩ : ଏହି ରେଖା ବିନ୍ଦୁ-୭୨ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୭୩ ଠାରେ ଯାଇ ମିଶିଛି ।
୭୩) ରେଖା ୭୩-୭୪ : ଏହି ରେଖା ବିନ୍ଦୁ-୭୩ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୭୪ ଠାରେ ଯାଇ ମିଶିଛି ।
୭୪) ରେଖା ୭୪-୭୫ : ଏହି ରେଖା ବିନ୍ଦୁ-୭୪ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୭୫ ଠାରେ ଯାଇ ମିଶିଛି ।
୭୫) ରେଖା ୭୫-୭୬ : ଏହି ରେଖା ବିନ୍ଦୁ-୭୫ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୭୬ ଠାରେ ଯାଇ ମିଶିଛି ।
୭୬) ରେଖା ୭୬-୭୭ : ଏହି ରେଖା ବିନ୍ଦୁ-୭୬ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୭୭ ଠାରେ ଯାଇ ମିଶିଛି ।
୭୭) ରେଖା ୭୭-୭୮ : ଏହି ରେଖା ବିନ୍ଦୁ-୭୭ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୭୮ ଠାରେ ଯାଇ ମିଶିଛି ।
୭୮) ରେଖା ୭୮-୭୯ : ଏହି ରେଖା ବିନ୍ଦୁ-୭୮ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୭୯ ଠାରେ ଯାଇ ମିଶିଛି ।
୭୯) ରେଖା ୭୯-୮୦ : ଏହି ରେଖା ବିନ୍ଦୁ-୭୯ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୮୦ ଠାରେ ଯାଇ ମିଶିଛି ।
୮୦) ରେଖା ୮୦-୮୧ : ଏହି ରେଖା ବିନ୍ଦୁ-୮୦ ରୁ ବାହାରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୮୧ ଠାରେ ଯାଇ ମିଶିଛି ।
୮୧) ରେଖା ୮୧-୮୨ : ଏହି ରେଖା ବିନ୍ଦୁ-୮୧ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୮୨ ଠାରେ ଯାଇ ମିଶିଛି ।
୮୨) ରେଖା ୮୨-୮୩ : ଏହି ରେଖା ବିନ୍ଦୁ-୮୨ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୮୩ ଠାରେ ଯାଇ ମିଶିଛି ।
୮୩) ରେଖା ୮୩-୮୪ : ଏହି ରେଖା ବିନ୍ଦୁ-୮୩ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୮୪ ଠାରେ ଯାଇ ମିଶିଛି ।
୮୪) ରେଖା ୮୪-୮୫ : ଏହି ରେଖା ବିନ୍ଦୁ-୮୪ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୮୫ ଠାରେ ଯାଇ ମିଶିଛି ।
୮୫) ରେଖା ୮୫-୮୬ : ଏହି ରେଖା ବିନ୍ଦୁ-୮୫ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୮୬ ଠାରେ ଯାଇ ମିଶିଛି ।
୮୬) ରେଖା ୮୬-୮୭ : ଏହି ରେଖା ବିନ୍ଦୁ-୮୬ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୮୭ ଠାରେ ଯାଇ ମିଶିଛି ।
୮୭) ରେଖା ୮୭-୮୮ : ଏହି ରେଖା ବିନ୍ଦୁ-୮୭ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୮୮ ଠାରେ ଯାଇ ମିଶିଛି ।
୮୮) ରେଖା ୮୮-୮୯ : ଏହି ରେଖା ବିନ୍ଦୁ-୮୮ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୮୯ ଠାରେ ଯାଇ ମିଶିଛି ।
୮୯) ରେଖା ୮୯-୯୦ : ଏହି ରେଖା ବିନ୍ଦୁ-୮୯ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୯୦ ଠାରେ ଯାଇ ମିଶିଛି ।
୯୦) ରେଖା ୯୦-୯୧ : ଏହି ରେଖା ବିନ୍ଦୁ-୯୦ ରୁ ବାହାରି ଉତ୍ତର ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୯୧ ଠାରେ ଯାଇ ମିଶିଛି ।
୯୧) ରେଖା ୯୧-୯୨ : ଏହି ରେଖା ବିନ୍ଦୁ-୯୧ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୯୨ ଠାରେ ଯାଇ ମିଶିଛି ।
୯୨) ରେଖା ୯୨-୯୩ : ଏହି ରେଖା ବିନ୍ଦୁ-୯୨ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୯୩ ଠାରେ ଯାଇ ମିଶିଛି ।
୯୩) ରେଖା ୯୩-୯୪ : ଏହି ରେଖା ବିନ୍ଦୁ-୯୩ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୯୪ ଠାରେ ଯାଇ ମିଶିଛି ।
୯୪) ରେଖା ୯୪-୯୫ : ଏହି ରେଖା ବିନ୍ଦୁ-୯୪ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୯୫ ଠାରେ ଯାଇ ମିଶିଛି ।
୯୫) ରେଖା ୯୫-୯୬ : ଏହି ରେଖା ବିନ୍ଦୁ-୯୫ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୯୬ ଠାରେ ଯାଇ ମିଶିଛି ।
୯୬) ରେଖା ୯୬-୯୭ : ଏହି ରେଖା ବିନ୍ଦୁ-୯୬ ରୁ ବାହାରି ଉତ୍ତର-ପୂର୍ବ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୯୭ ଠାରେ ଯାଇ ମିଶିଛି ।
୯୭) ରେଖା ୯୭-୯୮ : ଏହି ରେଖା ବିନ୍ଦୁ-୯୭ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୯୮ ଠାରେ ଯାଇ ମିଶିଛି ।
୯୮) ରେଖା ୯୮-୯୯ : ଏହି ରେଖା ବିନ୍ଦୁ-୯୮ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୯୯ ଠାରେ ଯାଇ ମିଶିଛି ।
୯୯) ରେଖା ୯୯-୧୦୦ : ଏହି ରେଖା ବିନ୍ଦୁ-୯୯ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୧୦୦ ଠାରେ ଯାଇ ମିଶିଛି ।
୧୦୦) ରେଖା ୧୦୦-୧୦୧ : ଏହି ରେଖା ବିନ୍ଦୁ-୧୦୦ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୧୦୧ ଠାରେ ଯାଇ ମିଶିଛି ।
୧୦୧) ରେଖା ୧୦୧-୧୦୨ : ଏହି ରେଖା ବିନ୍ଦୁ-୧୦୧ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୧୦୨ ଠାରେ ଯାଇ ମିଶିଛି ।
୧୦୨) ରେଖା ୧୦୨-୧୦୩ : ଏହି ରେଖା ବିନ୍ଦୁ-୧୦୨ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୧୦୩ ଠାରେ ଯାଇ ମିଶିଛି ।
୧୦୩) ରେଖା ୧୦୩-୧୦୪ : ଏହି ରେଖା ବିନ୍ଦୁ-୧୦୩ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୧୦୪ ଠାରେ ଯାଇ ମିଶିଛି ।
୧୦୪) ରେଖା ୧୦୪-୧୦୫ : ଏହି ରେଖା ବିନ୍ଦୁ-୧୦୪ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୧୦୫ ଠାରେ ଯାଇ ମିଶିଛି ।
୧୦୫) ରେଖା ୧୦୫-୧୦୬ : ଏହି ରେଖା ବିନ୍ଦୁ-୧୦୫ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୧୦୬ ଠାରେ ଯାଇ ମିଶିଛି ।
୧୦୬) ରେଖା ୧୦୬-୧୦୭ : ଏହି ରେଖା ବିନ୍ଦୁ-୧୦୬ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛେଣ୍ଡିପଦା ଜଙ୍ଗଲ ଗାଁର ବିନ୍ଦୁ-୧୦୭ ଠାରେ ଯାଇ ମିଶିଛି ।
୧୦୭) ରେଖା ୧୦୭-୧୦୮ : ଏହି ରେଖା ବିନ୍ଦୁ-୧୦୭ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୦୮ ଠାରେ ଯାଇ ମିଶିଛି ।
୧୦୮) ରେଖା ୧୦୮-୧୦୯ : ଏହି ରେଖା ବିନ୍ଦୁ-୧୦୮ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୦୯ ଠାରେ ଯାଇ ମିଶିଛି ।
୧୦୯) ରେଖା ୧୦୯-୧୧୦ : ଏହି ରେଖା ବିନ୍ଦୁ-୧୦୯ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୧୦ ଠାରେ ଯାଇ ମିଶିଛି ।
୧୧୦) ରେଖା ୧୧୦-୧୧୧ : ଏହି ରେଖା ବିନ୍ଦୁ-୧୧୦ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୧୧ ଠାରେ ଯାଇ ମିଶିଛି ।
୧୧୧) ରେଖା ୧୧୧-୧୧୨ : ଏହି ରେଖା ବିନ୍ଦୁ-୧୧୧ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୧୨ ଠାରେ ଯାଇ ମିଶିଛି ।
୧୧୨) ରେଖା ୧୧୨-୧୧୩ : ଏହି ରେଖା ବିନ୍ଦୁ-୧୧୨ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୧୩ ଠାରେ ଯାଇ ମିଶିଛି ।
୧୧୩) ରେଖା ୧୧୩-୧୧୪ : ଏହି ରେଖା ବିନ୍ଦୁ-୧୧୩ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୧୪ ଠାରେ ଯାଇ ମିଶିଛି ।
୧୧୪) ରେଖା ୧୧୪-୧୧୫ : ଏହି ରେଖା ବିନ୍ଦୁ-୧୧୪ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୧୫ ଠାରେ ଯାଇ ମିଶିଛି ।
୧୧୫) ରେଖା ୧୧୫-୧୧୬ : ଏହି ରେଖା ବିନ୍ଦୁ-୧୧୫ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୧୬ ଠାରେ ଯାଇ ମିଶିଛି ।
୧୧୬) ରେଖା ୧୧୬-୧୧୭ : ଏହି ରେଖା ବିନ୍ଦୁ-୧୧୬ ରୁ ବାହାରି ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୧୭ ଠାରେ ଯାଇ ମିଶିଛି ।
୧୧୭) ରେଖା ୧୧୭-୧୧୮ : ଏହି ରେଖା ବିନ୍ଦୁ-୧୧୭ ରୁ ବାହାରି ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୧୮ ଠାରେ ଯାଇ ମିଶିଛି ।
୧୧୮) ରେଖା ୧୧୮-୧୧୯ : ଏହି ରେଖା ବିନ୍ଦୁ-୧୧୮ ରୁ ବାହାରି ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୧୯ ଠାରେ ଯାଇ ମିଶିଛି ।
୧୧୯) ରେଖା ୧୧୯-୧୨୦ : ଏହି ରେଖା ବିନ୍ଦୁ-୧୧୯ ରୁ ବାହାରି ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୨୦ ଠାରେ ଯାଇ ମିଶିଛି ।
୧୨୦) ରେଖା ୧୨୦-୧୨୧ : ଏହି ରେଖା ବିନ୍ଦୁ-୧୨୦ ରୁ ବାହାରି ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୨୧ ଠାରେ ଯାଇ ମିଶିଛି ।
୧୨୧) ରେଖା ୧୨୧-୧୨୨ : ଏହି ରେଖା ବିନ୍ଦୁ-୧୨୧ ରୁ ବାହାରି ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୨୨ ଠାରେ ଯାଇ ମିଶିଛି ।
୧୨୨) ରେଖା ୧୨୨-୧୨୩ : ଏହି ରେଖା ବିନ୍ଦୁ-୧୨୨ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୨୩ ଠାରେ ଯାଇ ମିଶିଛି ।
୧୨୩) ରେଖା ୧୨୩-୧୨୪ : ଏହି ରେଖା ବିନ୍ଦୁ-୧୨୩ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୨୪ ଠାରେ ଯାଇ ମିଶିଛି ।
୧୨୪) ରେଖା ୧୨୪-୧୨୫ : ଏହି ରେଖା ବିନ୍ଦୁ-୧୨୪ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୨୫ ଠାରେ ଯାଇ ମିଶିଛି ।
୧୨୫) ରେଖା ୧୨୫-୧୨୬ : ଏହି ରେଖା ବିନ୍ଦୁ-୧୨୫ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୨୬ ଠାରେ ଯାଇ ମିଶିଛି ।
୧୨୬) ରେଖା ୧୨୬-୧୨୭ : ଏହି ରେଖା ବିନ୍ଦୁ-୧୨୬ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୨୭ ଠାରେ ଯାଇ ମିଶିଛି ।
୧୨୭) ରେଖା ୧୨୭-୧୨୮ : ଏହି ରେଖା ବିନ୍ଦୁ-୧୨୭ ରୁ ବାହାରି ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୨୮ ଠାରେ ଯାଇ ମିଶିଛି ।
୧୨୮) ରେଖା ୧୨୮-୧୨୯ : ଏହି ରେଖା ବିନ୍ଦୁ-୧୨୮ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧୨୯ ଠାରେ ଯାଇ ମିଶିଛି ।
୧୨୯) ରେଖା ୧୨୯-୧ : ଏହି ରେଖା ବିନ୍ଦୁ-୧୨୯ ରୁ ବାହାରି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୋଡପଡା ଗାଁର ବିନ୍ଦୁ-୧ ଠାରେ ଯାଇ ମିଶିଛି ।